ଓଡ଼ିଶା ଭାସ୍କର
ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯ Vol. 21 No-29 27 APRIL 2024 SATURDAY BHUBANESWAR ଶନିବାର, ୨୭ ଏପ୍ରିଲ୍ ୨୦୨୪ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ମମତାଙ୍କ ଗଡ଼ରେ ଗର୍ଜିଲେ ମୋଦୀ |୧୦

ଖୁବଶୀଘ୍ର ଆସିବ 'ବଜରଙ୍ଗୀ ଭାଇଜାନ ୨' |୧୨

ସଂକ୍ଷେପରେ...

୨୮ରେ ନଡ୍ଡାଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨୬।୪(ଭାସ୍କର ନ୍ୟୁଜ): ଓଡ଼ିଶାରେ ନିର୍ବାଚନ ମାହୋଲ ସରଗରମ ହୋଇ ଉଠୁଥିବାବେଳେ ଜଣକ ପରେ ଜଣେ କେନ୍ଦ୍ରୀୟ ନେତା ଓଡ଼ିଶା ଆସୁଛନ୍ତି। ଅମିତ ଶାହାଙ୍କ ପରେ ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସିବେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା। ସେ ବ୍ରହ୍ମପୁରରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ପରେ ନବରଙ୍ଗପୁର ଯାଇ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

ଯାଞ୍ଚବେଳେ ୮ଲକ୍ଷ ଟଙ୍କା ଜବତ

କୁଚିଣ୍ଡା,୨୬।୪(ଭାସ୍କର ନ୍ୟୁଜ): ଶୁକ୍ରବାର କୁଚିଣ୍ଡାର ଦୁଇଟି ସ୍ଥାନରୁ ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ୭ଲକ୍ଷ ୮୮ ହଜାର ଟଙ୍କା ଜବତ କରିଛନ୍ତି। ଦୁଇଜଣଙ୍କଠାରୁ ଏହି ଟଙ୍କା ଜବତ କରାଯାଇଥିବାବେଳେ ସେମାନଙ୍କୁ ପଚରାଉଚୁରା କରାଯାଉଛି। ଏଥିପୂର୍ବରୁ ନୂଆପଡ଼ାର ଖରିଆରରୋଡ୍‌ରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୩ ଲକ୍ଷ ଟଙ୍କାରୁ ଅଧିକ ଜବତ ହୋଇଥିବା ସୂଚନା ମିଳିଛି।

ଦୁର୍ଘଟଣାରେ ୩ ମୃତ

ସୁନ୍ଦରଗଡ଼,୨୬।୪(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା ଭସ୍ମା ଥାନା ଦର୍ଲିପାଲି ନିକଟରେ ବାଇକ୍ ଆରୋହୀଙ୍କ ଉପରେ ଏକ ଟ୍ରକ୍ ଚଢିଯିବାରୁ ୩ ଜଣଙ୍କର ମୃତ୍ୟୁ ହୋଇଛି। ପୋଲିସ ୩ଜଣଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସେନ୍‌ସେକ୍ସ: ୭୩,୭୩୦.୧୬
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୪୦.୦୫ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

୨୬।୪।୨୦୨୪ର ମତାମତ

ବାରମ୍ବାର ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ ହେଉଥିବାବେଳେ ଏହାକୁ ରୋକାଯିବା ଉଚିତ ନୁହେଁ କି ?



ଆଜିର ପ୍ରସଙ୍ଗ

ନିର୍ବାଚନ ସମୟରେ ଜବତ ହେଉଥିବା ମୋଟା ଅଙ୍କର ଟଙ୍କାକୁ ବାଜ୍ୟାପ୍ତି କରାଯିବା ଉଚିତ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ ସରିଲା ଆଉ ରହିଗଲା ପାଞ୍ଚ ରାଜନୀତିଆଙ୍କ ଛାତି ଧଡ଼ଧଡ଼ ମାରୁଛନ୍ତି ଖାଲି ପେଞ୍ଚ ଇଭିଏମ୍ ମେସିନ ଖେଞ୍ଚ ଜୁନ୍ ଚାରିରେ ଜଣାପଡ଼ିଯିବ କିଏ ପାଞ୍ଚ କିଏ ପଞ୍ଚ...।

- ଆହୁରି ୫ଦିନ ମିଳିବନି ନିସ୍ତାର
- ୨ରୁ ୬ ଡିଗ୍ରୀ ବୃଦ୍ଧି ପାଇବ ପାରଦ
- ୯ ଜିଲ୍ଲାପାଇଁ ରେଡ୍ ଆଲର୍ଟ ଜାରି
- ୪୦ ଡିଗ୍ରୀ ଉପରେ ୩୨ ସହର
- ୪୪.୬ ଡିଗ୍ରୀ ସହ ଅନୁଗୋଳ ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୨୬।୪(ଭାସ୍କର ନ୍ୟୁଜ): ଭୟଙ୍କର ହେଉଛି ତାତି। ତା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ନା ଘରୁ ବାହାରି ହେଉଛି ନା ଘରେ ବସି ହେଉଛି। ସେଥିପାଇଁ ଜୀବନଯାତ୍ରା ଏକପ୍ରକାର ଅସ୍ତବ୍ୟସ୍ତ ହୋଇ ଉଠିଛି। ଆଗାମୀ ୫ ଦିନ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ପୂର୍ବାନୁମାନ କରିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେ କହିଛନ୍ତି, ତାତିରେ ଓଡ଼ିଶା ଜଳୁଛି। ଗ୍ରୀଷ୍ମପ୍ରବାହ ପାଇଁ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ସିଭିୟରରୁ ସିଭିୟର ହିଟ୍‌ୱେଭ୍ ପାଇଁ ୯ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ବଲାଙ୍ଗୀର, ନୂଆପଡ଼ା ଏବଂ କଳାହାଣ୍ଡି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି। ନିର୍ଦ୍ଦେଶିକା କହିଛନ୍ତି ଯେ ସକାଳ ୧୧ଟାରୁ ଅପରାହ୍ନ ୩ଟା ଭିତରେ ଘରୁ ବାହାରିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଜରୁରି। ସେହିପରି ଶନିବାର ଓ ରବିବାର ପ୍ରଚଣ୍ଡ ଖରା ପାଇଁ ମଧ୍ୟ ସତର୍କ କରି ଦିଆଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ୧୮ଟି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ୪୫ରୁ ୪୮ ଡିଗ୍ରୀ ତାପମାତ୍ରା ଛୁଇଁବାର ସମ୍ଭାବନା ରହିଛି। ଏହି ସମୟରେ ଶିଶୁ, ବୟସ୍କ, ରୋଗୀ ଓ ଗର୍ଭବତୀଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ମଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ତାତିରୁ ତ୍ରାହି ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଜାରି ରହିବ। ସେହିପରି ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ରହିଛି। ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବ ବୋଲି ସୂଚନା ଦିଆଯାଇଛି। ଶୁକ୍ରବାର ରାଜ୍ୟର ୩୨ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ତେବେ ୪୪.୬ ଡିଗ୍ରୀ ସହ ଅନୁଗୋଳ ସବୁଠୁ ଉତ୍ତପ୍ତ ସହର ଭାବେ ମାନ୍ୟତା ପାଇଛି। ସେହିପରି ବୌଦ୍ଧରେ ଦିନର ତାପମାତ୍ରା ୪୪.୫ ଡିଗ୍ରୀ ରହିଥିବାବେଳେ ନୂଆପଡ଼ା ଓ ବଲାଙ୍ଗୀରରେ ୪୪, ବାରିପଦାରେ ୪୩.୮, ଟିଟିଲାଗଡ଼, ଯାଜପୁର, ସମ୍ବଲପୁର ଓ ହୀରାକୁଦରେ ୪୩.୬, ଝାରସୁଗୁଡ଼ା ଓ ତାଳଚେରରେ ୪୩.୫, ଢେଙ୍କାନାଳରେ ୪୩.୧, ନୟାଗଡ଼ରେ ୪୨.୮, ଭବାନୀପାଟଣାରେ ୪୨.୬, ମାଲକାନଗିରିରେ ୪୨.୫, ସୁନ୍ଦରଗଡ଼, ● ପୃଷ୍ଠା ୮ ଦେଖନ୍ତୁ

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ବିଜ୍ଞପ୍ତି ଜାରି

ମଇ ୨୦ରେ ମତଦାନ

୫ ସଂସଦୀୟ କ୍ଷେତ୍ର, ୩୫ ବିଧାନସଭା ଆସନରେ ହେବ ଭୋଟ

ନାମାଙ୍କନ ଦାଖଲର ଶେଷ ତାରିଖ ମଇ ୩

୪ରେ ପ୍ରାର୍ଥିପତ୍ର ଯାଞ୍ଚ, ୬ ସୁଦ୍ଧା ପ୍ରତ୍ୟାହାର

ଭୁବନେଶ୍ୱର,୨୬।୪(ଭାସ୍କର ନ୍ୟୁଜ): ଆସନ୍ତା ମଇ ୨୦ ତାରିଖରେ ଓଡ଼ିଶାରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍। ଏଥିପାଇଁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ସହ ଏହି ସଂସଦୀୟ କ୍ଷେତ୍ରଗୁଡ଼ିକରେ ଥିବା ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ୨୬ ତାରିଖଠାରୁ ନାମାଙ୍କନ ପ୍ରକ୍ରିୟା ଦାଖଲ ଆରମ୍ଭ ହୋଇଛି। ଏହାର ଶେଷ ତାରିଖ ମଇ ୩ ରଖାଯାଇଛି। ସେହିପରି ମଇ ୪ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ ଓ ୬ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇପାରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ବରଗଡ଼ର ପଦ୍ମପୁରରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ କରାଯିବ। ସେହିପରି ବରଗଡ଼ ଲୋକସଭା ଅନ୍ତର୍ଗତ ଅନ୍ୟ ୬ଟି ବିଧାନସଭା କ୍ଷେତ୍ର ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର ଓ ଝାରସୁଗୁଡ଼ାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟଗ୍ରହଣ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରର ବଣାଇରେ ସକାଳ ୭ଟାରୁ ୪ଟା ଯାଏ ଭୋଟଗ୍ରହଣ ହେବାକୁ ଥିବାବେଳେ ଅନ୍ୟ ସମସ୍ତ ୬ ବିଧାନସଭା କ୍ଷେତ୍ର ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ● ପୃଷ୍ଠା ୮ ଦେଖନ୍ତୁ

ମଇ ୧୩ରେ ପ୍ରଥମ ପର୍ଯ୍ୟାୟ ଭୋଟ୍

୩୦୫ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଭୁବନେଶ୍ୱର,୨୬।୪(ଭାସ୍କର ନ୍ୟୁଜ): ଆସନ୍ତା ମଇ ୧୩ ତାରିଖରେ ଓଡ଼ିଶାରେ ହେବ ପ୍ରଥମ ପର୍ଯ୍ୟାୟ ମତଦାନ। ଏହି ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ର ଓ ଏହା ଅଧୀନ ସମସ୍ତ ୨୮ଟି ବିଧାନସଭା କ୍ଷେତ୍ରପାଇଁ ଭୋଟଗ୍ରହଣ କରାଯିବ। ୪ଟି ଲୋକସଭା କ୍ଷେତ୍ରପାଇଁ ୩୯ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କଳାହାଣ୍ଡି ଲୋକସଭା କ୍ଷେତ୍ରପାଇଁ ୧୧ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାବେଳେ ନବରଙ୍ଗପୁର ପାଇଁ ୪, ବ୍ରହ୍ମପୁର ପାଇଁ ୧୧ ଓ କୋରାପୁଟ ଲୋକସଭା କ୍ଷେତ୍ରପାଇଁ ୧୩ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ୨୮ ବିଧାନସଭା ଆସନ ପାଇଁ ୨୬୬ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

ବାଲାଟ୍‌ରେ ମତଦାନକୁ ସୁପ୍ରିମକୋର୍ଟଙ୍କ ନା

ଇଭିଏମ୍ ଭୋଟିଂକୁ ମୋହର

ନୂଆଦିଲ୍ଲୀ,୨୬।୪: ନିର୍ବାଚନରେ ବାଲାଟ ପେପର ଭୋଟିଂ ବ୍ୟବସ୍ଥା ଫେରାଇ ଆଣିବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରି ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଏ ସଂପର୍କିତ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରିବା ସହ ଇଭିଏମ୍ ଜରିଆରେ ଭୋଟ ହେବ ବୋଲି ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲା ଉପରେ ଶୁଣାଣି କରି ଆବେଦନଗୁଡ଼ିକୁ ଖାରଜ କରିବା ସହ କହିଛନ୍ତି ଯେ ଇଭିଏମ୍‌ରେ ଦିଆଯାଉଥିବା ଭୋଟର ଶତ ପ୍ରତିଶତ ଯାଞ୍ଚ କରାଯାଇପାରିବ ନାହିଁ କିମ୍ବା ନିର୍ବାଚନରେ ବାଲାଟ ପେପର ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ। ● ପୃଷ୍ଠା ୮ ଦେଖନ୍ତୁ

ଲୋକସଭାର ୮୮ ଆସନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ

ଭୋଟ ହାର ୬୧%

ନୂଆଦିଲ୍ଲୀ,୨୬।୪: ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ୧୩ ରାଜ୍ୟର ୮୮ଟି ଆସନ ପାଇଁ ଶୁକ୍ରବାର ମତଦାନ କରାଯାଇଥିଲା। ମତଦାନ ପରେ ୧୨୦୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ ହୋଇଯାଇଛି। ମୋଟ ୧୫.୮୮ କୋଟିରୁ ଅଧିକ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ସେଥିମଧ୍ୟରୁ ୮.୦୮ କୋଟି ପୁରୁଷ ଭୋଟର ରହିଥିବାବେଳେ ୭.୮ କୋଟି ମହିଳା ଓ ୫,୯୨୯ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଥିଲେ। ଏଥିପାଇଁ ୧ଲକ୍ଷ ୭୬ ହଜାର ବୁଥ୍ ସ୍ଥାପନ କରାଯାଇଥିଲା। କେରଳର ସମସ୍ତ ୨୦ଟି ଲୋକସଭା ଆସନରେ ମତଦାନ ହୋଇଥିବାବେଳେ କର୍ଣ୍ଣାଟକର ୧୪, ● ପୃଷ୍ଠା ୮ ଦେଖନ୍ତୁ

ଉମରକୋଟ ଓ ଝରିଗାଁରେ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର

ଶଙ୍ଖ ବିକାଶର ପରିଚୟ

୯୦ ପ୍ରତିଶତ ଭୋଟରେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ

ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ

ଆମ ମୁଖ୍ୟମନ୍ତ୍ରୀ ଜନଜାତିଙ୍କୁ ବହୁତ ଭଲ ପାଆନ୍ତି

ଲୋକଙ୍କୁ ବିକାଶର ହିସାବ ଦେଲେ ଶ୍ରୀ ପାଣ୍ଡିଆନ

ଉମରକୋଟ/ଝରିଗାଁ, ୨୬।୪(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ଓ ଝରିଆଁରେ ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି । ବହୁସଂଖ୍ୟାରେ ଆସି ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ । ୯୦ ପ୍ରତିଶତ ଭୋଟରେ ଜିତାନ୍ତୁ । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ନିଜ ଭାଷଣରେ କେନ୍ଦ୍ରମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ତାଙ୍କର ରାଗ ହେଉଛି ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି। ମା' ମାନଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି। ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଆଦି କାର୍ଯ୍ୟକ୍ରମ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ମା' ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେ। ତାଙ୍କୁ ଅନୁରୋଧ ସେ ମା' ମାନଙ୍କୁ ବାରମ୍ବାର ଅପମାନିତ ନ କରନ୍ତୁ, ମା' ମାନେ ତାଙ୍କୁ ଉଚିତ ଜବାବ ଦେବେ। ଆପଣମାନେ ତାଙ୍କୁ ପ୍ରଶ୍ନ ପଚାରନ୍ତୁ, ସେମାନେ ଉତ୍ତର ଦେଇପାରିବେ ● ପୃଷ୍ଠା ୮ ଦେଖନ୍ତୁ

ଭାପୁର,(ଭାସ୍କର ନ୍ୟୁଜ): ଅସହ୍ୟ ତାତି ଦିନ କୁ ଦିନ ବଢିବା ସହିତ ବର୍ତ୍ତମାନ ଭାପୁର ବ୍ଲକ ଅଞ୍ଚଳ ରେ ୪୦ ଡିଗ୍ରୀ ରୁ ଉପରେ ତାପମାତ୍ରା ଅତିକ୍ରମ କରିଛି । ଏହିଭଳି ସ୍ଥିତିକୁ ଦୃଷ୍ଟି ରେ ରଖି ଫତେଗଡ ଥାନାଅଧିକାରୀ ସୁଜିତ୍ କୁମାର ଦାସ ଙ୍କ ତତ୍ତ୍ୱାବଧାନ ରେ ଥାନା ସମ୍ମୁଖରେ ଶୁକ୍ରବାର ଦିନ ଏକ ଜଳଛତ୍ର କାର୍ଯ୍ୟକ୍ରମ କୁ ଖଣ୍ଡପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକାରୀ ବିମଳ କୁମାର ବାରିକ ଉପସ୍ଥିତ ରହି ଶୁଭ ଉଦଘାଟନ କରିଛନ୍ତି । ପ୍ରଥମ ଦିନରେ ଜନସାଧାରଣ ଙ୍କ ପାଇଁ ଦହି ସରବତ ର ବ୍ୟବସ୍ଥା ହୋଇଥିଲା । ଏହି ଦହି ସରବତ ଉଦଘାଟନୀ କାର୍ଯ୍ୟକ୍ରମରେ ଥାନା ର ସମସ୍ତ କର୍ମଚାରୀ ଏବଂ ଭାପୁର ବ୍ଲକ ର ବହୁ ସମାଜସେବୀ, ଜନପ୍ରତିନିଧି,ସମ୍ବାଦଦାତା, ଏବଂ ଶିକ୍ଷାବିତ୍ ଯୋଗ ଦେଇଥିଲେ । ଫତେଗଡ ଥାନା ର ଏତାଦୃଶ କାର୍ଯ୍ୟପାଇଁ ଉପସ୍ଥିତ ବୁଦ୍ଧିଜୀବି ମାନେ ଭୂୟସୀ ପ୍ରଶଂସା କରିଥିଲେ ।

ଜାତୀୟ ରାଜପଥରେ ଜଳିଗଲା ଚଳନ୍ତା ଯାତ୍ରୀବାହୀ ବସ୍

ଢେଙ୍କାନାଳ,(ଭାସ୍କର ନ୍ୟୁଜ): ଚଳନ୍ତା ବସରେ ଘଟିଛି ଅଗ୍ନିକାଣ୍ଡ । ଚାହୁଁ ଚାହୁଁ ହୁ ହୁ ହୋଇ ଜଳିଗଲା ଏହି ଯାତ୍ରୀବାହୀ ବସ । ୫୫ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ସହର ଉପକଣ୍ଠ ଆନନ୍ଦ ମଗର ଠାରେ ଘଟିଛି ଏହି ଭୟଙ୍କର ଅଘଟଣ । ତେବେ ବସରେ ପ୍ରାୟ ୫୦ଜଣ ଯାତ୍ରୀ ଯାଉଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ଖବର ପାଇ ଢେଙ୍କାନାଳ ଅଗ୍ନିଶ୍ରମ ବାହିନୀ ପହଂଚି ନିଆଁ କୁ ଆୟତ କରିଛନ୍ତି । ଅଗ୍ନି କାଣ୍ଡର ସଠିକ କାରଣ କ'ଣ ଜଣାପଡିନାହିଁ । ପ୍ରିୟଂଶୁ ନାମକ ଏହି ଯାତ୍ରୀବାହୀ ବସ ତାଳଚେରରୁ କଟକ ଅଭିମୁଖେ ପ୍ରାୟ ୫୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା ବେଳେ ଅଚାନକ ନିଆଁ ଲାଗିଥିଲା । ଧୂଆଁ ଦେଖି ଡ୍ରାଇଭର ଗାଡିକୁ ତୁରନ୍ତ ଅଟକାଇ ଦେଇଥିଲା । ଫଳରେ ଯାତ୍ରୀମାନେ ବସରୁ ଓହ୍ଲାଇପଡିଥିଲେ । ନିଆଁର ସଠିକ କାରଣ କଣ ଜଣ ପଡି ନଥିଲେ ଅଧ ବସ ତଳୁ ପ୍ରଥମେ ନିଆଁ ଲାଗିଥିଲା ବୋଲି କିଛି ଯାତ୍ରୀ ପ୍ରକାଶ କରିଛନ୍ତି । ଅତ୍ୟଧିକ ଖରା ଓ ଗରମ ଯୋଗୁଁ ବ୍ୟାଟେରୀ ରୁ ପ୍ରଥମେ ନିଆଁ ଲାଗି ଡିଜେଲ ଟ୍ୟାଙ୍କକୁ ନିଆଁ ଧରି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି ।

ଲୁଣାନଦୀର ବେଲମାଳ ଗଣ୍ଡ ସ୍ଥଳର ସ୍ଥିତି ପରଖିଲେ ଜଏଣ୍ଟ କମିଟି

ଡେରାବିଶ,(ଭାସ୍କର ନ୍ୟୁଜ): ମହାନଦୀର ଶାଖାନଦୀ ଲୁଣାନଦୀରେ ବର୍ଷ ତମାମ ପାଣି ପ୍ରବାହିତ ହୋଇଥାଏ ।ଏପରିକି ନିଦାଘ ଖରା ସମୟରେ ମଧ୍ୟ ଏହି ନଦୀର ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ବେଲମାଳ ଠାରେ ଅକାତ କାତ ପାଣି ସହିତ ପାଣିରେ ପ୍ରବଳ ସ୍ରୋତ ମଧ୍ୟ ରହିଥାଏ । ସ୍ଥାନୀୟ ଲୋକମାନେ ଏହାକୁ ବେଲମାଳ ଗଣ୍ଡ ଭାବରେ ନାମିତ କରିଥିବା ବେଳେ ଖରାଦିନେ ମଧ୍ୟ ଏହା ମଧ୍ୟକୁ କେହି ପ୍ରବେଶ କରିନଥାନ୍ତି । ଏହି ସ୍ଥାନରୁ ମାତ୍ର ୨୦୦ ମିଟର ତଳକୁ ଦାନପୁର ସେତୁ ନିର୍ମାଣ କରାଯାଇଛି । ତେବେ ଏହି ବେଲମାଳ ଗଣ୍ଡ ନିକଟରେ ନଦୀର ବାମପାର୍ଶ୍ୱ ବନ୍ଧକୁ ସୁରକ୍ଷା ଦେବାପାଇଁ ବହୁ ପୂର୍ବରୁ ବନ୍ଧରେ ସ୍ପର ନିର୍ମାଣ କାର୍ଯ୍ୟ ହୋଇଥିଲା । ତେବେ ପ୍ରାକୃତିକ ଭାବେ କିଛି ବର୍ଷ ପୂର୍ବରୁ ନଦୀର ଗତିପଥ ବଦଳି ଦକ୍ଷିଣ ପାର୍ଶ୍ୱ ପାଣିଓଳା ଗ୍ରାମରେ ବନ୍ୟାପାଣି ମାଡ଼ ହେବା ଫଳରେ ଗ୍ରାମକୁ ସୁରକ୍ଷା ଦେବା ପାଇଁ ପାଣିଓଳା ନିକଟରେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ସ୍ପର ନିର୍ମାଣ କରାଯାଇଥିଲା । ଏହା ଫଳରେ ପାଣିଓଳା

ଗ୍ରାମକୁ ସୁରକ୍ଷା ମିଳିଲା ଏହି ସ୍ପର ପାଇଁ ନଦୀର ଗତିପଥ ବଦଳି ବାମପାର୍ଶ୍ୱ ବନ୍ଧ କ୍ଷୟ ହେବାକୁ ଲାଗିଲା । ତେଣୁ ଏହାକୁ ସୁରକ୍ଷା ଦେବାପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସ୍ପର କାର୍ଯ୍ୟ ନିର୍ମାଣ ଚାଲିଛି । କିନ୍ତୁ ନିର୍ମାଣଧୀନ ଏହି ସ୍ପର ସ୍ଥଳୀକୁ ଛାଡ଼ିଦେଲା ପରେ ସେଠାରୁ ବହୁ ତଳକୁ ନଦୀର ବାମପାର୍ଶ୍ୱ ବନ୍ଧ ନଦୀର ପ୍ରଖର ସ୍ରୋତ ଖାଇ ଚାଲିଛି । ବନ୍ଧର ସୁରକ୍ଷା ପାଇଁ ଅଂଚଳବାସୀଙ୍କ ତରଫରୁ ବିଭାଗୀୟ କତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଆଜି ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ଜଳସେଚନ ବିଭାଗ ପୁବଂଶ ସେକ୍ସନର ସହକାରୀ ଯନ୍ତ୍ରୀ ଇଂ ନବୀନ କିଶୋର ପାଣିଗ୍ରାହୀ, ଦାନପୁର ରାଜସ୍ୱ ନିରୀକ୍ଷକ ପଲ୍ଲବ ପ୍ରତୀମ ପ୍ରଧାନ, ଦାନପୁର ସରପଂଚଙ୍କ ପ୍ରତିନିଧି ଉମେଶ ଚନ୍ଦ୍ର ତ୍ରିପାଠୀ, ସମାଜସେବୀ ଉତମ କୁମାର ସ୍ୱାଇଁ ପ୍ରମୁଖ ଘଟଣାରେ ଉପସ୍ଥିତ ରହି ନଦୀ ବନ୍ଧର ସ୍ଥିତିକୁ ଯାଞ୍ଚ କରିଥିଲେ । ଏ ସମ୍ପର୍କରେ ଇଂ ପାଣିଗ୍ରାହୀଙ୍କୁ ପଚାରିବାରୁ ସ୍ପର ନିର୍ମାଣ ସ୍ଥଳୀ ଠାରୁ ତଳକୁ ଆଉ ୨୦୦ ମିଟର ପର୍ଯ୍ୟନ୍ତ ବନ୍ଧରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କାର୍ଯ୍ୟର ଆବଶ୍ୟକତା ରହିଛି ଏହାକୁ ଶିଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ସ୍ତରରେ ଉଦ୍ୟମ କରାଯିବ ।

୭ ମାଓବାଦୀ ଗିରଫ, ମାଓ ସମଗ୍ରୀ ଜବତ

ମାଲକାନଗିରି,(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଗଙ୍ଗାଲୁର ଅଞ୍ଚଳରେ ତଲାସି ଅଭିଯାନ ବେଳେ ୭ ମାଓବାଦୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଆଇଡି ବୋମା, ବ୍ୟାଟେରୀ, କର୍ଡେକ୍ସ ତାର, ଜେଲାଟିନ୍ ଷ୍ଟିକ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବର କରିଛି ସୁରକ୍ଷା ବାହିନୀ । ସୂଚନା ଅନୁଯାୟୀ ପୋଲିସ, ଡିଆରଜି, କୋବ୍ରା ଏବଂ ସିଆରପିଏଫ ର ଯବାନ ମାନେ ମିଳିତ ରୂପେ ବିଜାପୁର ଜିଲ୍ଲାର ଗାଙ୍ଗାଲୁର ଥାନା ଅଞ୍ଚଳର ଚୋକାନପାଲ ଜଙ୍ଗଲରେ ତଲାସି ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ୭ ଜଣ ସନ୍ଦିଗ୍ଧ ମହିଳା ଓ ପୁରୁଷ ଯବାନଙ୍କୁ ଦେଖି ଖସିଯିବାକୁ ଚେଷ୍ଟା କରିଥିଲେ । ତେବେ ସୁରକ୍ଷା ବାହିନୀର ମିଳିତ ଦଳ ସେମାନଙ୍କୁ ଘେରି କାବୁ କରିଥିଲେ । ତାଙ୍କୁ ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣା ପଡିଥିଲା । ଏହାପରେ ଯବାନମାନେ ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ସହ ମାଓ ସାମଗ୍ରୀ ଜବତ କରି ୨ ଜଣ ମହିଳା ମାଓବାଦୀଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି ।

ନିଖୋଜ ବୃଦ୍ଧଙ୍କ ସନ୍ଧାନ ମିଳୁନି

ଚିକିଟୀ /ଜରଡ଼ା,(ଭାସ୍କର ନ୍ୟୁଜ): ଥାନା ଅନ୍ତର୍ଗତ ନନ୍ଦିଗାଁ ଗ୍ରାମର ବାଗୀ.ପତି ଗତ ୧୫.୪.୨୦୨୪ତାରିଖ ଠାରୁ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି । ଗଳାବେଳେ ଗ୍ରେ ରଙ୍ଗର ଲୁଙ୍ଗି, ନୀଳ ବାନିୟନ ପିନ୍ଧିଛନ୍ତି । ସୂଚନା ପ୍ରକାରେ ଉକ୍ତ ବ୍ୟକ୍ତି ବୟସଧିକ କାରଣରୁ ଟିକିଏ ଅନ୍ୟମନସ୍କ ହେଉଥିବା ମଧ୍ୟ ତାଙ୍କ ପୁତ୍ର ପ୍ରକାଶ କରିଛନ୍ତି । ଏନେଇ ଗତ ୧୯.୪.୨୦୨୪ରିଖରେ ଜରଦା ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି । ନିଖୋଜ ଦିନଠାରୁ ବର୍ତ୍ତମାନ ସୁଦ୍ଧା ପରିବାର ଲୋକେ ନିଜର ସମସ୍ତ ବନ୍ଧୁବାନ୍ଧବ ଘର ଖୋଜା ଖୋଜି କରିସାରିଲେଣି କିନ୍ତୁ କୌଣସି ଜାଗାରେ ମଧ୍ୟ ସନ୍ଧାନ ପାଇପାରୁନାହାନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କୁ ଦେଖନ୍ତି ତେବେ +୯୧ ୯୭୭୭୦ ୨୬୯୬୭ ଏହି ନମ୍ବର ରେ ଯୋଗା ଯୋଗ କଲିଲେ ଆମେ ଆପଣଙ୍କ ଠାରେ ଚିର ଋଣୀ ରହିବୁ ।

ପୁରୀ ଶିକ୍ଷାଧିକାରୀଙ୍କ ପରୀକ୍ଷା କେନ୍ଦ୍ର ପରିଦର୍ଶନ

କାକଟପୁର,(ଭାସ୍କର ନ୍ୟୁଜ୍): କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଦ୍ରାସା ବୋର୍ଡ ପରୀକ୍ଷା ୧୮/୦୪/ ଗୁରୁବାର ଠାରୁ ଆରମ୍ଭ ହୋଇଛି । ଉକ୍ତ ବିଦ୍ୟାଳୟକ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଅଧିକ୍ଷକ ପ୍ରତାପ କୁମାର ରାଉତ ଓ ସହ ଅଧିକ୍ଷକ ସରୋଜିନୀ ହାନ୍ଦୀ ସୁଚାରୁରୂପେ ପରୀକ୍ଷା କେନ୍ଦ୍ର ପରିଚାଳନା ହେଉଛି । ପରୀକ୍ଷା

କେନ୍ଦ୍ରରେ ମୋଟ ୫୨ ଜଣ ମଧ୍ୟରୁ ୪୬ ଜଣ ପରୀକ୍ଷା ଦେଉଛନ୍ତି । ୬ ଜଣ ଅନୁପସ୍ଥିତ ଅଛନ୍ତି । ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତକୁ ଅଖିଅଗରେ ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଆଜି ପରୀକ୍ଷାର ୫ମ ଦିନରେ ପୁରୀଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାର୍ଥି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସନ୍ତୋଷ ଲାଭ କରିଛନ୍ତି ।

ଜେଲ୍ ନୁହେଁ ବେଲ୍, ବ୍ୟକ୍ତିଗତ ମୁଚଲିକାରେ ଗରିବ ଅଭିଯୁକ୍ତ ମୁକ୍ତ

ମାଲକାନଗିରି,(ଭାସ୍କର ନ୍ୟୁଜ): ଜଣେ ଗରୀବ ଅଭିଯୁକ୍ତ ଏକ ଚୋରି ମାମଲାରେ ଦୀର୍ଘ ଦିନ ଧରି କାରାଗାରରେ ବନ୍ଦି ଜୀବନ ବିତାଉଥିଲା। ଜିଲ୍ଲା ବିଚାରପତି ପ୍ରଥମେ ଏକ ସ୍ୟୁରିଟି ସହ ୩୦ ହଜାର ଟଙ୍କାର ଦଣ୍ଡରେ ଜାମିନ ଯିବା ପାଇଁ ଆଦେଶ ଦେଇଥିଲେ । ଯେହେତୁ ଅଭିଯୁକ୍ତ ଜଣେ ଗରୀବ ସିଏ ଉକ୍ତ ଆଦେଶ ପାଳନ କରିବାକୁ ଅକ୍ଷମ ଥିବାରୁ ତାଙ୍କ ଓକିଲ ଉକ୍ତ ଆଦେଶ ପରିବର୍ତ୍ତନ ନିମନ୍ତେ ଏକ ପିଟିସନ ଅଦାଲତରେ ଦାଖଲ କରିଥିଲେ । ଉକ୍ତ ଦରଖାସ୍ତକୁ ବିଚାରକୁ ନେଇ ଅଦାଲତ ସ୍ୟୁରିଟି କାଟି କେବଳ ୩୦ ହଜାର ଟଙ୍କା ଦଣ୍ଡରେ ଯିବାକୁ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଅଭିଯୁକ୍ତ ଉକ୍ତ ମୂଲ୍ୟ ଦେବାରେ ଅକ୍ଷମ ହେବାରୁ ପୁଣିଥରେ ଏକ ପିଟିସନ ମାଧ୍ୟମରେ ଉପରୋକ୍ତ ଆଦେଶର ପରିବର୍ତ୍ତନ ପାଇଁ ଓକିଲ ପ୍ରାର୍ଥନା କରିଥିଲେ। ଉକ୍ତ ପିଟିସନକୁ ଜିଲ୍ଲା ଅଦାଲତର ସରକାରୀ ଓକିଲ ଘୋର ବିରୁଧ କରିଥିଲେ । କିନ୍ତୁ ଅଭିଯୁକ୍ତଙ୍କ ଓକିଲ ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅଶୋକ କୁମାର ପଟ୍ଟନାୟକ ଓ ତାଙ୍କର ସହଯୋଗୀ ରାଜେଶ ପଟ୍ଟନାୟକ ଡେପୁଟି ମୁଖ୍ୟ ଆଇନ ସେବା ଓକିଲ ଏବଂ ସାଗର ପାଣିଗ୍ରହି ଓ ସଂଯୁକ୍ତା ଦତ ସହକାରୀ ଆଇନସେବା ଓକିଲ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ସତେନ୍ଦ୍ର ଆନବିଲ ବନାମ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ ଓ ଉଚ୍ଚତମ ନ୍ୟାୟାଳୟଙ୍କ ଏସ୍.ଏମ୍.ଡବ୍ଲୁ.ପି.ସି. (କ୍ରି) ୪/୨୧ର ୩୧.୦୧.୨୦୨୩ର ଆଦେଶକୁ ଭିତିକରି ତଥା ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ କୃଷ୍ଣ ପ୍ରସାଦ ସାହୁ ବନାମ ଓଡିଶା ସରକାର ମାମଲାରେ ଦିଆ ଯାଇଥିବା ନୀତିକୁ ଭିତିକରି ତଥା ଜାତୀୟ ଆଇନ ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶନାମାକୁ ଭିତିକରି ବଳିଷ୍ଠ ଯୁକ୍ତିକୁ ଗ୍ରହଣ କରି ଜିଲ୍ଲା ଜଜ୍ ବିକ୍ରମ ପଟ୍ଟନାୟକଙ୍କ ଉକ୍ତ ବିଚରାଧୀନ ଅଭିଯୁକ୍ତକୁ ବ୍ୟକ୍ତିଗତ ମୁଚଲିକାରେ କାରାଗାରରୁ ମୁକ୍ତ କରିଛନ୍ତି।

ନିମାପଡା ଥାନା ପକ୍ଷରୁ ଗିରିଗୋବର୍ଦ୍ଧନ ମହୋତ୍ସବ

ନିମାପଡ଼ା,(ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ବହୁ ପୁରାତନ ଥାନା ମହୋତ୍ସବ ଓ ଗୋଦନ ବାହୁଡା ପର୍ବ ମହା ଅଡମ୍ବର ସହକାରେ ପାଳନ ହୋଇଯାଇଛି ।ଏଥିରେ ହଜାର ହଜାର ଲୋକଙ୍କ ସମାଗମ ଘଟିଥିବା ବେଳେ ଥାନା ସମ୍ମୁଖରେ ଥିବା ଗିରିଗୋବର୍ଦ୍ଧନ ଠାକୁରଙ୍କୁ ଡଂକ୍ତମାନେ ଦର୍ଶନ କରିବା ସହ ଥାନା ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଏହି ପର୍ବ ଏକ ଭାଇଚାରାର ପର୍ବ ହୋଇଥିବା ବେଳେ ପୋଲିସ ଜନତା ଏକାକାର ହୋଇ କାର୍ଯ୍ୟ କରନ୍ତି । ଏହି ପର୍ବ ନିମାପଡା ଅଞ୍ଚଳରେ ଶହ ଶହ ବର୍ଷର ପର୍ବ ବୋଲି ପୁରୁଖା ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଥାନା ପକ୍ଷରୁ ବହୁ ପୁରାତନ ପରମ୍ପରା ଗୋଦନ ବାହୁଡା ପର୍ବ ଅନୁଷ୍ଠିତ ହୋଇଯାଇଛି । ନିମାପଡା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ ନିମାପଡା ଥାନା ଅଧିକାରୀ ବାମଦେବ ସ୍ୱାଇଁ ନେତୃତ୍ୱରେ ଆୟୋଜିତ ଗୋଦନବାହୁଡା ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ନିମାପଡା ଥାନା କର୍ମଚାରୀ ସହଯୋଗ କରିଛନ୍ତି । ପୋଲିସ ଉପଖଣ୍ଡ ଅଞ୍ଚଳରେ ଥିବା ସମସ୍ତ ଥାନାର କର୍ମଚାରୀମାନେ ଏହି କାର୍ଯ୍ରକ୍ରମରେ ଯୋଗଦେଇଛନ୍ତି । ବିଭିନ୍ନ ସ୍ଥାନରୁ ଦୋଳ ଆସି ଥାନା ସମ୍ମୁଖରେ ଥିବା ଗିରିଗୋବର୍ଦ୍ଧନଙ୍କ ପୀଠରେ ପୂଜା ପାଆନ୍ତି । ନିମାପଡା ଥାନା ଅଧିକାରୀ ବାମଦେବ ସ୍ୱାଇଁ ଗୋଦନବାହୁଡା ପର୍ବରେ କର୍ତ୍ତା ହୋଇଥିବା ବେଳେ ହୋମଯଜ୍ଞରେ ଗିରିଗୋବର୍ଦ୍ଧନ ପୀଠ ପ୍ରକମ୍ପିତ ହୋଇଥିଲା । ମାତୃଶକ୍ତି ଫାଉଣ୍ଡେସନର କର୍ମକର୍ତ୍ତାମାନେ ଏହି ପର୍ବରେ ଗଅୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦହପଣା ବଣ୍ଟନ କରିଥିଲେ । ରାସ୍ତାରେ ଯାତାୟତ କରୁଥିବା ସମସ୍ତ ବ୍ୟକ୍ତି ଓ ଥାନା କର୍ମଚାରୀମାନଙ୍କୁ ପଣା ବଣ୍ଟନ କରିଥିଲେ । ଏପରି ମହତ କାର୍ଯ୍ୟକୁ ଥାନ୍। ଅଧିକାରୀ ବାମଦେବ ସ୍ୱାଇଁ, ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ ବେଶ ପ୍ରଂଶସା କରିଛନ୍ତି ।

ବିଜେଡ଼ିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ଫୁଲନଖରା,(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତ ଗବବସ୍ତଠାରେ ନିଆଳି ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସାଇଁଶୋ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଗବବସ୍ତସ୍ଥିତ ଏକ ପଡ଼ିଆରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ନିଆଳି ନିର୍ବାଚନ ମଣ୍ଡଳି ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା. ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇଥିଲେ । ଯୁବ ସଂଗଠକ ମିନାଜ ଅହେମଦଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ଦୁଇ ଶହରୁ ଉର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ଛାଡ଼ି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା. ପ୍ରମୋଦ ମଲ୍ଲିକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ମିଶିଥିଲେ । ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକ ସେମାନଙ୍କୁ

ବିଜେଡ଼ିର ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହ ଆଗାମୀ ନିର୍ବାଚନରେ ସାଇଁଶୋ ପଞ୍ଚାୟତ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଦଳକୁ ଅଧିକ ଶକ୍ତିଶାଳୀ କରିବ ଏବଂ ପଞ୍ଚାୟତରେ ଡ଼ବଲ ଶଙ୍ଗରେ ନିର୍ବାଚନ ମଣ୍ଡଳୀରେ ସବୁଠାରୁ ଅଧିକ ଭୋଟ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଗଣେଶ ବେହେରାଙ୍କ ସଞ୍ଚାଳନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ପଞ୍ଚାୟତର ବରିଷ୍ଠ ସଂଗଠକ ଗଗନ ବିହାରୀ ଜେନା , ସରକାରୀ ଓକିଲ କବିନାରାୟଣ ଜେନା,ରଂଜିତ ପାତ୍ର, ସମୀର ସାମନ୍ତରାୟ, ଅଶୋକ ରଥ,ବିପ୍ଳବ ଯାଦବ, ଶଶୀଭୂଷଣ ଦାଶ,ଶୋଭନ ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, ବିଶ୍ୱରଂଜନ ସାହୁ, ସମିତି ସଭ୍ୟ ସତ୍ୟବ୍ରତ ଜେନା,ବେଣୁଧର ମୂଳିଆ, ବିଶ୍ୱରଂଜନ ସାହୁ, ସାଧନା ଜେନା ପ୍ରମୁଖ ମଞ୍ଚାସୀନ ହୋଇ ବିଜେଡ଼ି ସରକାରର ବିଭିନ୍ନ ଜନ କଲ୍ୟାଣ ଯୋଜନା ସଂପର୍କରେ ଉପସ୍ଥିତ କର୍ମୀମାନଙ୍କୁ ବୁଝାଇବା ସହ ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା.ପ୍ରମୋଦ ମଲ୍ଲିକଙ୍କ ହାତ ମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ । ପଞ୍ଚାୟତ ସଭାପତି ଅତାଉଲ ରହେମନ , ସୟଦ ହିପିଜୁର ରହେମନ, ସମ୍ମିଉଲ୍ଲା ଖାନ,ଗଗନ ବିହାରୀ ସେଠୀ, କମଳାକାନ୍ତ ରଥ,ମହମ୍ମଦ ମୁସ୍ତାକ ଅଲ୍ଲୀ,ଏସ କେ ସିଦ୍ଧିକ,ବିକ୍ରମ ବେହେରା, ଦିଲ୍ଲିପ ବେହେରା ପ୍ରମୁଖ କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

ବିଜେଡ଼ିର ବ୍ଲକସ୍ତରୀୟ କର୍ମୀ ସମାବେଶ

ଡେରାବିଶ,(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ ସବଳଙ୍ଗ ସ୍ଥିତ ସାଥିସମାଜ ପରିସରରେ ଥିବା ବଳଦେବଜୀଉ ବନ ପ୍ରକଳ୍ପ ମଧ୍ୟରେ ଡେରାବିଶ ବ୍ଲକ ବିଜେଡ଼ି ପକ୍ଷରୁ ବ୍ଲକ ସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ

ଓଡ଼ିଶା ଭାସ୍କର
ODISHA BHASKAR
ମହାନଗର

କଟକ(ଭାସ୍କର ନ୍ୟୁଜ୍): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ କର୍ଣ୍ଣଧାର, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ଅଗ୍ରଣୀ ଅନୁଷ୍ଠାନ 'ନୀଳଚକ୍ର' ଓ କଟକ ମହାନଗର ନାଗରିକ ମହାସଭାର ମିଳିତ ଆନୁକୂଲ୍ୟରେ ଓ.ଏମ୍.ପିଛକସ୍ଥ ଶିଶୁ ଉଦ୍ୟାନଠାରେ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ 'ବନ୍ଦେ ଉତ୍କଳ ଜନନୀ' ମାତୃବନ୍ଦନା ଗାନ କରାଯାଇଥିଲା । ପାରଳା ମହାରାଜା ଜଣେ ଦେଶପ୍ରେମୀ, ଭାଷାପ୍ରେମୀ, ସୁଶାସକ, ପ୍ରଜାବତ୍ସଳ ରାଜା ଥିଲେ । ଓଡ଼ିଶାର ଅଂଶଗୁଡ଼ିକୁ ଯୋଡ଼ି ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ନିମନ୍ତେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

ଛାତିରୁ ବାହାରିଲା ୨କେଜି ଓଜନର ଟ୍ୟୁମର

ନୂତନ ପଦ୍ଧତିରେ ଅସ୍ତ୍ରୋପଚାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିମ୍‌ସ କ୍ୟାନ୍‌ସର ସେଣ୍ଟରରେ ଏକ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମଧ୍ୟଛଦା (ଡାୟାଫ୍ରାମ୍)ରୁ ଟ୍ୟୁମର ବାହାର କରିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି । ସର୍ଜିକାଲ ଅନ୍‌କୋଲୋଜି କ୍ଷେତ୍ରରେ ଏହି ପଦ୍ଧତି ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି । ଜନୈକ ରୋଗୀଙ୍କ ବାମ ପାର୍ଶ୍ୱ ଛାତି ଭିତରେ ଅସାମାନ୍ୟ ଭାବେ ବୃଦ୍ଧି ଘଟିଥିବା ପ୍ରାୟ ୨କେଜି ଓଜନର ଏକ ଟ୍ୟୁମରକୁ କିମ୍‌ସର ବରିଷ୍ଠ ସର୍ଜିକାଲ ଅନ୍‌କୋଲୋଜିଷ୍ଟ ଡା. ସବ୍ୟସାଚୀ ପରିଡ଼ାଙ୍କ ନେତୃତ୍ୱରେ ଡାକ୍ତରୀଦଳ ବାହାର କରିବାରେ ସଫଳ ହୋଇଛନ୍ତି । ଏହି ଟ୍ୟୁମର ବୃଦ୍ଧି ପାଇବା ଯୋଗୁଁ ରୋଗୀ ଖାଦ୍ୟ ଗ୍ରହଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେଉଥିଲା । ପୂର୍ବରୁ ଏଭଳି ଟ୍ୟୁମରକୁ ତୁରନ୍ତ ବାହାର କରିବା ପାଇଁ ଉଭୟ ତଳିପେଟ ଓ ଛାତିରେ ଅସ୍ତ୍ରୋପଚାର କରିବାକୁ ପଡୁଥିଲା । ଏହା ରୋଗୀକୁ ଯନ୍ତ୍ରଣା ସହ ବହୁ ଅସୁବିଧାରେ ପକାଉଥିଲା । ତେବେ ଡା. ପରିଡ଼ାଙ୍କ ଏହି ନୂଆ କୌଶଳ ରୋଗୀଙ୍କ ଯନ୍ତ୍ରଣା କମ କରିବା ସହ ଶୀଘ୍ର ଉପଶମ ମିଳିବା ସମ୍ଭାବନା ଦେଖାଦେଇଛି । ଡାକ୍ତରୀ ଦଳରେ ଡା. ମୋନିକା ଦାବଗୋତ୍ର, ନିଶ୍ଚେତକ ବିଶେଷଜ୍ଞ ଡା. ବିଭାସ ପ୍ରସାଦ ବାରିକ, ଟେକ୍ନିସିଆନ୍ କଳ୍ପନା ଓଝା, ବରିଷ୍ଠ ସେବିକା ମିକିନା ପ୍ରଧାନ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଦୀର୍ଘ ୬ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି । କିମ୍‌ସ କ୍ୟାନ୍‌ସର ସେଣ୍ଟରରେ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଉପଲବ୍ଧ ହେଉଥିବାରୁ ଏଭଳି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା ବୋଲି ଡା. ପରିଡ଼ା ସୂଚନା ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍ତଃ-ଅପରେଟିଭ ଜଟିଳତା ବା ରକ୍ତଦାନ ବିନା ଏହି ଅସ୍ତ୍ରୋପଚାର ସଫଳ ହୋଇପାରିଛି । ଅସ୍ତ୍ରୋପଚାର ପରେ ରୋଗୀ ଅସ୍ତ୍ରୋପଚାର ଟେବଲରୁ ସ୍ୱତଃ ଉଠିବାରେ ସକ୍ଷମ ହୋଇଥିଲେ ଓ ଉପଶମ ପାଇଁ ତାଙ୍କୁ ଆଇସିୟୁର ଆବଶ୍ୟକତା ପଡ଼ିନଥିଲା । ଏଭଳି ନୂତନ ପ୍ରକ୍ରିୟାରେ ସଫଳ ଅସ୍ତ୍ରୋପଚାର କରିଥିବା ଡା. ପରିଡ଼ା ଓ ଡାକ୍ତରୀ ଦଳକୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇଥିବା ବେଳେ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ରମାଦେବୀ ଛାତ୍ରୀଙ୍କ ବିକ୍ଷୋଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବାହାରେ ବିକ୍ଷୋଭ । ଯୁକ୍ତ ୩ ଦ୍ୱିତୀୟ ବର୍ଷ ପରୀକ୍ଷା ଘୁଞ୍ଚାଇବା ପାଇଁ ଦାବି କଲେ ଛାତ୍ରୀ। ପ୍ରବଳ ଖରା ହେଉଥିବାରୁ ବିଶ୍ୱବିଦ୍ୟାଳୟ ଆସି ପରୀକ୍ଷା ଦେବା ସମ୍ଭବପର ନୁହେଁ । ତେଣୁ ଛାତ୍ରୀମାନେ ଧାରଣା ଦେଇଛନ୍ତି । ଗତକାଲି କୁଳପତି କାର୍ଯ୍ୟାଳୟ ବାହାରେ ଧାରଣାରେ ବସିଥିବାବେଳେ ଆଜି ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ବାହାରେ ବସିଛନ୍ତି ଛାତ୍ରୀ । ଆସନ୍ତା ଏପ୍ରିଲ ୩୦ରୁ ୧୮ ଯାଏ ପରୀକ୍ଷା ହେବାର କାର୍ଯ୍ୟସୂଚୀ ରହିଛି ।

ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଓ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ

'ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ଗଠନରେ କୃଷ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୨ତମ ଜୟନ୍ତୀ ଶୁକ୍ରବାର ପ୍ରତ୍ୟୁଷରେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର ମହାରାଜାଙ୍କ ଉପରେ ସ୍ୱଲିଖିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ସହିତ ଅନୁଜା ଜେନା, ଶ୍ରୀରାମ ମହାନ୍ତି, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ରାଜକିଶୋର ପାଣିଗ୍ରାହୀ, ସୀମାଞ୍ଚଳ ବେହେରା, ଡକ୍ଟର ପ୍ରଦୀପ ପାଢୀ, ରୁଦ୍ରପ୍ରସାଦ ନାୟକ, ଗୌରଚନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ଦାସ, ଅଧ୍ୟାପକ ସହଦେବ ମଲ୍ଲିକ, ରଘୁରାଜ ରାଜଗୁରୁ, ସୁରେଶ ଚନ୍ଦ୍ର ମହାରଣା, ଲଳିତ ମହାନ୍ତି, କୈଳାସ ପାଣିଗ୍ରାହୀ, ସରିତ୍ରୀ ପଟ୍ଟନାୟକଙ୍କ ସହ ପାରଳାଖେମୁଣ୍ଡି ମାଟିର ରାଜଧାନୀରେ ଥିବା ବୁଦ୍ଧିଜୀବୀ ଓ ଅନ୍ୟ ବହୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ମହାରାଜାଙ୍କ ଗୁଣଗାନ କରିଥିଲେ । ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିକରଣ କରି ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରି ଲଣ୍ଡନ ଗସ୍ତ କରି ବ୍ରିଟିଶ୍ ସରକାରଙ୍କ ସହିତ ସମନ୍ୱୟ ସ୍ଥାପନ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସମେତ ବହୁ ଜାତୀୟତାବାଦୀ ଓଡ଼ିଆ ନେତାମାନଙ୍କ ସହିତ ସମନ୍ୱୟ କରି ଉତ୍କଳ ସମ୍ମିଳନୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ମଧ୍ୟ ବିଜେଡ଼ି ପକ୍ଷରୁ ୱାର୍ଡ଼ ନଂ ୪୧ରେ ବାପୁଜୀ ନଗର ସ୍ଥିତ କେଦାରପଲ୍ଲୀ ଠାରୁ ସ୍ଥାନୀୟ କର୍ପୋରେଟର କବିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଯୋଗଦେଇ ଜନସାଧାରଣଙ୍କ ଠାରୁ ଆଶୀର୍ବାଦ ନେଇ ସମଗ୍ର ବାପୁଜୀ ନଗର ଅଞ୍ଚଳ ପରିକ୍ରମା କରିଥିଲେ । ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ବିଶାଳ ପଦଯାତ୍ରାରେ ବାପୁଜୀ ନଗର ବାସୀ ବିଭିନ୍ନ ସ୍ଥାନରେ ବିଧାୟକ ପ୍ରାର୍ଥୀ ଶ୍ରୀ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଲକ୍ଷ୍ମୀ ପୂଜା ସମିତି, ଦୁର୍ଗା ପୂଜା ସମିତି, ବରିଷ୍ଠ ନାଗରିକ ମାନେ ଓ ମା ମାନେ ବିଧାୟକ ପ୍ରାର୍ଥୀ ଶ୍ରୀ ଜେନାଙ୍କୁ ବନ୍ଦାପନା ଆଶିର୍ବାଦ କରିଥିଲେ । ବିଧାୟକ ପ୍ରାର୍ଥୀ ଶ୍ରୀ ଜେନା ସେମାନଙ୍କ ଠାରୁ ଆଶୀର୍ବାଦ ସ୍ୱରୂପ ଚଳିତ ନିର୍ବାଚନରେ ଉଭୟ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଜନ ସାଧାରଣଙ୍କ ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ଯୋଗଦାନ ବିଜେଡ଼ି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ଓ ଆକୁଣ୍ଠ ଭଲପାଇବା ପ୍ରତିଫଳିତ ହୋଇଥିଲା । ମେୟର ସୁଲୋଚନା ଦାସ ମଧ୍ୟ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର , ବରିଷ୍ଠ ନେତା, ଯୁବ ଛାତ୍ର ମହିଳା କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

ବିଜେଡ଼ିରେ ଯୋଗଦେଲେ ସମ୍ବଲପୁର ମ୍ୟୁନିସିପାଲିଟିର ୪ପୂର୍ବତନ ବିଜେପି କାଉନସିଲର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମ୍ବଲପୁର ମ୍ୟୁନିସିପାଲିଟିର ୪ଜଣ ପୂର୍ବତନ ବିଜେପି କାଉନସିଲର ରତନ ସୁନା, ଗଙ୍ଗାଧର ଷଣ୍ଢ, ବିରେନ୍ଦ୍ର ରାୟ ଓ ଜୟକିଷୋର ଜାଲ ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ୪ଜଣ ବିଜେପି କାଉନସିଲରଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ଏହି ବିଜେପି ନେତାଙ୍କ ଯୋଗଦାନ ଫଳରେ ବିଶେଷକରି ସମ୍ବଲପୁରରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ ।

୨୮ରେ ଓଡିଶା ଆସିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ନିର୍ବାଚନ ପ୍ରଚାର କରିବା ପାଇଁ ଲୋକସଭା ସାଂସଦ ରାହୁଲ ଗାନ୍ଧୀ ଆସନ୍ତା ୨୮ ତାରିଖ (ରବିବାର) ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ କଟକ ଜିଲ୍ଲା ସତ୍ୟଭାମାପୁରରୁ ନିର୍ବାଚନ ପ୍ରଚାର ଆରମ୍ଭ ସହ ଦଳୀୟ କର୍ମୀମାନଙ୍କର ମନୋବଳ ବଢ଼ାଇବେ । ସେଦିନ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ଏହା ପରେ ସାଲେପୁର ଯାଇ ଜନସଭାକୁ ସମ୍ବୋଧିତ କରିବେ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ବିଜେଡ଼ିରେ ଯୋଗଦେଲେ କଂଗ୍ରେସ, ବିଜେପି ଓ ଆପ୍‌ର ବହୁ ନେତା ଓ କର୍ମୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର (ଏକାମ୍ର) ନିର୍ବାଚନମଣ୍ଡଳୀର କଂଗ୍ରେସ, ବିଜେପି ଓ ଆପ୍ ଦଳର ବହୁ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଭୁବନେଶ୍ୱର (ଏକାମ୍ର) ବିଧାୟକ ଅଶୋକ ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି, କଂଗ୍ରେସ ଓ ଆପ୍ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର (ଏକାମ୍ର) ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି, କଂଗ୍ରେସ ଓ ଆପ୍ କର୍ମୀମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ଏହି ମିଶ୍ରଣ ପର୍ବରେ ଆପ୍ ଦଳର ବଂଶୀ ସୁବୁଦ୍ଧି, ଦେବଉମ ଦିଣ୍ଡା, ଭିକି ପ୍ରଧାନ, ଅଶୋକ ପ୍ରଧାନ, ସିଦ୍ଧାର୍ଥ ସାହୁ, ଶୁଭ ମିଶ୍ର, ରାଜା ପ୍ରଧାନ, ସୁଶାନ୍ତ ନାୟକ, ପବିତ୍ର ସାହୁ, ଜାଗା ସାହୁ, ଦିପୀନ ଦିଣ୍ଡା, ବ୍ରହ୍ମାନନ୍ଦ ସୁବୁଦ୍ଧୀ, ଜାଗତ ଉଲ୍ଲା, କଂଗ୍ରେସର ଏସ୍‌କେ ସଫିକ ଉଲ୍ଲା, ଏସ୍‌କେ ଜାକତ ଉଲ୍ଲା, ମିନତ ଉଲ୍ଲା, ସଫକତ ଉଲ୍ଲା, ସୁଜାତ ଉଲ୍ଲାଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେଡ଼ିରେ ମିଶିଲେ ପୂର୍ବତନ କଂଗ୍ରେସର ସାଧାରଣ ସମ୍ପାଦକ ଆକାଶ ମିଶ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ସାଧାରଣ ସମ୍ପାଦକ ଆକାଶ ମିଶ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ କଣ୍ଟାବାଞ୍ଜି ଏବଂ ପଦ୍ମପୁର ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଆକାଶ ମିଶ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ଡକ୍ଟର ପାତ୍ର, ଓ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଗୀତାଞ୍ଜଳୀ ଦାସ, ରତ୍ନାକର ମିଶ୍ର, ରତି ସାହୁ, ବିଜୟ ବେହେରା, ବୃନ୍ଦାବନ ସେଠ, ପ୍ରମିଳା ସାହୁ, ଲିନା ମିଶ୍ର, ତାପସ ସେଠ, ପ୍ରଶାନ୍ତ ତ୍ରିପାଠୀ, ଶ୍ରୀନିବାସ ମଲ୍ଲିକ, ବନିତା ନାୟକ, କୁମାର ସେଠ, ସୁଜାତା ମାଝୀ, ନରେଶ କୁମାର ସାହୁ, ପବିତ୍ର ପ୍ରଧାନ, ବିଳାସୀନ ଭୋଇ, ପୁଷ୍ପାଞ୍ଜଳି ବେହେରା, ଯଶୋଦା ଦଳେଇ, ପାର୍ବତୀ ତ୍ରିପାଠୀ ଓ ବିରେନ୍ଦ୍ର ଶାହାଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସିଇଓଙ୍କ ନିକଟରେ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସର ଏକ ପ୍ରତିନିଧି ଦଳ କଂଗ୍ରେସ ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ଭେଟି ରାୟଗଡ଼ା ଜିଲ୍ଲା ବିଷମ କଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀ ମନ୍ତ୍ରୀ ଜଗନ୍ନାଥ ସାରକା ଦାଖଲ କରିଥିବା ପ୍ରାର୍ଥୀପତ୍ର ବିଧି ଅନୁସାରେ ଦାଖଲ ହୋଇ ନଥିବା କଂଗ୍ରେସ ପ୍ରାର୍ଥୀ ନିଳମାଧବ ହିକକାଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଇଥିଲେ । ଏ ସମ୍ପର୍କରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରି ଶ୍ରୀ ସାରକାଙ୍କ ପ୍ରାର୍ଥୀପତ୍ର ରଦ୍ଦ କରିବାକୁ ଦାବି କରିଥିଲେ । ଶ୍ରୀ ହିକକା ତାଙ୍କର ଅଭିଯୋଗକୁ ମଧ୍ୟ ଭାରତର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଛନ୍ତି । ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ, ବାଙ୍କନିଧି ବେହେରା ଓ ନଟବର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ରାଜ୍ୟ ବିଜେପିର ଅଭ୍ୟାସ ହୋଇଗଲାଣି । ସମ୍ବଲପୁର ଲୋକସଭା ଆସନ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି । ଏନେଇ ସିଇଓଙ୍କୁ ଫେରାଦ ହୋଇଛି ବିଜେଡି । ବିଜେଡିର ଅଭିଯୋଗ ଅନୁସାରେ, ଗତ ୨୪ ତାରିଖରେ ଆଠମଲ୍ଲିକ ଏନଏସିର ୫ ନମ୍ବର ୱାର୍ଡରେ ସମ୍ବଲପୁର ଲୋକସଭା ଆସନ ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରିଛନ୍ତି । ପୂର୍ବରୁ ସେ ଏନ୍‌ସିସି ଅଫିସ ଓ

ଆସିକା, (ଭାସ୍କର ନ୍ୟୁଜ): ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ । ରାଜ ପରମ୍ପରା ଅନୁସାରେ ପ୍ରଥମେ ନିଜ ଇଷ୍ଟଦେବୀ ଭିତର କୁଠାରୀ, ମା' କନକ ଦୁର୍ଗା, ବୃନ୍ଦାବନ ଚନ୍ଦ୍ର ଓ ବିଶେଶ୍ୱରଙ୍କ ପାଖରେ ସେ ପୂଜା ଅର୍ଚ୍ଚନା କରିଥିଲେ । ପରେ ଧରାକୋଟରେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଜ୍ଞାମାଳ ନେଇଥିଲେ । ପରେ ସ୍ୱର୍ଗତ ଅନନ୍ତ ନାରାୟଣ ସିଂହ ଦେଓଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଧରାକୋଟ ରାଜମାତା ତଥା ପୂର୍ବତନ ବିଧାୟିକା ନନ୍ଦିନୀଦେବୀଙ୍କ ସାଥିରେ ନିଜର ଶହ ଶହ ସମର୍ଥକ ଶୁଭେଚ୍ଛୁ ଓ କର୍ମୀଙ୍କୁ ନେଇ ନାମାଙ୍କନ ପତ୍ର ଦାଖଲ ପାଇଁ ଛତ୍ରପୁର ଅଭିମୁଖେ ବାହାରି ଥିଲେ । ପ୍ରକାଶ ଥାଉକି ଧରାକୋଟ ରାଜ ପରିବାରର ସର୍ବ କନିଷ୍ଠ ବଂଶଜ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବ୍ଲକ ଅଧ୍ୟକ୍ଷା ରୂପେ ଆଗରୁ ଦାୟିତ୍ୱ ତୁଲାଇବା ଥିବା ବେଳେ ବିଜେଡ଼ି ତାଙ୍କ ଉପରେ ଭରସା କରି ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ତାଙ୍କୁ ପ୍ରାର୍ଥୀ କରିଥିଲା । ତେବେ ଆଜି ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ନାମାଙ୍କନପତ୍ର ଦାଖଲ କରିଥିବାରୁ ବିଜେଡି ନେତା, କର୍ମୀ ଓ ସମର୍ଥକଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ।

ପାନୀୟ ଜଳ ଯୋଗାଣ ଦାବିରେ ଧାରଣା

ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଆଜକୁ ଦୀର୍ଘଦିନ ଧରି ବସୁଧା ପାନୀୟଜଳ ଯୋଗାଣ ପ୍ରକଳ୍ପରୁ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ତେନ୍ତଳାପଶି ପଞ୍ଚାୟତ ବଡକମଣ୍ଡରା ଜୁଆଙ୍ଗସାହିକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ଗୁରୁବାର ଉକ୍ତ ସାହିର ଜୁଆଙ୍ଗ ମହିଳା ଗରା, ବାଲ୍‌ଟି ଧରି ପାନୀୟ ଜଳ ଯୋଗାଣ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିବା ଦେଖିବାକୁ ମିଳିଛି । ଉକ୍ତ ବସୁଧା ପ୍ରକଳ୍ପ କାର୍ଯ୍ୟକ୍ଷମର ୬ ମାସ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ହୋଇ ଆସୁଥିବା ବେଳେ ତାହା ପରଠାରୁ ଆଉ ଜୁଆଙ୍ଗ ସାହିକୁ ପାନୀୟଜଳ ଯୋଗାଣ ହେଉନଥିବାରୁ ସାହିର ମହିଳାମାନେ ୫କିମି ଦୂର ନଦୀରୁ ଜଳ ସଂଗ୍ରହ କରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଥିବା ଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ କ୍ଷୋଭର ସହ ଏହା କହିଛନ୍ତି । ପାନୀୟଜଳ ଯୋଗାଣ ନେଇ ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ନିକଟକୁ ଆସିଛୁ । ଆମ୍ଭମାନଙ୍କୁ ପାନୀୟଜଳ ଯୋଗାଣର ସୁବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ଆମ୍ଭେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ହଟିବୁ ନାହିଁ ବୋଲି ଆଶା ଜୁଆଙ୍ଗ ଓ ନୀଳମଣି ନାଏକ ଏହା କହିଛନ୍ତି । ଏଥିସହ ଗାଁ ମୁଣ୍ଡରୁ ଜୁଆଙ୍ଗସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ୭ଲକ୍ଷ ଟଙ୍କା କାର୍ଯ୍ୟାଦେଶ ହୋଇଥିବା ବେଳେ ନିମ୍ନମାନର ନିର୍ମାଣ କାର୍ଯ୍ୟ ସହ ଅଧାରୁ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରି ସମ୍ପୂର୍ଣ୍ଣ ବିଲ୍ ଉଠାଣ କରିଥିବା ଅଭିଯୋଗ ତଦନ୍ତ କରାଯାଇ ସରକାରୀ ଅର୍ଥ ହଡପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ୍ୟ ଜୁଆଙ୍ଗ ମହିଳା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଦିନେ ଦୁଇଦିନ ମଧ୍ୟରେ ଜୁଆଙ୍ଗ ସାହିକୁ ପାନୀୟଜଳ ଯୋଗାଇ ଦିଆଯିବା ପ୍ରତିଶ୍ରୁତି ପରେ ଜୁଆଙ୍ଗମାନେ ଧାରଣାରୁ ହଟିଥିଲେ ।

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମା ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଶାର ବରପୁତ୍ର ତଥା ପାରଳା ମହାରାଜ ଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩ୀ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଉତ୍କଳ ସମ୍ମିଳନୀର ଜିଲ୍ଲା ସଭାପତି ତଥା ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ପ୍ରାରମ୍ଭରେ ଆଜିର କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ଭୋଇ, ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ନନ୍ଦ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ମାଝୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବାଲାରାଜୁ ପାଢି, ପୂର୍ବତନ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଦୁର୍ଯ୍ୟୋଧନ ପାତ୍ର, ପଲିଟେକନିକ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ଓଡିଶାର ବରପୁତ୍ର ତଥା ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା, ଓଡିଆ ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବାରେ ପାରଳା ମହାରାଜାଙ୍କ ଅବଦାନ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ସପ୍ତାହକୁ ଥରେ ଛାତ୍ରଛାତ୍ରୀଙ୍କୁ ନେଇ ଓଡିଶାର ମହାପୁରୁଷଙ୍କ ସମ୍ବନ୍ଧରେ ବକ୍ତୃତା ପ୍ରତିଯୋଗିତା କରାଯିବା ସହ ଓଡିଶା ଇତିହାସ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ, ଓଡିଆ ଭାଷା ଓ ସାହିତ୍ୟକୁ ବଂଚାଇ ରଖିବା ପାଇଁ ଯେଉଁମାନଙ୍କ ଅବଦାନ ଥିଲା ସେମାନଙ୍କ ସମ୍ବନ୍ଧରେ ଆଗାମୀ ପୀଢି ସେହି ମହାପୁରୁଷଙ୍କୁ ଯେପରି ମନେ ରଖିବେ ବକ୍ତୃତାର ବିଷୟବସ୍ତୁ ଉପରେ ଆଲୋକପାତ କରାଯିବ । ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନକୁ ସ୍ମରଣ କରିଥିଲେ । ଶେଷରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ତଥା ଉପଦେଷ୍ଟା ରବିନ୍ଦ୍ର କୁମାର ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଃଖ ର ବିଷୟ ଯେ, ଯାହାର କି ଓଡିଶା ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ଏବଂ ପୁଣି ସେ ଜଣେ 'ବରପୁତ୍ର' ତାଙ୍କୁ ମନେ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର କୋଉଠି ବି ଗୋଟାଏ ଜାଗାରେ ପ୍ରତିମୂର୍ତ୍ତିଟିଏ ଦେଖିବାକୁ ମିଳୁନି । ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ନିକଟର ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡ଼ିକ ଅଛି କିନ୍ତୁ ସେଠାରେ ପାରଳା ମହାରାଜାଙ୍କ ମୂର୍ତ୍ତୀ ଦେଖିବାକୁ ମିଳୁନି ବୋଲି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପୂର୍ବତନ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି ।

ଜିଲ୍ଲାର ଦୁଇ ସଂରକ୍ଷିତ ଆସନ ପାଇଁ ୧୬ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ମାଲକାନଗିରି, (ଭାସ୍କର ନ୍ୟୁଜ): ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖ ଥିଲା ୨୫/୦୪ । ଚିତ୍ରକୋଣ୍ଡା ବିଧାନସଭା ଆସନଟି ଆଦିବାସୀ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୨୫ ତାରିଖ ସୁଧା ୧୦ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ଏହି ଆସନରୁ ବିଜେପି, କଂଗ୍ରେସ ଦଳ, ବିଜୁ ଜନତା ଦଳ, ଅଖିଳ ଭାରତୀୟ ହିନ୍ଦୁ ମହାସଭା, ଜନତା ଦରବାର ପାର୍ଟି, ଆମ ଆଦମୀ ପାର୍ଟି, ବହୁଜନ ସମାଜପାର୍ଟି ଏବଂ ଦୁଇଜଣ ସ୍ୱାଧୀନ ପ୍ରାର୍ଥ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଭାରତୀୟ ଜନତା ପାର୍ଟିର ଡମ୍ବରୁ ସୀସା, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ପଦିଆ ପଡ଼ିଆମି, କଂଗ୍ରେସ ଦଳରୁ ମଙ୍ଗୁ ଖିଲ, ବିଜେଡ଼ିରୁ ଲକ୍ଷ୍ମୀପ୍ରିୟା ନାୟକ, ଜନତା ଦରବାର ପାର୍ଟିର ଲକ୍ଷ୍ମଣ ମାଡ଼କାମି, ସ୍ୱାଧୀନ ଭାବେ ଘେନୁ ମୁଦୁଲି, ଆମ ଆଦମୀ ପାର୍ଟିର ଶରତ ଚନ୍ଦ୍ର ବୁରୁଦା ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ମାଲକାନଗିରି ସଂରକ୍ଷିତ ଆସନ ପାଇଁ ବିଜେପିରୁ ନରସିଂହ ମାଡକାମି, ବିଜେଡ଼ି ପକ୍ଷରୁ ମାନସ ମାଡକାମି, କଂଗ୍ରେସରୁ ମାଲା ମାଡ଼ି, ସ୍ୱାଧୀନ ପ୍ରାର୍ଥୀ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଲଳିତ ନାରାୟନ ମାଡକାମି ଏବଂ ଅନ୍ୟ ଦୁଇ ଜଣଙ୍କ ସମେତ ମୋଟ ୬ ଜଣ ନାମାଙ୍କନ ପତ୍ର ଭରିଥିବା ବେଳେ ଆଜି ଯାଞ୍ଚ ସମୟରେ ମାଲକାନଗିରି ନିର୍ବାଚନ ମଣ୍ଡଳୀରୁ ଜଣକର ନାକଚ ହୋଇଥିବା ଜଣାପଡ଼ଛି । ଜିଲ୍ଲାର ଦୁଇଟି ବିଧାୟକ ଆସନ ପାଇଁ ମୋଟ ୧୫ ଜଣଙ୍କର ପ୍ରାର୍ଥିପତ୍ର କାଏମ ରହିଛି । ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ୨୯ ତାରିଖ ଦିନ ଜଣାପଡ଼ିବ କି କୋଉ ପ୍ରାର୍ଥୀ ପ୍ରତ୍ୟାହାର କାରୁଛନ୍ତି କି ନାହିଁ । ବିଶେଷ କରି ମାଲକାନଗିରି ଜିଲ୍ଲାରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ଏହାକୁ ଭୃକ୍ଷେପ ନକରି ବିଜେପି, ବିଜେଡ଼ି, କଂଗ୍ରେସ ଦଳ ପକ୍ଷର ନିଜ ନିଜର ଶକ୍ତି ପ୍ରଦର୍ଶନ କରି ହଜାର ହଜାର କର୍ମୀ ଓ ସମର୍ଥକମାନଙ୍କ ସହ ବିରାଟ ପଟୁଆରରେ ଆସି ଉପଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନିଜର ପାରମ୍ପାରିକ ନାଚର ତାଳେ ତାଳେ ମାଲକାନଗିରି ଠାରେ ବିରାଟ ଶୋଭାଯାତ୍ରାରେ ବାହାରି ନିଜ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ୨୦୧୯ ନିର୍ବାଚନରେ ମାଲକାନଗିରି ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଆଦିତ୍ୟ ମାଢ଼ି ଜିତିଥିବା ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରୁ ଜଣେ ସରକାରୀ କିରାଣୀ ପୂର୍ଣ୍ଣଚନ୍ଦ୍ର ବକାଙ୍କୁ ବିଜେଡି ଟିକେଟରେ ଏହି ଆସନରେ ବିଜୟ ଲାଭ କରିଥିଲା । ତେବେ ଏହି ୨୦୨୪ ନିର୍ବାଚନରେ ଦୁଇଟି ଆସନରୁ କିଏ ଜିତିବ ତାହା ଜିଲ୍ଲାର ଭୋଟର ନିର୍ଦ୍ଧାରଣ କରିବେ ।

ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଝୁମ୍ପୁରା ଥାନା ଅନ୍ତର୍ଗତ ଚିଙ୍ଗୁଡିପଶି ଗ୍ରାମରେ ଜଣେ ଯୁବକର ଆତ୍ମହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହା ଆତ୍ମହତ୍ୟା ନୁହେଁ ସୁପରିକଳ୍ପିତ ହତ୍ୟା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି । ମୃତକଙ୍କ ନାମ ଅରୁଣ କୁମାର ମହାନ୍ତ(୩୦) ବୋଲି ଜଣାପଡିଛି । କିଛି ମାସ ହେଲା ତାଙ୍କର ଜଣେ ପୋଡଶୀ ତାଙ୍କ ଘର ଉପରକୁ ଦିପ୍ତୀଲତା ମହାନ୍ତ ଝାଡା ଫିଙ୍ଗିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ବିବାଦ ଲାଗି ରହିଥିଲା । ଏହାକୁ ନେଇ ଥାନାରେ ମାମଲା ପହଞ୍ଚି ଥିଲା । ତେବେ ଥାନାରେ ପୋଲିସ ଘଟଣାକୁ ଗୁରୁତ୍ୱ ନଦେଇ ଆପୋଷ ବୁଝାମଣା ହୋଇଥିଲା । ପୁଣି ଥରେ ଏଭଳି ବିବାଦକୁ ନେଇ କିଛି ଦିନ ପରେ ଅରୁଣ କୁମାର ମହାନ୍ତ ଏବଂ ତାଙ୍କ ସ୍ତ୍ରୀ ନାମରେ ଏତଲା ଦେବାରୁ ପୋଲିସ ସେମାନଙ୍କୁ ଥାନାକୁ ଡାକିଥିଲା । ପୁଅ ଏବଂ ସ୍ତ୍ରୀ ଲଲିତା ମହାନ୍ତଙ୍କୁ ଡାକି ଥାନାରେ ପୋଲିସ ଗାଳିଗୁଲଜ କରିବା ସହିତ ଅସମ୍ମାନ କରିଥିଲେ ବୋଲି ବୈଦନାଥ ମହାନ୍ତ ଅଭିଯୋଗ କରିଛନ୍ତି । ଆମ ଏତଲା କ୍ରମେ ପୋଲିସ ସେମାନଙ୍କୁ ଡାକି ନଥିଲା କିନ୍ତୁ ତାଙ୍କ ଏତଲାରେ କେସ୍ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ବେଲ୍‌ରେ ଆସିଥିଲେ । ଏହାକୁ ନେଇ ପରବର୍ତ୍ତୀ ସମୟରେ ପୁଣି ଗଣ୍ଡଗୋଳ ହେବାରୁ ଅରୁଣ ଝୁମ୍ପୁରା ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ ପୋଲିସ ଅଭିଯୁକ୍ତଙ୍କୁ ଧରପଗଡ ନକରି ଘଟଣାକୁ ହାଲୁକା ଭାବରେ ନେଇଥିବା ତାଙ୍କ ବାପା ବୈଦନାଥ ମହାନ୍ତ ଅଭିଯୋଗ କରିଛନ୍ତି । ଗୁରୁବାର ସକାଳେ ଅରୁଣର ମୃତଦେହ ଘର ଭିତରେ ଝୁଲିବା ସହିତ ଅରୁଣର ପାଦ ତଳେ ଲାଗିଥିବା ଏବଂ ଅରୁଣ ଦେହର ବିଭିନ୍ନ ସ୍ଥାନରୁ ରକ୍ତ ବାହାରିବାର ଦେଖିବାକୁ ପାଇଥିଲେ ଅରୁଣର ବାପା । ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେବା ସହିତ ଝୁମ୍ପୁରା ପୋଲିସ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ବିଫଳ ହେଇଥିଲେ । ଗ୍ରାମବାସୀଙ୍କ ଗୋଟାଏ ଜିଦ୍ ଅରୁଣ ପ୍ରକୃତରେ ଆତ୍ମହତ୍ୟା କରିଛି ନା ତାକୁ ହତ୍ୟାକରି ଘର ଭିତରେ ଟାଙ୍ଗି ଦିଆଯାଇଛି ତାର ସତ୍ୟା ସତ୍ୟ ବାହାର କରି ଦୋଷୀଙ୍କୁ ଦଣ୍ଡ ଦିଆଯାଉ । ଝୁମ୍ପୁରା ଥାନାକୁ ନୂତନ ଭାବରେ ଆସିଥିବା ଆଇପିଏସ୍ ରାମେନ୍ଦ୍ର ପ୍ରସାଦ ଏବଂ ଥାନା ଅଧିକାରୀଣୀ ସୋମବାରୀ ହାସଦା ଗ୍ରାମବାସୀ ଏବଂ ପରିବାର ଲୋକଙ୍କୁ ସହିତ ବାରମ୍ବାର ଆଲୋଚନା କରି ବିଫଳ ହୋଇଥିଲେ । ଝୁମ୍ପୁରା ଥାନା କର୍ତ୍ତୃପକ୍ଷ ଶବ ଉଠାଇବାକୁ ସକ୍ଷମ ନହେବା ପରେ ଘଟଣା ସ୍ଥଳରେ ଚମ୍ପୁଆ ଏସ୍‌ଡିପିଓ ବିଜୟାନନ୍ଦ ମଲ୍ଲିକ ପହଞ୍ଚି ଗ୍ରାମବାସୀ ଏବଂ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହିତ ଅରୁଣ ମୃତ୍ୟୁରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବା ପରେ ଦୀର୍ଘ ୮ ଘଣ୍ଟା ପରେ ଶବକୁ ବ୍ୟବଚ୍ଛେଦ କରିବା ପାଇଁ ପୋଲିସ ସକ୍ଷମ ହୋଇଛି । ପୁଅକୁ ଅଭିଯୁକ୍ତମାନେ ମାରି ପରେ ଟାଙ୍ଗି ଦେଇଥିବା ତାଙ୍କ ବାପା କହିଛନ୍ତି । ମୃତ୍ୟୁ ପାଇଁ ଚିଙ୍ଗୁଡିପଶି ଗ୍ରାମର ମଦନମୋହନ ମହାନ୍ତ ଏବଂ ତାଙ୍କ ପତ୍ନୀ ଦିପ୍ତୀଲତା ମହାନ୍ତଙ୍କୁ ଦାୟୀ କରିଛନ୍ତି ପରିବାର ଲୋକ । ଅରୁଣକୁ ହତ୍ୟା କରାଯାଇଥିବା ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ୨ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି । ପୋଲିସ ଆଗରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏଭଳି ଅଘଟଣ ଘଟିନଥାନ୍ତା ବୋଲି ପରିବାର ଲୋକ କହିଛନ୍ତି । ଝୁମ୍ପୁରା ଥାନା କେସ୍ ନଂ୧୧୦/୨୦୨୪ରେ ମାମଲା ରୁଜୁ କରିବା ସହିତ ଅରୁଣ ମୃତ୍ୟୁରେ ସଂପୃକ୍ତ ଥିବା ଅଭିଯୋଗରେ ମଦନ ମହାନ୍ତ ଏବଂ ତାଙ୍କ ସ୍ତ୍ରୀ ଦୀପ୍ତିଲତା ମହାନ୍ତଙ୍କୁ ଝୁମ୍ପୁରା ପୋଲିସ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛନ୍ତି । ମୃତ ଯୁବକର ବ୍ୟବଚ୍ଛେଦ ତଥ୍ୟ ଆସିବା ପରେ ପ୍ରକୃତ ରହସ୍ୟ ଜଣା ପଡିବ ବୋଲି ଝୁମ୍ପୁରା ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀରେ ଆଲୋଚନାଚକ୍ର

ଖଇରପୁଟ, (ଭାସ୍କର ନ୍ୟୁଜ): ସରକାରୀ ବହୁବୃତ୍ତି ଅନୁଷ୍ଠାନ ମାଲକାନଗିରିରେ 'ଉତ୍କଳ ସମ୍ମିଳନୀ' ମାଲକାନଗିରି ଶାଖା ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଆ ଭାଷା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଇଂ. ଜ୍ଞାନରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଓ ଉତ୍କଳ ସମ୍ମିଳନୀ, ମାଲକାନଗିରି ଶାଖାର ସଭାପତି ସୁସଂଗଠକ ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମ ଜୀବନୀ ସମ୍ବନ୍ଧୀୟ ଅନେକ ଉପାଦେୟ କଥାମାନ ଉପସ୍ଥାପନ କରିଥିଲେ । ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରିର ଓଡ଼ିଆ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର୍ ଡକ୍ଟର ଚିନ୍ମୟ କୁମାର ବେହେରା ଏହି ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା ବିକା

ମାଲକାନଗିର,(ଭାସ୍କର ନ୍ୟୁଜ୍): ଆଜି ଚିତ୍ରକୋଣ୍ଡା ବିଧାନସଭା ଆସନରୁ ବିଜେପି ପାର୍ଟି ତରଫରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।ବିଶେଷ କରି ଗରମକୁ ଖାତିରି ନକରି ବିଜେପିର ପ୍ରାର୍ଥୀ ଡମ୍ବରୁ ସୀସା ନିଜର ପରାକ୍ରମ ଆଜି ମାଲକାନଗିରିରେ ଦେଖାଇଛନ୍ତି , ଡମ୍ବରୁ ସୀସା ନିଜର ହଜାର ହଜାର କର୍ମୀ ଓ ସମର୍ଥକମାନଙ୍କ ସହ ଏକ ବିରାଟ ପଟୁଆରରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଜେପିର ହଜାର ହଜାର ସମର୍ଥକ ଓ ଦଳୀୟ କର୍ମକର୍ତ୍ତାଙ୍କ ସହିତ ଶକ୍ତି ପ୍ରଦର୍ଶନ କରିଥିଲେ । ନିଜର ପରମ୍ପରା ବଣ୍ଡା ନାଚର ତାଳେତାଳେ ମାଲକାନଗିରି ଠାରେ ବିରାଟ ଶୋଭାଯାତ୍ରା କରିଛନ୍ତି । ତେବେ ସେ ଆଗକୁ ନିର୍ବାଚନ ଜିତିବା ପାଇଁ ବେଶ୍ ଆଶାବାଦୀ ଅଛନ୍ତି । ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଗ୍ୟାରେଣ୍ଟି ମୁଦ୍ଦା ନେଇ ଲୋକଙ୍କ ପାଖକୁ ପହଞ୍ଚିବେ ବୋଲି କହିଛନ୍ତି ।

ଯୁବକଙ୍କ ମୃତଦେହ ଉଦ୍ଧାର
ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଉମରକୋଟ,(ଭାସ୍କର ନ୍ୟୁଜ୍): ମୃତ ଅବସ୍ଥା ରେ ଜଣେ ଯୁବକ ଉଦ୍ଧାର ହେଇଛନ୍ତି । ଏହାକୁ ହତ୍ୟା ଅଭିଯୋଗ କରିଛନ୍ତି ପରିବାର ଲୋକେ । ମୃତ ବ୍ୟକ୍ତି ଜଣକ ହେଲେ ୟୁଭି ନଂ ୧୪ ଜାମୁରଣ୍ଡା ଗ୍ରାମର ବିଶ୍ୱଜିତ ରଣା(୪୩) । ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପନାର ବୃଆ ଗ୍ରାମ ନିକଟରେ । ମିଳିଥିବା ସୂଚନା ଅନୁସାରେ ବିଶ୍ୱଜିତ ଗତକାଲି ରାତିରେ ଖାଇପିଇ ସାରି ବାଇକ୍ ଯୋଗେ ଜମିରେ ଥିବା ଘରକୁ ଶୋଇବାକୁ ଯାଇଥିଲେ । ଏହି ସମୟରେ ଜମି ଠାରୁ ଅଳ୍ପ ଦୂରରେ ବିଶ୍ୱଜିତ କେହି ଦୃଢ଼ଭାବେ ଧାରୁଆ ଅସ୍ତ୍ର ସାହାଯ୍ୟରେ ବିଶ୍ୱଜିତଙ୍କ ମୁହଁ ଓ ମୁଣ୍ଡରେ ଆଘାତ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ବାଇକ ସାଥିରେ ହିଁ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ ବିଶ୍ୱଜିତ । ଆଜି ସକାଳେ ଗ୍ରାମର କିଛି ଲୋକ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବିଶ୍ୱଜିତ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନବରଙ୍ଗପୁରରୁ ସାଇନ୍ସପେଟିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଘଟଣା ସ୍ଥଳରୁ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏସଆଇ ଶିବଜି ପଣ୍ଡା ନେଇଛନ୍ତି । ବିଶ୍ୱଜିତଙ୍କ ଦାଦା ନନି ଗୋପାଳ ରଣ । ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରି ନାହିଁ । ଘଟଣା ଉପରେ ତଦନ୍ତ ଜାରି ରଖିଛି । ତେବେ କାହିଁକି ବିଶ୍ୱଜିତ୍‌ଙ୍କୁ ହତ୍ୟା କରାଗଲା ତାହା ପୋଲିସର ସଠିକ୍ ତଦନ୍ତ ପରେ ହିଁ ଜଣା ପଡ଼ିବ ।

ଶୁଣିଲାନି ପ୍ରଶାସନ, ଶ୍ମଶାନ ସଫେଇ କଲେ ସ୍ଥାନୀୟ ଲୋକେ

ଧୋଡ୍ରା/ଝରିଗାଁ,(ଭାସ୍କର ନ୍ୟୁଜ୍): ଭିଷଣ ରୌଦ୍ର ତାପକୁ ରାସ୍ତା ଘାଟ ଶୂନ ଶାନ । ଏପରି ସମୟରେ ସମସ୍ତେ ଗଛ ଛାଇ କିମ୍ବା ଘର ଭିତରେ ରହିବାକୁ ପସନ୍ଦ କରୁଥିବା ବେଳେ କିଛି ଭିନ୍ନ ଚିତ୍ର ସ୍ଥାନୀୟ ଧୋଡ୍ରା ସ୍ମଶାନରୁ ଆସିଛି । ପାଖା ପାଖି ୨୦ ରୁ ୩୦ ଜଣ ବୟସ୍କ ଓ ଯୁବକମାନଙ୍କ ହାତରେ କୋଡି କୋଦାଳ, ଟାଙ୍ଗିଆ ଧରି ସ୍ମଶାନ ସଫେଇରେ ବ୍ୟସ୍ତ ଥିଲେ । ସୂଚନା ଅନୁଯାୟୀ ସ୍ଥାନୀୟ ଧୋଡ୍ରା ଅଞ୍ଚଳର ହାତ ଗଣତି କିଛି ଗ୍ରାମବାସୀ , ଯୁବ ଗୋଷ୍ଠୀ ସ୍ଥାନୀୟ ମିଳିତ ଶିକ୍ଷକ ସଂଘର ସଭ୍ୟ ଏବଂ ବଣିକ ସଂଘର ସଭ୍ୟ ତଥା ବୁଦ୍ଧିଜିବୀମାନଙ୍କ ମିଳିତ ଉଦ୍ୟମରେ ଗ୍ରାମ ଉପକଣ୍ଠରେ ଥିବା ସର୍ବସାଧାରଣ ଶ୍ମଶାନକୁ ସଫେଇ କରାଯାଇଛି । ଦୀର୍ଘଦିନ ଧରି ଏହି ସ୍ମଶାନରେ ଧୋଡ୍ରା ଏବଂ ତାହାର ଆଖପାଖରେ ଥିବା ଗ୍ରାମରେ କାହାରି ମୃତ୍ୟୁ ହେଲେ ଶବ ଦାହ କାର୍ଯ୍ୟ ଏଠାରେ କରାଯାଉଥିଲା । ମାତ୍ର ପ୍ରଶାସନର ଅବହେଳାରୁ ଏହି ଶ୍ମଶାନରେ ବଣ ବୁଦା ତଥା ଅନାବନା ଗଛରେ ପରିପୂର୍ଣ୍ଣ

ହୋଇଯାଇଥିଲା । କହିବାକୁ ଗଲେ ଶ୍ମଶାନଟି ଅପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଥିଲା । ଏପରିକି କାହାର ମୃତ୍ୟୁ ହେଲେ ସ୍ମଶାନର ମଧ୍ୟଭାଗକୁ ଯାଇ ସତ୍କାର କରିବା କଷ୍ଟସାଧ୍ୟ ଥିଲା । ସେଥିପାଇଁ ଶ୍ମଶାନକୁ ଲାଗି ଥିବା ରାସ୍ତା କଡରେ କେହି କେହି ଶବ ଦାହ କରି ଚାଲିଯାଉଥିଲେ । ଜନସାଧାରଣଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଶ୍ମଶାନର ଉନ୍ନତୀ ନିମନ୍ତେ ପ୍ରଶାସନ ତରଫରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ଏଠାରେ ଏପରି କାର୍ଯ୍ୟ କରାଯିବାର ଦେଖାଯାଇଛି । ତଥାପି ସଫେଇ ହୋଇଥିବା ଶ୍ମଶାନର ଚର୍ତୁପାର୍ଶ୍ୱରେ ଛାୟା ପ୍ରଦାୟୀ ଚାରା ରୋପଣ କରିବା ପାଇଁ ବନ ବିଭାଗ ତରଫରୁ ପଦକ୍ଷପ ନେବା ପାଇଁ ସର୍ବସାଧାରଣରେ ଦାବି କରାଯାଇଛି । ଏତଦ ବ୍ୟତୀତ ଜିଲ୍ଲା ପ୍ରଶାସନ ଏଠାରେ ଏକ ସ୍ଥାୟୀ ଶବଦାହ ଗୃହ , ଶ୍ମଶାନ ଚାରିପଟେ ପ୍ରାଚୀର ନିର୍ମାଣ, ଆଲୋକୀ କରଣ, ସୌଚାଳୟ ଏବଂ ଗୋଟଏ ନୂତନ ବିଶ୍ରାମ କକ୍ଷ ଖୁବଶୀଘ୍ର ନିର୍ମାଣ କରିବା ପାଇଁ ସାଧାରଣ ଲୋକେ ଦାବି କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଧୋଡ୍ରା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କେଦାର ପଟ୍ଟନାୟକ , ଧୋଡ୍ରା ବଣିକ ସଂଘ ସଭାପତି ମାୟାଧର ବେହେରା , ଉପ ସଭାପତି ବିଶ୍ୱଭୂଷଣ ସାହୁ , ମିଳିତ ଶିକ୍ଷକ ସଂଘ ତରଫରୁ ଧନେଶ୍ୱର ମଲ୍ଲିକ , ରାଜେଶ , ଅଶୋକ ଦାସ , ପ୍ରମୁଖ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ ।

ବିଶ୍ୱ ମ୍ୟାଲେରିଆ ଦିବସରେ ବିକାଶ ନର୍ସିଂ କଲେଜର ସଚେତନତା କାର୍ଯ୍ୟକ୍ରମ

ବରଗଡ,(ଭାସ୍କର ନ୍ୟୁଜ୍): ବରଗଡ ବିକାଶ ହାୟର୍ ଏଜୁକେସ୍ୟାଲ୍ ଇଂଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ୍ ଦ୍ୱାରା ଗତ ୨୫/୦୪/୨୪, ଗୁରୁବାର ଦିନ ବରାହାଗୁଡାର ଅଙ୍ଗନୱାଡି ସ୍ୱାସ୍ଥ୍ୟକର୍ମୀ ମାନଙ୍କ ସହଯୋଗରେ ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ସଚେତନତା କର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ଅଧିକ ନ୍ୟାୟ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢେଇକୁ ତ୍ୱରାନ୍ୱିତ କରିବା।' ଉକ୍ତ ବିଷୟବସ୍ତୁକୁ ଆଧାର କରି ମ୍ୟାଲେରିଆ ନିରାକରଣ ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା, ଯାହାକୁ ଦେଖି ଦର୍ଶକମାନେ ବେଶ ଉତ୍ସାହିତ ହୋଇଥିଲେ । ବିକାଶ ନର୍ସିଂ କଲେଜର ସ୍ୱାଗତିକା ପ୍ରଧାନ ଏବଂ ନିର୍ମଳା ବୀରୁଙ୍କ ତତ୍ତ୍ୱାବଧାନରେ ନର୍ସିଂ କଲେଜର ଛାତ୍ରଛାତ୍ରୀ ସମେତ ଅଙ୍ଗନୱାଡି ସ୍ୱାସ୍ଥ୍ୟକର୍ମୀମାନେ ଘରେ ଘରେ ଯାଇ ମ୍ୟାଲେରିଆ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ଲାକାର୍ଡ ତଥା ସ୍ଲୋଗାନ ମାଧ୍ୟମରେ ରାଲି କରାଯାଇଥିଲା ।

ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ ଶେଷ
ବିଭିନ୍ନ ଦଳର ୧୦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ଆସନ୍ତା ମେ ୧୩ତାରିଖରେ ହେବାକୁ ଥିବା ମତଦାନ ପାଇଁ ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ବଳଭଦ୍ର ମାଝି ଦୁଇ ସେଟ୍ ପ୍ରାର୍ଥୀପତ୍ର, ଭାରତୀୟ ଜାତୀୟ କଂଗ୍ରେସପାର୍ଟି ପ୍ରାର୍ଥୀ ଭୁଜବଳ ମାଝିଏକ ସେଟ୍ ନାମାଙ୍କନ ପତ୍ର ଜିଲ୍ଲା ନିର୍ବାଚନ ଅଧିକ୍ୟ ରୀ ତଥା ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଠାରେ ଦାଖଲ କରିଛନ୍ତି । ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶ୍ରୀମତୀ ନବିନା ନାୟକ ବିଜୁ ଜନତା ଦଳରୁ ଏକ ସେଟ୍ ପ୍ରାର୍ଥୀପତ୍ର , ସନରାଜ ଗଣ୍ଡ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଏକ ସେଟ୍ ପ୍ରାର୍ଥପତ୍ର ଏବଂ ନିତ୍ୟାନନ୍ଦ ଗଣ୍ଡ ବିଜେପି ପ୍ରାର୍ଥୀ ଦୁଇ ସେଟ ନାମାଙ୍କନ ପତ୍ର ରିଟନିଙ୍ଗ ଅଫିସର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନରସିଂହ ଭତ୍ତା ଏକ ସେଟ ପ୍ରାର୍ଥୀପତ୍ର ରିଟନିଙ୍ଗ ଅଫିସର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ନାୟକଙ୍କ ଠାରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ସେହିପରି ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ, ଦିଲ୍ଲୀପ କୁମାର ପ୍ରଧାନୀ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ପ୍ରାର୍ଥୀ ଏକ ସେଟ,ବିଜେପି ପ୍ରାର୍ଥୀ ଗୌରୀ ଶଙ୍କର ମାଝି ନିଜର ଦୁଇ ସେଟ ପ୍ରାର୍ଥୀପତ୍ର ,ଘାସିରାମ ଜାନି ଏମଏଲଡି ପ୍ରାର୍ଥୀ ଏକ ସେଟ୍, ଜଗଜିବନ ନାୟକ ସ୍ୱାଧୀନ ପ୍ରାର୍ଥୀ ଏକ ସେଟ ପ୍ରାର୍ଥୀପତ୍ର ରିଟନିଙ୍ଗ ଅଫିସର ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ମିଶ୍ରଙ୍କ ଠାରେ ଦାଖଲ କରିଛନ୍ତି ।

ମାଲକାନଗିରିରେ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ନିର୍ବାଚନ ପ୍ରସ୍ତୁତି ନେଇ ଆଜି ଜେନେରାଲ ଓବଜରଭର ଏ ସୂର୍ଯ୍ୟା କୁମାରୀ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଜିଲ୍ଲାରେ ନିର୍ବାଚନ ନିମନ୍ତେ ଉତ୍ତମ ରୂପେ ସମସ୍ତ ଯୋଜନା ଏବଂ ପ୍ରସ୍ତୁତି କରାଯାଇଥିବାରୁ ଜେନେରାଲ ଓବଜରଭର ନିଜର ଖୁସି ବ୍ୟକ୍ତ କରିଛନ୍ତି । ଭୋଟ ଗଣତି ନିମନ୍ତେ ସରକାରୀ ପଲିଟେକନିକ୍‌ରେ ନିଆଯାଇଥିବା ପୂର୍ବ ପ୍ରସ୍ତୁତି ଦେଖି ମଧ୍ୟ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଛନ୍ତି । ହୋମ୍ ଭୋଟିଂ ସମୟରେ ଯେଉଁଭଳି ଭାବେ ସ୍ୱଚ୍ଛତା ବଜାୟ ରହିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଅଧିକାରୀ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ନିୟମ ବିଷୟରେ ଭଲ ଭାବରେ ଅବଗତ ହେବା ପାଇଁ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ମହିଳା ଭୋଟରଙ୍କ ଅନୁପାତ ଅଧିକ ରହିଥିବା ଗଣତନ୍ତ୍ର ନିମନ୍ତେ ଏକ ଶୁଭ ସଙ୍କେତ ବୋଲି ମଧ୍ୟ ସେ କହିଛନ୍ତି । ଅଧିକରୁ ଅଧିକ କିଭଳି ଭାବେ ଜିଲ୍ଲାରେ ମତଦାନ ହାର ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ

ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ମୁକ୍ତ, ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହ ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ପାଳନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସଚିନ୍ ପାଣ୍ଡାର ନିର୍ବାଚନ ପ୍ରସ୍ତୁତି ନେଇ ଜେନେରାଲ ଓବଜରଭରଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସୂଚନା ଥାଉ କି ଶ୍ରୀମତି କୁମାରୀ ଆନ୍ଧ୍ର ପ୍ରଦେଶ ବିଜୟନଗର ଜିଲ୍ଲାପାଳ ଭାବେ ଅବସ୍ଥାପିତ ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ସାଧାରଣ ନିର୍ବାଚନରେ ନୂତନ ଭୋଟର ପଞ୍ଜିକରଣ ଦିଗରେ ଅଭିନବ ପଦକ୍ଷେପ ଗ୍ରହଣ କରି ଭୋଟର ସଂଖ୍ୟା ବୃଦ୍ଧି କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଶ୍ରେଷ୍ଠ ନିର୍ବାଚନ ଅଧିକାରୀ ଭାବେ ପୁରସ୍କୃତ ହୋଇଥିଲେ । ସେହିପରି ନିର୍ବାଚନ କାର୍ଯ୍ୟ ତଦାରଖ କରିବାରେ ସେ ଜଣେ ଦକ୍ଷ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ, ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ, ଦୁର୍ଯ୍ୟଧନ ଭୋଇ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ତପନ ନାରାୟଣ ରଥ ଉପସ୍ଥିତ ଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ୫ମ ବାର୍ଷିକ ଉତ୍ସବ ଅତି ଆଡମ୍ବର ସହିତ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ରମାକାନ୍ତ ମହାପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଲାପଦର୍‌ର ଉପସ୍ଥିତ ରହିଥିଲେ । ମୁଖ୍ୟ ବକ୍ତା ଭାବେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ବାଲିମେଳାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ବନପାଳ କେନ୍ଦୁପତ୍ର ବିଭାଗ ପାଣ୍ଡ୍ରିପାଣୀର, ଜିଲ୍ଲା ପ୍ରମୁଖ ଶିକ୍ଷା ବିକାଶ ସମିତି ମାଲକାନଗିରି ବିଘ୍ନରାଜ ସାହୁ, କବିରାଜ ପ୍ରଧାନ, ସଭାପତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଣ୍ଡ୍ରିପାଣୀ ସହିତ ଅନ୍ୟାନ୍ୟ ମଞ୍ଚାସିନ ଅତିଥି ବୃନ୍ଦ ଉପସ୍ଥିତ ରହିଥିଲେ ଏହି କାର୍ଯ୍ୟକ୍ରମ ରେ ଜଗନ୍ନାଥ ମହାପ୍ରଭୁଙ୍କ ସହିତ ପରମ ପୂଜନୀୟ ମାଧବ ସଦାସିବ ଗୋଲବଲକର ଏବଂ ଡକ୍ଟର କେଶବ ବଲିରାମ ହେଡ ଗୋବର ଙ୍କ ଫଟୋଚିତ୍ର ଉପରେ ଅତିଥିଗନ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରିବା ସହିତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ସହିତ ଗୁରୁଜୀ ଉପସ୍ଥିତ ରହିଥିଲେ ତତ୍ ସଙ୍ଗେ ଅବିଭାବକ ମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

ପାରଳା ମହାରାଜାଙ୍କ ଜୟନ୍ତୀ ପାଳିତ

ପାରାଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗତ ଶୁକ୍ରବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାରଳାଖେମୁଣ୍ଡି ଠାରେ ନବ ଉତ୍କଳର ନିର୍ମାତା ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ୧୩୩ତମ ଜୟନ୍ତୀ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ମହାରାଜାଙ୍କ ସମାଧି ପୀଠ, ବଜାର ଛକ ଓ ଗାନ୍ଧି ଛକ ସ୍ଥିତ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହା ପରେ ବିଦ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସରୋଜ କୁମାର ପଣ୍ଡା ଓଡ଼ିଶା ଗଠନରେ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଭୂମିକା ସମ୍ବନ୍ଧରେ ଆଲୋକ ପାତ କରିଥିଲେ । ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ସମସ୍ତ ଗୁରୁଜୀ ଗରୁମାଙ୍କ ସହଯୋଗରେ ସଫଳ ହୋଇଥିଲା ।

ଜିଲ୍ଲାସ୍ତରୀୟ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିନ୍ଧାଣୀ ଉତ୍କଳବାସୀଙ୍କ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ୧୩୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ମାଲ୍ୟାର୍ପଣ ଉତ୍ସବରେ ଗ

ଓଡ଼ିଶା ଭାସ୍କର
ଦୃଷ୍ଟିପାତ

" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ । "

-ମଧୁସୂଦନ ରାଓ

ତାପାୟନ ବୃଦ୍ଧିର ମହାସଙ୍କଟ

ପ୍ରାକୃତିକ ବିପର୍ଯ୍ୟୟର ଅବାରିତ ଧାରା

ଜଳବାୟୁ ପରିବର୍ତ୍ତନର ବିଷମୟ ଫଳ ଏବେ ସାରା ବିଶ୍ୱକୁ ଭୋଗିବାକୁ ପଡୁଛି । ଏହାର ପ୍ରଭାବରେ ତାପାୟନର ଅହେତୁକ ବୃଦ୍ଧି ସାଙ୍ଗକୁ ବିଭିନ୍ନ ଦେଶରେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘଟିଚାଲିଛି । ଏଇ ନିକଟରେ ଅନୁଷ୍ଠିତ ହୋଇଥିବା ପରିବେଶ ସମ୍ପର୍କୀୟ ଏକ ତିନିଦିନିଆ ଆଲୋଚନାଚକ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନେଇ ଯେଉଁ ତଥ୍ୟ ପରିବେଷିତ ହୋଇଛି, ତାହା ବାସ୍ତବିକ୍ ଚିନ୍ତାଜନକ ମନେହେଉଛି । ବର୍ତ୍ତମାନ ମାନବ ସମାଜ ପାଇଁ ବିଶ୍ୱ ତାପାୟନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଜୀବନ-ମରଣ ସମସ୍ୟା ରୂପେ ମୁଣ୍ଡ ଟେକିଛି । ଏହି କାରଣରୁ ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ ବଜ୍ରପାତ, ଗ୍ରୀଷ୍ମପ୍ରବାହ, ଶୀତ ଲହରୀ ଓ ବାଦଲଫଟା ବର୍ଷା ବିପ୍ରାତ ଦିନକୁ ଦିନ ବଢ଼ି ଚାଲିଛି ଏବଂ ଏଥିରେ ଅସଂଖ୍ୟ ଲୋକଙ୍କ ଜୀବନହାନି ଘଟୁଛି । ଏହି ଆଲୋଚନାଚକ୍ର ଅବସରରେ ପ୍ରକାଶିତ ପତ୍ରିକାରେ ଦର୍ଶାଯାଇଛି ଯେ, ମାତ୍ର ତିନିମାସ ପୂର୍ବେ ବିଦାୟ ନେଇଥିବା ୨୦୨୩ ମସିହା ଥିଲା ବିଶ୍ୱ ଇତିହାସର ଉଷ୍ଣତମ ବର୍ଷ ଏବଂ ଏହି ବର୍ଷକ ଭିତରେ ଆମ ଦେଶ ୩୧୮ଦିନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ସେହିପରି ଓଡ଼ିଶାକୁ ମଧ୍ୟ ବର୍ଷକର ୩୬୫ଦିନ ମଧ୍ୟରୁ ୯୧ ଦିନ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିଥିଲା । ପ୍ରକାଶିତ ବିବରଣୀରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ, ବିଗତ ଦଶନ୍ଧି ତୁଳନାରେ ଗତବର୍ଷ (୨୦୨୩) ଆମ ଦେଶ ହାରାହାରି ୧.୪୮ ଡିଗ୍ରୀ ଅଧିକ ଉଷ୍ଣ ଥିଲା ବେଳେ ବିଶ୍ୱ ତାପାୟନ ୧.୫ ଡିଗ୍ରୀ ଅଧିକ ରହିଥିଲା । ଏହି ବର୍ଷ ବିଶ୍ୱର ପ୍ରାୟ ୧୦୯ଟି ଦେଶ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ସେଥି ଭିତରୁ ଆଫ୍ରିକା, ୟୁରୋପ ଓ ପଶ୍ଚିମ ଏସିଆର ୫୯ଟି ଦେଶ ସର୍ବାଧିକ ପ୍ରଭାବିତ ହୋଇଥିଲା । ଏହିସବୁ ଦେଶରେ ସବୁଠାରୁ ଅଧିକ ସଂଖ୍ୟକ ଲୋକଙ୍କର ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ଘଟିଥିଲା । ଜଳବାୟୁ ପରିବର୍ତ୍ତନ ଓ ତାପାୟନ ବୃଦ୍ଧିର ସର୍ବାଧିକ ପ୍ରଭାବ ଇଣ୍ଡୋନେସିଆରେ ଅନୁଭୂତ ହୋଇଥିଲା, ଯେଉଁଠି ୧୯ନିୟୁତ ଲୋକ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ । ଆଫ୍ରିକୀୟ ରାଷ୍ଟ୍ର ଲିବିୟାରେ ମୃତ୍ୟୁସଂଖ୍ୟା ସବୁଠାରୁ ଅଧିକ ରହିଥିବାର ଜଣାପଡିଛି । ଭାରତର ସ୍ଥିତିକୁ ଅନୁଧ୍ୟାନ କଲେ ଦେଖାଯାଉଛି ଯେ, ୨୦୨୩ ବର୍ଷର ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଦେଶରେ ଅଧିକ ତାପମାତ୍ରା ଅନୁଭୂତ ହୋଇଥିଲା । ଏହି ଦୁଇମାସର ତାପମାତ୍ରା ବିଗତ ୧୨୨ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି । ବର୍ଷର ୩୬୫ ଦିନ ମଧ୍ୟରୁ ୩୧୮ଦିନ ଆମ ଦେଶ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିବା ଘଟଣାକୁ ଆଦୌ ହାଲୁକା ଭାବରେ ବିଚାର କରାଯିବା ଉଚିତ୍ ନୁହେଁ । ଏଥିରେ ମୋଟ ୩୨୮୭ଜଣ ପ୍ରାଣ ହରାଇଥିଲେ ଏବଂ ୨.୨୧ ନିୟୁତ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା । ସେହିପରି ୮୬ ହଜାର ୪୩୨ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବାର ବିବରଣୀରେ ଦର୍ଶାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ଘଟିଥିବା ୩୧୮ ଦିନ ମଧ୍ୟରୁ ହିମାଚଳ ପ୍ରଦେଶ ୧୪୧, କେରଳ ଓ ଉତ୍ତର ପ୍ରଦେଶରେ ୧୧୯ଦିନ ଏବଂ ଓଡ଼ିଶାରେ ୯୧ ଦିନ କିଛିନା କିଛି ପ୍ରାକୃତିକ ବିପର୍ଯ୍ୟୟ ଭୋଗିବାକୁ ପଡ଼ିଥିଲା । ଦେଶରେ ୨୦୮ ଦିନ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ହୋଇଥିବା ବେଳେ ୨୦୨ଦିନ ବଜ୍ରପାତ ଘଟିଥିଲା । ସେହିପରି ୪୯ଦିନ ଗ୍ରୀଷ୍ମ ପ୍ରବାହ, ୨୯ ଦିନ ଶୀତ ଲହରୀ, ୯ଦିନ ବାଦଲଫଟା ବର୍ଷା, ୫ଦିନ ତୁଷାରପାତ ଓ ଦୁଇଦିନ ଘୂର୍ଣ୍ଣିବଳୟଜନିତ ବିପର୍ଯ୍ୟୟ ସାମ୍ନା କରିବାକୁ ପଡ଼ିଥିଲା । ଓଡ଼ିଶାରେ ୯୧ଦିନର ପ୍ରାକୃତିକ ବିପର୍ଯ୍ୟୟରେ ମୋଟ ୬୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ହଜାର ୫୭୬ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିଲା । ରାଜ୍ୟର ୩୬୫୧ଟି ବାସଗୃହ ନଷ୍ଟ ହେବା ସହିତ ୨୯ଟି ପଶୁଙ୍କ ମୃତ୍ୟୁ ଘଟିଥିଲା । ପ୍ରାକୃତିକ ବିପର୍ଯ୍ୟୟ ଯୋଗଁ ଏହି ବର୍ଷକ ଭିତରେ ବିହାରରେ ୬୪୨ଜଣ ଲୋକ ପ୍ରାଣ ହରାଇଥିଲେ । ଜଳବାୟୁ ପରିବର୍ତ୍ତନ ଓ ତାପାୟନ ବୃଦ୍ଧିଜନିତ ମହାସଙ୍କଟର ମୁକାବିଲା ପାଇଁ ବିଶ୍ୱ ସମୁଦାୟ ଐକ୍ୟବଦ୍ଧ ପ୍ରୟାସ ଜାରି ରଖିବା ବର୍ତ୍ତମାନ ସମୟର ଆହ୍ୱାନ ।

ଅର୍ଥନୀତି ସମାନତା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ

ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଯଦି ବର୍ତ୍ତମାନ ବିଭିନ୍ନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ରିପୋର୍ଟକୁ ଅନୁଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ହେବ ଯେ ଦିନକୁ ଦିନ ଭାରତର ଆର୍ଥିକ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି । ଆର୍ଥିକ ବର୍ଷ ୨୦୨୩-୨୪ ରେ ଜି.ଡି.ପି ଅନୁସାରେ ଭାରତର ଆୟରେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି କିନ୍ତୁ ଏହା ୨୦୦୩ରୁ ୨୦୧୧ ମଧ୍ୟରେ ଥିବା ଭାରତର ଆୟ ତୁଳନାରେ କମ୍ ଅଛି । ୨୦୦୮ ମସିହାକୁ ଛାଡି ଯେତେବେଳେ ପୁରା ଦୁନିଆ ବିଷାଦ ଗ୍ରସ୍ତ ଥିଲା ସେ ସମୟରେ ଭାରତ ଲଗାତାର ପ୍ରତ୍ୟେକ ବର୍ଷ ୮ ପ୍ରତିଶତ ବୃଦ୍ଧି ହାସଲ କରିଥିଲା । ତେଣୁ ବର୍ତ୍ତମାନ ଅବସ୍ଥାରେ ୭.୬ ପ୍ରତିଶତ ଆର୍ଥିକ ବୃଦ୍ଧି ପ୍ରଶଂସନୀୟ । କିନ୍ତୁ ଆମେ ଯଦି ଟିକେ ନିମ୍ନକୁ ଯାଇ ବିଶ୍ଳେଷଣ କରିବା ତେବେ ସ୍ପଷ୍ଟ ଅନୁମେୟ ହେବଯେ ବିଶେଷ ଧନୀକ ଶ୍ରେଣୀର ଏକ ଛୋଟ ଅଂଶକୁ ଛାଡି ଦେଲେ ଅଧିକାଂଶ ଭାରତୀୟଙ୍କର ଅତି କଷ୍ଟରେ ସାମାନ୍ୟ ଆର୍ଥିକ ବୃଦ୍ଧି ହେବାର ଦେଖା ଯାଉଛି । ଏହାଛଡା ୧୯୯୦ ଦଶକର ମଧ୍ୟ ଭାଗରେ ଭାରତର ଆର୍ଥିକ ଅସମାନତା ଯୋଗୁଏହାର ମୂଳଦୁଆ କମ୍‌ଜୋର ହେବାରେ ଲାଗିଥିଲା । ବିଗତ ବର୍ଷ "ଇଣ୍ଟର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ଏନଭାୟାରମେଣ୍ଟ ଆଣ୍ଡ ଡେଭଲପମେଣ୍ଟ"ର ଏକ ତଥ୍ୟ ଆଧାରରେ ଜଣାପଡ଼େ କୃଷକମାନଙ୍କର ଆତ୍ମହତ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ୨୦୨୨ରେ ଏହା ଶୀର୍ଷ ସ୍ଥାନକୁ ଉଠିଥିଲା । ଋଣ ଓ ଗରିବୀ ତଳେ ଚାପି ହୋଇ ୧୧,୨୯୦ କୃଷକ ଆତ୍ମହତ୍ୟା କରିଥିଲେ । କେବଳ ୨୦୧୪ରୁ ୨୦୨୨ମସିହା ଭିତରେ ୧ଲକ୍ଷରୁ ଅଧିକ କୃଷକ ନିଜର ପ୍ରାଣ ବିସର୍ଜନ କରିଥିଲେ ।

ଦେଶର ଅନ୍ୟ ଏକ ଦିଗକୁ ଅନୁଧ୍ୟାନ କଲେ ଜଣାପଡ଼େ ଦେଶର ଅର୍ଥବ୍ୟବସ୍ଥାର ବିକଳ ଚିତ୍ର । ଯାହା ହେଲା 'ବେରୋଜଗାରୀ' ଯୁବବର୍ଗ । ୧୯୯୪ରେ ଯୁବବେକାରୀ ସଂଖ୍ୟା ଥିଲା ୧୧.୮ ପ୍ରତିଶତ । ଏହି ସଂଖ୍ୟା କ୍ରମଶଃ ୨୦୧୮ ମସିହାରେ ବଢି ୨୫.୯ ପ୍ରତିଶତ ଯୁବକ ରୋଜଗାର ପାଇଁ ଚାକିରି ଅନ୍ୱେଷଣ କରୁଥିଲା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି । ଯଦିଓ ବର୍ତ୍ତମାନ ତା'ର ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଛି ତେବେ ମଧ୍ୟ ଭାରତର ଯୁବବର୍ଗ ବେରୋଜଗାରୀ ଦୁନିଆଁରେ ସବୁଠାରୁ ଅଧିକ । ବର୍ତ୍ତମାନ ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ଭାରତରେ ୬.୮ ପ୍ରତିଶତ ଅଛି ଯାହା ଗତ ଡିସେମ୍ବରରେ ୮.୭ ପ୍ରତିଶତ ଥିଲା । ବିଶେଷକରି ଶିକ୍ଷିତ ଯୁବବର୍ଗଙ୍କ ପାଇଁ ସ୍ଥିତି ଅତ୍ୟନ୍ତ ଜଟିଳ ଓ ଚିନ୍ତାଜନକ । ୨୦୨୨ରେ ସ୍ନାତକ ଶିକ୍ଷା ଲାଭ କରିଥିବା ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ୨୯.୧ ପ୍ରତିଶତ ଯାହା ସ୍ୱତନ୍ତ୍ର ଭାରତରେ ସର୍ବାଧିକ । ୨୦ ରୁ ୨୪ ବର୍ଷ ବୟସର ବେକାର ଯୁବବର୍ଗଙ୍କ ସଂଖ୍ୟା ୪୪.୪୯ ପ୍ରତିଶତ । ୨୫ରୁ ୨୯ ବର୍ଷ ବୟସର ଯୁବ ବେରୋଜଗାରୀଙ୍କ ସଂଖ୍ୟା ୧୪.୩୩ ପ୍ରତିଶତ । ଅକ୍ଟୋବର ଠୁ ଡିସେମ୍ବର ୨୦୨୩ ମଧ୍ୟରେ ଯାହା ପୂର୍ବ ତିନି ମାସରେ ୧୩.୩୫ ପ୍ରତିଶତ ଥିଲା ।

ଏହାଛଡା ଆଉ ଏକ ଚିନ୍ତାଜନକ କଥା ଯାହା ଉପରେ ବିଶେଷଧ୍ୟାନ ଦିଆ ଯାଉନାହିଁ । ଯାହାହେଲା 'ନିବେଶ ଦର ବା ବିନିଯୋଗ ଦର' ଯାହା ହେଉଛି ଦେଶର ଏପରି ଏକ ଭାଗ ଯାହାକୁ ଦେଶ ତଥା ରାଜ୍ୟର କଳ କାରଖାନା, ସଡକ, ଗମନା ଗମନ, ମେସିନ ତଥା ମାନବ ପୁଞ୍ଜିରେ ବିନିଯୋଗ କରା ଯାଇଥାଏ । ଆମେ ଉପରୋକ୍ତ ଏହି ସୂଚୀରୁ କିଛି ଚର୍ଚ୍ଚା ବିଶେଷ ଭାବରେ ଗଣମାଧ୍ୟମ ପୃଷ୍ଠାରେ ଦେଖିବାକୁ ପାଉଛୁ । ଭାରତର ବନ୍ଦର ନିର୍ମାଣ ଓ ବିମାନ ଆଡା କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଣିଧାନ ଯୋଗ୍ୟ । ଯଦି ଆମ ନେତୃବର୍ଗ ଏ ସବୁର ଶ୍ରେୟ ନେଉଛନ୍ତି ତେବେ ଏହିସବୁ କ୍ଷେତ୍ରରେ ଶିକ୍ଷିତ ଯୁବବର୍ଗଙ୍କୁ କାହିଁକି ନିଯୁକ୍ତି ମିଳୁନି ଯାହା ଏକ ପ୍ରଶ୍ନବାଚୀ । ଉଚ୍ଚ ବିନିଯୋଗ ଦର ଦୀର୍ଘକାଳୀନ ବିକାଶର ମହତ୍ୱପୂର୍ଣ୍ଣ ଚାଳକ ଅଟେ । ଭାରତର ନିବେଶ ଦର ୨୦୦୬ରେ ୩୮ ପ୍ରତିଶତକୁ ଟପି ଯାଇଥିଲା ଯାହା ୨୦୧୩ ସୁଦ୍ଧା ତଳକୁ ଖସିନଥିଲା । ସେହି ସମୟରେ ଭାରତର ବିନିଯୋଗ ଦୁନିଆଁରେ ସବୁଠୁ ବର୍ଦ୍ଧିତ ଅର୍ଥବ୍ୟବସ୍ଥାର ବରାବର ଥିଲା । କିନ୍ତୁ କ୍ରମାନ୍ୱୟରେ ଏହି ବର୍ଦ୍ଧିତ ହାରରେ ଦିନକୁ ଦିନ ହ୍ରାସ ହେବାର ଦେଖିବାକୁ ମିଳୁଛି ଯାହା ସାରକାରଙ୍କ ଆର୍ଥିକ ସର୍ବେକ୍ଷଣ ତଥ୍ୟ କହେ । ୨୦୨୨-୨୩ ସୁଦ୍ଧା ଏହାର ସଂଖ୍ୟା ହ୍ରାସ ପାଇ ୨୭.୯ ପ୍ରତିଶତକୁ ଆସିଯାଇଛି । ଏଭଳି ହେବାର କାରଣ କ'ଣ ? ୨୦୧୮ ମାର୍ଚ୍ଚରେ ପ୍ରକାଶିତ ବିଶ୍ୱ ବିଶମତା ଲ୍ୟାବର ତଥ୍ୟକୁ ଅନୁଧ୍ୟାନ କଲେ ଏହାର କାରଣ ଜଣାପଡିଯାଏ । ଏଥିରୁ ଜଣାପଡୁଛିଯେ ଭାରତରେ ଅସମାନତା ଦୀର୍ଘବର୍ଷ ଧରି ଅଧିକ ରହିଛି । ଏବଂ ତାହା ଏକ ନୂତନ ଶିଖରକୁ ପହଞ୍ଚି ଯାଇଛି । ସବୁଠୁ ଧନୀ ୧ ପ୍ରତିଶତ ଭାରତୀୟଙ୍କ ପାଖରେ ଦେଶ ଆୟର ୨୨.୬ ପ୍ରତିଶତ ଆୟ ଠୁଳ ହୋଇଛି । ବିଗତ ୧୦୦ ବର୍ଷ ତୁଳନାରେ ଏହା ସବୁଠାରୁ ଅଧିକ ବିନିଯୋଗ ଅଟେ । ବିଗତ ଦିନରେ ୧୯୩୦ ଦଶକରେ ଆମେ ଏହାର ନିକଟବର୍ତ୍ତୀ ହୋଇଥିଲୁ । ସେତେବେଳେ ଔପନିବେଶିକ ଶାସନ ଥିଲା । ତଥ୍ୟ ଆଧାରରେ ଏହା ବଡ଼ ବଡ଼ ବ୍ୟବସାୟୀ ଓ ସରକାରଙ୍କ ମଧ୍ୟରେ ବୁଝାବଣା ଯୋଗୁ ସମ୍ଭବ ଥିଲା । ଭାରତରେ ଦୀର୍ଘଦିନ ଧରି କ୍ରୋନିଜିମ୍ (cronyism) ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ନୂତନ ଉର୍ଦ୍ଧ୍ୱକୁ ପହଞ୍ଚିଛି ଯାହାର ତୁଳନା ମଧ୍ୟ ପ୍ରାଚ୍ୟଦେଶ ପାକିସ୍ଥାନ, ଫିଲିପିନ୍ସ ଆଦିରେ ଅତୀତରେ ଦେଖାଯାଇଥିବା କ୍ରୋନିଜିମ ସହ ସମାନ । 'ଟାଇମ' ମ୍ୟାଗାଜିନ ୨୭ ମାର୍ଚ୍ଚରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତର ବିଷମତାର ସ୍ତର ଆମେରିକା, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାରୁ ମଧ୍ୟ ଅଧିକ । ଏହାର କାରଣ ଆମେ ଏହାର ମୂଳ ଆଧାରକୁ ବିଚାର ନକରି କେବଳ ଗଣମାଧ୍ୟମ ତଥ୍ୟ ଉପରେ ନିଜକୁ କେନ୍ଦ୍ରିତ କରିଛୁ । ଆମେ ପ୍ରାଣ ପଣେ ଉଦ୍ୟମ କରୁଛୁ କିପରି ଆମ ଦେଶ ୫ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ କିପରି ପହଞ୍ଚିବ । ରାଷ୍ଟ୍ରୀୟ ଆୟ ତୁଳନାରେ କିପରି ଜର୍ମାନୀକୁ ଟପିବ । କିନ୍ତୁ ଆମ ନେତୃବର୍ଗ କେବେହେଲେ ନିମ୍ନସ୍ତରର ଜନସାଧାରଣଙ୍କ ମଧ୍ୟରେ କିପରି ଏହି ଅର୍ଥ ସମାନଭାବରେ ବିତରଣ ହୋଇପାରିବ ଏବଂ ଗରିବର ସ୍ଥିତ ବଦଳିବ ଏହା ଉପରେ ଧ୍ୟାନ ଦେଇନାହାଁନ୍ତି । ଗାନ୍ଧିଜୀ ଦିନେ କହିଥିଲେ ଆମ ନେତୃବର୍ଗ ବିକାଶର ଚିନ୍ତା କରିବା ଆଗରୁ ସବୁଠାରୁ ଗରିବ ଓ କମ୍‌ଜୋର ଲୋକର ମୁଖକୁ ମନେପକାଇ ନିଜ ହୃଦୟକୁ ପ୍ରଶ୍ନ କରେ ଯେ ସେ ଉଠାଉଥିବା ପଦକ୍ଷେପ ଗରିବ ଲୋକଙ୍କ ପାଇଁ କେତେଦୂର ସହାୟକ ? ତେବେ ଦେଶ ତଥା ରାଜ୍ୟରୁ ଆର୍ଥିକ ଅସମାନତା ଦୂର ହୋଇପାରିବ ବୋଲି ଆଶା ।

ଘାତକ ହୋଇପାରେ ପଥର ସମସ୍ୟା

ଆମେ ସମସ୍ତେ ଜାଣିଛେ କି ଆମ ଶରୀରରେ ବିଭିନ୍ନ ସମୟରେ ପଥର ସମସ୍ୟା ସୃଷ୍ଟି ହୋଇଥାଏ । କେତେବେଳେ ପିତକୋଷରେ ତ ଆଉ କେତେବେଳେ ବୃକକରେ । ପୁଣି କେତେବେଳେ ମୂତ୍ରନଳୀରେ ମଧ୍ୟ ଏହି ପଥରର ଆବିର୍ଭାବ ଘଟିଥାଏ ଏବଂ ତାହା ରୋଗୀକୁ ଦ୍ୱିବିଧାରେ ପକାଏ । ମଣିଷ ଖାଦ୍ୟ ଓ ପାନୀୟ ଆକାରରେ ଯାହା ଗ୍ରହଣ କରିଥାଏ ସେଥିରୁ କିଛି ପଦାର୍ଥ ଶରୀର ଭିତରେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଜମା ହୋଇଗଲେ ତାହାକୁ ଆମେ ପଥରର ଆଖ୍ୟା ଦେଇଥାଉ । ବୃକକ, ପିତକୋଷ ଏବଂ ମୂତ୍ରନଳୀ ଯେଉଁଠାରେ ବି ଏହି ପଥର ଜମା ହୋଇଯାଏ ସେଠାରେ ତାହା କ୍ରମଶଃ ବୃଦ୍ଧିପାଇ ଶରୀରର ଗଠନ ପ୍ରକ୍ରିୟାରେ ବାଧା ଉପୁଜାଇଥାଏ । ଫଳରେ ମଣିଷଟି ରୋଗୀ ବୋଲି ବିବେଚିତ ହୁଏ । ବିଶେଷ କରି କହିବାକୁ ଗଲେ କିଡ୍‌ନୀ ବା ବୃକକରୁ ଏରିଥ୍ରୋପୋଏଟିନ ନାମକ ହରମୋନ ବାହାରେ ଯାହାକି ରକ୍ତ ତିଆରି କରିବାରେ ସାହାଯ୍ୟ କରିଥାଏ । ରକ୍ତ ପରିଷ୍କାର କରିବା ଠାରୁ ଆରମ୍ଭ କରି ଶରୀରରେ କ୍ୟାଲସିୟମ ଓ ଫସଫରସ ସ୍ତରକୁ ନିୟନ୍ତ୍ରଣ କରିବା ସହିତ ରକ୍ତର ପିଏଚ ସ୍ତର ସନ୍ତୁଳିତ ରଖିବା ଏହି କିଡ୍‌ନୀର ପ୍ରମୁଖ କାର୍ଯ୍ୟ ହୋଇଥାଏ । ମାତ୍ର ଯଦି କିଡ୍‌ନୀରେ ଷ୍ଟୋନ ହୁଏ ତେବେ ଏସବୁ କାର୍ଯ୍ୟରେ କିଛିଟା ପ୍ରତିବନ୍ଧକ ସୃଷ୍ଟି ହୁଏ । ଆକ୍ୱାଲାଇଟ ଜାତୀୟ ଖାଦ୍ୟ ଅଧିକ ଖାଇଲେ ଏବଂ କ୍ୟାଲସିୟମ ଔଷଧ ଅଧିକ ଖାଇଲେ କ୍ୟାଲସିୟମ ଅକ୍ୱାଲାଇଟ ଷ୍ଟୋନ ଓ ଫସଫେଟ ଷ୍ଟୋନ ହୋଇଥାଏ । ଯେଉଁମାନଙ୍କ ରକ୍ତରେ ୟୁରିକ ଏସିଡ୍ ପରିମାଣ ଅଧିକ ଥାଏ ସେମାନଙ୍କୁ ୟୁରିକ ଏସିଡ୍ ଷ୍ଟୋନ ହେବା ଆଶଙ୍କା ରହିଥାଏ । । ସେହିଭଳି ସିଷ୍ଟାଇନ ଷ୍ଟୋନ ବଂଶଗତ କାରଣରୁ ଲୋକମାନଙ୍କର ହୋଇଥାଏ । ବାରମ୍ବାର ସଂକ୍ରମଣ ହେଲେ ଷ୍ଟ୍ରୁଭାଇଟ ଷ୍ଟୋନ ହୁଏ ଏବଂ ଏହା ବଡ଼ ଆକାରରେ ହୋଇ ରୋଗୀକୁ ମାନସିକ ଓ ଶାରିରୀକ ପୀଡ଼ା ଦେଇଥାଏ । ରକ୍ତପରୀକ୍ଷା ଏବଂ ସିଟିସ୍କାନ ମାଧ୍ୟମରେ ଏହି କିଡ୍‌ନୀ ଷ୍ଟୋନର ଆକାର ପ୍ରକାର ଜାଣିବା ପରେ ଡାକ୍ତର ଓ ବିଶେଷଜ୍ଞମାନେ ତାହାର ନିରାକରଣ ବାଟ ଖୋଜିଥାନ୍ତି । ଲୁଣ ଅଧିକ ଖାଇବା ଏବଂ ପାଣି କମ୍ ପିଇବା କିଡ୍‌ନୀ ଷ୍ଟୋନର ମୁଖ୍ୟକାରଣ ବୋଲି କୁହାଯାଇଥାଏ ।ପରିସ୍ରାରେ ବାରମ୍ବାର ରକ୍ତ ପଡ଼ିବା, ବାନ୍ତି ଲାଗିବା ସହିତ ପ୍ରବଳ ଅଣ୍ଟାବିନ୍ଧା ଏହାର ଲକ୍ଷଣମାନ ହୋଇଥିବାବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ କିଡ୍‌ନୀ ଷ୍ଟୋନର ନିରାକରଣ ପ୍ରକ୍ରିୟା ମଧ୍ୟ ସହଜସାଧ୍ୟ ହୋଇପାରୁଛି । ସେହିଭଳି ୟୁରେଟର, ଗ୍ଲୁଟର କିମ୍ବା ୟୁରୋଥ୍ରାରେ ମଧ୍ୟ ଏଭଳି ଷ୍ଟୋନ ହୋଇଥାଏ । ଅତ୍ୟାଧୁନିକ ଜୀବନଶୈଳୀ ସାଙ୍ଗକୁ ଅସମୟରେ ଖାଦ୍ୟ ପାନୀୟ ଗ୍ରହଣ କଲେ ଏସବୁସ୍ଥାନରେ ଷ୍ଟୋନ ବା ପଥର ସୃଷ୍ଟି ହୁଏ । ଯଦି ଏହାକୁ ଅଣଦେଖା କରାଯାଏ ତେବେ ସମୟକ୍ରମେ ତାହା ଜୀବନ ପ୍ରତି ଘାତକ ହୋଇପଡ଼େ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତିବର୍ଷ ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ମୂତ୍ରାଶୟରେ ପଥର ହେଉଛି । ବୃକକରେ ପଥର ହେବା ଅପେକ୍ଷା ମୂତ୍ରାଶୟରେ ପଥର ହେଲେ ତାହା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ପରିସ୍ରାରେ ଅଧିକ ପରିମାଣର ରାସାୟନିକ ପଦାର୍ଥ ନିର୍ଗତ ହେଲେ ତାହା ପଥର ସୃଷ୍ଟି କରାଏ । ଏହା ମୂତ୍ରର ସାଧାରଣ ପ୍ରବାହକୁ ଅବରୋଧ କରିବା ସହିତ ଯନ୍ତ୍ରଣା ବଢାଇଦିଏ । ଏହାଦ୍ୱାରା ମଧ୍ୟ ରୋଗୀର ପରିସ୍ରାରେ ରକ୍ତ ପଡ଼ିବା ସହିତ ଜ୍ୱର ଓ ବାନ୍ତି ଲାଗିରୁହେ । ଯଦି ସଠିକ ମାତ୍ରାରେ ପରିମାର୍ଜିତ ଖାଦ୍ୟ ସାଙ୍ଗକୁ ପାନୀୟଜଳ ଗ୍ରହଣ ହୁଏ ତେବେ ମୂତ୍ରାଶୟରେ ପଥର ହେବା ଆଶଙ୍କା ନଥାଏ । ମାନସିକ ଚାପରୁ ଦୂରେଇ ରହି ସପ୍ତାହରେ ଅତିକମରେ ୪/୫ ଥର ସକାଳ ସନ୍ଧ୍ୟାରେ ବ୍ୟାୟାମ କଲେ ପଥର ସମସ୍ୟା ସୃଷ୍ଟି ହେବାର ଆଶଙ୍କା କମ୍ ଥାଏ । ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନିହାତି ଜରୁରି ହୋଇପଡ଼ିଥାଏ ।

ଡା. ପ୍ରବାସ ନାୟକ
ୟୁରୋଲୋଜିଷ୍ଟ, ୟୁରେକା ହେଲଥ କେୟାର
ମହାନଦୀ ବିହାର, କଟକ, ମୋ: ୭୭୮୭୦୦୦୨୨୨

ସଙ୍କଟରେ ସ୍ରୋତସ୍ୱିନୀ

ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

କିଛିଦିନ ତଳେ ଖବରରେ ପ୍ରକାଶିତ ହେଲା ଚେନ୍ନାଇ ହେଉଛି ଦେଶର ପ୍ରଥମ ସ

ସାଧାରଣ ନିର୍ବାଚନ ପାଇଁ ସରିଲା ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା

କଳାହାଣ୍ଡିର ୫ ବିଧାନସଭା ଆସନରୁ ୮୩ ଓ ଲୋକସଭା ଆସନରୁ ୨୦ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଆସନ୍ତା ମେ' ୧୩ ତାରିଖରେ ହେବାକୁ ଥିବା ଗଣତନ୍ତ୍ରର ମହାସଂଗ୍ରାମ ସାଧାରଣ ନିର୍ବାଚନ-୨୪ ପାଇଁ ପ୍ରସ୍ତୁତି ସରିଛି ରଣକ୍ଷେତ୍ରର । ଏବେ ଶେଷ ହୋଇଛି ଯୋଦ୍ଧାମାନଙ୍କ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା । ଏବେ ଖାଲି ବିଭିନ୍ନ ଦଳର ରଣକୌଶଳ ନେଇ ରଣାଙ୍ଗନରେ ଓହ୍ଲାଇବା କଥା । ଗତକାଲି ୨୫ତାରିଖ ଥିଲା ପ୍ରଥମ ପର୍ଯ୍ୟାୟରେ ଭୋଟ୍ ହେବାକୁ ଥିବା ଆସନଗୁଡିକରେ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କଳାହାଣ୍ଡିଙ୍କ ସୂଚନା ଅନୁଯାୟୀ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ସୁଦ୍ଧା କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରୁ ୮୩ଜଣ ପ୍ରାର୍ଥୀଙ୍କ ସହ କଳାହାଣ୍ଡି ଲୋକସଭା ଆସନ ପାଇଁ ୨୦ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ କଳାହାଣ୍ଡି ଲୋକସଭା ଆସନ ପାଇଁ ୩ଜଣ, ସ୍ୱାଧୀନ ପ୍ରାର୍ଥୀ ଧର୍ମାନନ୍ଦ ଗହିର, ସ୍ୱାଧୀନ ପ୍ରାର୍ଥୀ ରାଜାରାମ ସାହୁ ଓ ସମାଜବାଦୀ ପାର୍ଟିରୁ ଶିବ ହାତୀ ଏବଂ ଭବାନୀପାଟଣା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଛାୟାକାନ୍ତ ଖମାରୀ, ଆପ୍ ଦଳରୁ ରମେଶ ନାଏକ, ବହୁଜନ ସମାଜ ପାର୍ଟିରୁ ସୁଗ୍ରୀବ ଦୀପ୍, ସମାଜ ବାଦୀ ପାର୍ଟିରୁ ଦୁର୍ଯ୍ୟୋଧନ ଠାକୁର, ସ୍ୱାଧୀନ ରୋହିତ ଦୁର୍ଗା, ସଞ୍ଜୟ ସୁନାନୀ, ରମେଶ ମହାନନ୍ଦ, ସେହିପରି ଧର୍ମଗଡ଼ରେ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟ ନାଏକ, ହେରାମ୍ବ ସେନାପତି, ପ୍ରହଲ୍ଲାଦ ଅଗ୍ରୱାଲ, ସମାଜବାଦୀ ପାର୍ଟିରୁ ସନ୍ତୋଷ ଭୋଇ, ଏଆଇଏଫ୍‌ବିରୁ ଟଙ୍କଧର ଶବର, ବହୁଜନ ସମାଜପାର୍ଟିରୁ ରୂପଧର ନାଏକ, ଲାଞ୍ଜିଗଡ଼ ବିଧାନସଭା ଆସନରୁ ସମାଜବାଦୀ ପାର୍ଟିରୁ ରାଖି ସି ନାଏକ, ସ୍ୱାଧୀନ ପ୍ରାର୍ଥିନୀ ଫୁଲମେ ମାଝୀ, ଏଆଇଏଫ୍‌ବିରୁ ଉଦ୍ଧବ ନାଏକ, ଜୁନାଗଡ଼ ଆସନରୁ ଏଆଇଏଫ୍‌ବିରୁ ରାଜେନ୍ଦ୍ର ବୈଠାରୁ, ନର୍ଲା ଆସନରୁ ଶଶିଦେବ ହରିଜନ, ଓଡ଼ିଶା ଜନତା ପାର୍ଟିରୁ କାଜଲ ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ଟିକମନ ଦୀପ, ପରୋଜାରାଣୀ ଜାଲ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ପ୍ରାର୍ଥିପତ୍ର ଯାଞ୍ଚ ଓ ଆସନ୍ତା ୨୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ କେତେଜଣ ପ୍ରାର୍ଥୀ ଯୁଦ୍ଧ ପଡିଆରେ ରହିବେ ତାହା ସ୍ପଷ୍ଟ ହୋଇଯିବ ।

ଶତପ୍ରତିଶତ ମତଦାନ ସାବ୍ୟସ୍ତ ପାଇଁ ଆହ୍ୱାନ

ନର୍ଲା, (ଭାସ୍କର ନ୍ୟୁଜ): ସାଧାରଣତଃ କୁହାଯାଏ ବୁଲେଟ ଠାରୁ ବାଲାଟ୍ ଅଧିକ ଶକ୍ତିଶାଳୀ । ତେଣୁ ଭାରତୀୟ ଗଣତନ୍ତ୍ରର ଏକ ସୁସ୍ଥ ଓ ସମୃଦ୍ଧ ପରମ୍ପରା ଗଠନ ସହ ନିର୍ବାଚନର ଏହି ମହାପର୍ବରେ ସାମିଲ ହୋଇ ଶତପ୍ରତିଶତ ଭୋଟଦାନ କରିବାକୁ ନର୍ଲା ବିଡ଼ିଓ ରିପୁନାଥ ସୁନା, ତହସିଲଦାର ବିଶ୍ୱରଞ୍ଜନ କଁହରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ର ବାହାରି ଥିଲା । ନର୍ଲା ଚାରିଛକ ଠାରୁ ପରିକ୍ରମା କରି ନର୍ଲା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ଏହି କାର୍ଯ୍ୟକ୍ରମରେ ଏବିଡିଓ ଦେବେନ୍ଦ୍ର ସାମଲ, ବିଏସ୍‌ଏସ୍‌ଓ, ଜିପିଇଓ, ବିପିସି ସହ ବହୁ କର୍ମଚାରୀ ସାମିଲ ଥିଲେ ।

ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ

ମ.ରାମପୁର (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଠାରେ ନର୍ଲା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର କାର୍ଯ୍ୟାଳୟକୁ ବିଧାୟିକା ପ୍ରାର୍ଥୀନୀ ମନୋରମା ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପରେ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ଚଳିତ ନିର୍ବାଚନରେ କିଭଳି ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀନୀ ମନୋରମା ମହାନ୍ତିଙ୍କୁ ବିଜୟୀ କରାଯିବ ତା' ଉପରେ ଆଲୋଚନା କରାଯାଇଥିଲା । ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ନିଜ ନିଜର ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲା ସଂପାଦକ ଟିକେଲାଲ ସାହୁ, ଜିଲ୍ଲା ବିଜୁ ଜନତା ଦଳ ଯୁବ ସଭାପତି ଆଦିତ୍ୟ ନନ୍ଦ, ମ.ରାମପୁର ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ, ନରଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଯୁବ ନେତା ବିକାଶ ରଞ୍ଜନ ସିଂହଦେଓ, ପଞ୍ଚାୟତ ସଭାପତି ପ୍ରଦୀପ ପାଣିଗ୍ରାହୀ, ବ୍ଲକ ଯୁବ ସଭାପତି ସତ୍ୟ ନାରାୟଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବେଶ ପଣ୍ଡା, ଭବାନୀ ସାହୁ, ରାକେଶ ଶତପଥୀ, ପ୍ରେମ ସାଗର ନାଏକ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

ତେଲେଙ୍ଗାନାରେ ଫସିଛନ୍ତି ୧୧ ଶ୍ରମିକ

କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତ କଛାରପଦର ଗ୍ରାମର କେତେକ ଶ୍ରମିକ ଅନ୍ୟ ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ସେଠାରେ ଫସିଯାଇଥିବା ଅଭିଯୋଗ ହୋଇଛି । ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କ ପରିବାର ଲୋକ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ପ୍ରକାଶ ଯେ କଛାରପଦର ଓ ପରଲସିଙ୍ଗା ଗ୍ରାମର ମୋଟ୍ ୧୧ଜଣ ଜଣ ଶ୍ରମିକ ଗତ ୨ମାସ ତଳେ କଟାବାଞ୍ଜି ଅଞ୍ଚଳର ଜନୈକ ଦଲାଲ ଜରିଆରେ ତେଲେଙ୍ଗାନାକୁ ଇଟାଭାଟି କାମ ପାଇଁ ଯାଇଥିଲେ । ଶ୍ରମିକମାନଙ୍କ ମଧ୍ୟରେ କଛାରପଦର ଗ୍ରାମର ରୂପବନ୍ତ ଶବର, ଅନ୍ତ ଶବର, ମଦନ ଶବର, ଶରତ ଶବର, ତ୍ରିନାଥ ଶବର, ସାରାଜ ଶବର, ଟିକେରାମ ଶବର ଏବଂ ପରଲସିଙ୍ଗା ପଞ୍ଚାୟତ ଅଞ୍ଚଳର ପାଣ୍ଡେ ଶବର ପ୍ରମୁଖ ଶ୍ରମିକ ରହିଥିବା ନେଇ ଜଣାପଡିଛି । ତେବେ ସେଠାରେ ସେମାନେ ପ୍ରାୟ ୨ମାସ କାମ ସାରିବା ପରେ ପାରିଶ୍ରମିକ ଠିକ୍‌ରେ ମିଳୁନଥିବାରୁ ଗାଁକୁ ଫେରିଆସିବା ପାଇଁ ଚେଷ୍ଟା କରିଥିଲେ । ହେଲେ ସେମାନଙ୍କୁ ଇଟାଭାଟି ମାଲିକ ଧମକଚମକ ଦେଇ ରଖିଥିବା ଶ୍ରମିକମାନେ ଫୋନ ଯୋଗେ ସମ୍ପର୍କୀୟଙ୍କୁ କହିଛନ୍ତି । ତେଲେଙ୍ଗାନା ଗାଙ୍ଗପୁର ଅଞ୍ଚଳରେ ସମ୍ପୃକ୍ତ ଶ୍ରମିକମାନେ ଫସି ରହିଥିବା ଜଣାପଡିଛି । ଏନେଇ ଆଜି କଛାରପଦର ଗ୍ରାମର ଜବରଂସି କୁମାର, ଟଙ୍କ ଶବର, ମହେଶ୍ୱର ଶବର, ମୁରଲୀ ଶବର, ଓ ଗୁଣନିଧି ଶବର ପ୍ରମୁଖ ଭବାନୀପାଟଣା ସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଅଭିଯୋଗ ତଥା ଗୁହାରି କରିବାକୁ ଯାଇଥିଲେ । ହେଲେ ସକାଳୁଆ ଅଫିସ୍ ଯୋଗୁ ସେମାନେ କାହାକୁ ଦେଖା କରିନପାରି ଫେରି ଆସିଥିଲେ । ପରେ କେସିଙ୍ଗା ଆଦର୍ଶ ଥାନାକୁ ଯାଇ ଆଇଆଇସିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ହେଲେ ଆଇଆଇସି ଏହା ଶ୍ରମ ବିଭାଗର କାମ ଏବଂ ଶ୍ରମ ବିଭାଗ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ପରାମର୍ଶ ଦେଇଥିଲେ । ଏନେଇ ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ ଜିତମଲ ମାଝୀଙ୍କୁ ପଚାରିବାରୁ ଆସନ୍ତାକାଲି ସକାଳେ ଶ୍ରମିକଙ୍କ ସମ୍ପର୍କୀୟମାନେ ଆସି ଅଭିଯୋଗ କଲେ, ଏ ବିଭାଗ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

ରାଜ ପରିବାରର ସଦସ୍ୟ ମିହିରେନ୍ଦ୍ରଙ୍କ ପରଲୋକ

ମ.ରାମପୁର, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମ.ରାମପୁର ରାଜା ପରିବାରର ସଦସ୍ୟ ତଥା ବିଶିଷ୍ଟ ଐତିହାସିକ ମିହିରେନ୍ଦ୍ର ପ୍ରତାପ ସିଂହ ଦେଓଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ରାଜା ଗୌରଚନ୍ଦ୍ର ସିଂହ ଦେଓଙ୍କ ଚାରି ପୁତ୍ର ମଧ୍ୟରୁ ମିହିରେନ୍ଦ୍ର ପ୍ରତାପ ସିଂହ ଦେଓ ତୃତୀୟ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍.ଏ ଏବଂ ଏଲ୍‌ଏଲ୍‌ବି ସାରି ମଦନପୁର ରାମପୁର ଜୁଡ଼ିସିଆଲ କୋର୍ଟରେ ଓକିଲାତି କରୁଥିଲେ । ଓକିଲାତି କରୁଥିବା ସମୟରେ ସେ କଳାହାଣ୍ଡିର ଇତିହାସକୁ ନେଇ ଗବେଷଣା କରି ଚାଲିଥିଲେ । ତାଙ୍କର ଗବେଷଣାରୁ ଲିଖିତ ଦୁଇ ଖଣ୍ଡ ପୁସ୍ତକ ପ୍ରକାଶ ହୋଇଯାଇଛି ଯଥା 'କାରୁଣ୍ଡ -ଦ ଭାଣିଷଡ଼ ଏ ଅମ୍ପେୟାର' ଓ 'ଦ ଅନ୍ ନୋନ ଇକୋନୋଗ୍ରଫି ଅଫ ଇଣ୍ଡିଆ' ପ୍ରକାଶିତ ହୋଇଥିବା ବେଳେ ଆଉ ଏକ ଲିଖିତ ଗବେଷଣା 'ହିଷ୍ଟରୀ ଅଫ ଦ ନାଗ ଡ୍ୟାନଷ୍ଟି' ମୁଦ୍ରିତ ହୋଇ ପାରିନାହିଁ । ତିନି ବର୍ଷ ତଳେ ତାଙ୍କ ମସ୍ତକରେ ଏକ ଟ୍ୟୁମର ଥିବା ଜଣାପଡ଼ିବା ପରେ ବାଙ୍ଗାଲୋର ମଣିପାଲ ହସ୍ପିଟାଲରେ ଅସ୍ତ୍ରୋପ୍ରଚାର ହୋଇଥିଲା କିନ୍ତୁ ପୁଣି ଥରେ ତାହା ଦେଖାଯାଇଥିଲା । ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାରରେ ହୃଦ୍‌ଘାତ ଯୋଗୁଁ ବାଙ୍ଗାଲୋର ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ବିଧାନସଭା ଆସନ ପ୍ରାର୍ଥିନୀ ଲଳିତାଙ୍କ ମାରାଥନ୍ ପ୍ରଚାର

ଭବାନୀପାଟଣା, (ଭାସ୍କର ନ୍ୟୁଜ): ନିର୍ବାଚନ ଯେତେ ପାଖେଇ ଆସୁଛି କଳାହାଣ୍ଡି ଜିଲ୍ଲାରେ ନେତାମାନଙ୍କ ପ୍ରଚାର ପ୍ରକ୍ରିୟା ସେତେ ବଢିବାରେ ଲାଗିଛି । ଖାଲି ନେତା ନୁହନ୍ତି ନେତାଙ୍କ ସମର୍ଥକମାନେ ମଧ୍ୟ ଦିନରାତି ଏକ କରି ପ୍ରଚାରରେ ଲାଗିପଡିଛନ୍ତି । ପ୍ରବଳ ଖରାକୁ ଖାତିର୍ ନାହିଁ, ଖାଇବା ପିଇବାକୁ ମନ ନାହିଁ । କେବଳ ଗୋଟିଏ ଲକ୍ଷ୍ୟ ଆମ ବିଜେଡି ପ୍ରାର୍ଥିନୀଙ୍କ ବିଜୟ । ବିଜେଡିର ବିକାଶ ।ଏବେ କଳାହାଣ୍ଡି ଜିଲ୍ଲାର ନର୍ଲା ବିଧାନସଭା ଆସନ ପରେ ଭବାନୀପାଟଣା ଆସନ ଅଧିକ ଚର୍ଚ୍ଚାରେ ରହିଛି । ବିଜେପି ପକ୍ଷରୁ ବରିଷ୍ଠ ନେତା ବିଧାୟକ ପ୍ରଦୀପ୍ତ ନାଏକ ସହ କଂଗ୍ରେସର ଯୁବନେତା ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କ ପୁଅ ସାଗର ଚରଣ ଦାସ ନିର୍ବାଚନ ଲଢୁଥିବା ବେଳେ ବିଜେଡି ତାହାର ମହିଳା କାର୍ଡ ଖେଳି ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ପତ୍ନୀ ଲଳିତା ନାଏକଙ୍କୁ ପ୍ରାର୍ଥୀ କରିଛି ।୨୦୧୯ ନିର୍ବାଚନରେ ବିଜେପିର ପ୍ରଦୀପ୍ତ ନାଏକ ଏଠୁ ବିଜୟୀ ହୋଇଥିଲା ବେଳେ ବିଜେଡିର ଦୁଷ୍ମନ୍ତ ନାଏକ ଓ କଂଗ୍ରେସର ସାଗର ଚରଣ ଦାସ ପରାଜିତ ହୋଇଥିଲେ । ଏଥର କିନ୍ତୁ ବିଜେଡି ଜଣେ ମହିଳାଙ୍କୁ ଅଗ୍ରାଧିକାର ଦେଇ ଲଳିତା ନାଏକଙ୍କୁ ପ୍ରାର୍ଥୀ କରିଛି । ଲଳିତା ନାଏକ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ପତ୍ନୀ ହୋଇ କିଛିଟା ରାଜନୈତିକ ଅଭିଜ୍ଞତା ସାଉଁଟିଥିଲେ ହେଁ ସେ ଦୀର୍ଘ ପାଞ୍ଚ ବର୍ଷ କାଳ ଭବାନୀପାଟଣା ପୌର ପରିଷଦର ଚେୟାରମ୍ୟାନ ରହି ଲୋକଙ୍କ ସେବା କରିଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲାରେ ମିଶନଶକ୍ତିର ବିପୁଳ ପ୍ରଚାରପ୍ରସାର ସହ ବିଜେଡି ଦଳପ୍ରତି ବହୁ ମହିଳା ତଥା ତାଙ୍କ ପରିବାରଙ୍କୁ ଆକର୍ଷିତ କରିପାରିଥିଲେ । ସଂଗଠନର ଉପଯୁକ୍ତ କ୍ଷମତା ରଖିପାରିଥିବା ଦୃଷ୍ଟିରୁ ବିଜେଡି ଦଳ ଲଳିତାଙ୍କୁ କଳାହାଣ୍ଡି ଜିଲ୍ଲା ବିଜୁ ମହିଳା ସଂଗଠନର ସଭାନେତ୍ରୀର ଗୁରୁଦାୟିତ୍ୱ ଦେଇଥିଲା । ତାଙ୍କ ଲୋକପ୍ରିୟତା ଓ ସାଂଗଠନିକ ଦକ୍ଷତାକୁ ଦେଖି ଚଳିତ ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ କରିଥିଲା । ପ୍ରାର୍ଥିପତ୍ର ଦାଖଲ ପରେ ଏବେ ପ୍ରଚାର ମଇଦାନରେ ଶହ ଶହ ଶୁଭେଚ୍ଛୁଙ୍କ ସହ ସେ ଦଳର ପ୍ରଚାରରେ ଲାଗିପଡିଛନ୍ତି । ୨୬ତାରିଖ ଶୁକ୍ରବାର ସକାଳୁ ସେ ବିଧାନସଭା ମଣ୍ଡଳୀର ସମର୍ଥକମାନଙ୍କ ସହ କେନ୍ଦୁପାଟି ଓ ବୋରଭଟା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର ସଭା କରିଛନ୍ତି । ପ୍ରବଳ ଖରାରେ ମଧ୍ୟ ଅଗଣିତ ସମର୍ଥକ ତାଙ୍କୁ ସ୍ୱାଗତ ଜଣାଉଛନ୍ତି । ବିଶେଷ କରି ମହିଳାମାନେ ଅଧିକ ସଂଖ୍ୟାରେ ଏହି ସଭାରେ ଦେଖିବାକୁ ମିଳୁଛନ୍ତି ।

ବିଜେପିରେ ଯୋଗଦେଲେ ପୂର୍ବତନ ଓକିଲ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ନେତାମାନେ ଦଳ ବଦଳ କରୁଛନ୍ତି । ଗୁରୁବାର ବିଜୁ ଜନତା ଦଳ ଛାଡ଼ି ପଦ୍ମ ଧରିଛନ୍ତି ଧର୍ମଗଡ଼ର ପୂର୍ବତନ ସରକାରୀ ଓକିଲ ଦିନେଶ କୁମାର ଶର୍ମା । ଶ୍ରୀ ଶର୍ମା ୨୦୧୨ରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଜେଡ଼ି ଦଳ ସୁପାରିଶକ୍ରମେ ସରକାରୀ ଓକିଲ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ । ବରିଷ୍ଠ ନେତା ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ସେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ଶର୍ମା ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳରେ ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ ।

ଦାଦନ ପାଇଁ ଯାଇ ବାପା-ମା' ମୃତ

ବେସାହାରା ଏବେ ଦୁଇ ଶିଶୁ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ମା'କୁ ଚିହ୍ନିବା ଜାଣିବା ଓ ମା' ଡାକ ଦେବା ପୂର୍ବରୁ ଜନ୍ମକଲା ପୁଅଝିଅକୁ ବାପା କୋଳରେ ଛାଡି ଆରପାରିକୁ ଚାଲିଗଲା ମା' । ଦୁଇ ପୁଅଝିଅଙ୍କୁ ଲାଳନ ପାଳନ କରିବା ପାଇଁ ମା' ଓ ବାପାର ଦାୟିତ୍ୱ ତୁଲାଉଥିଲା ବାପା । କିନ୍ତୁ ବିଧିର ବିଧାନ ଥିଲା ଅଲଗା । ଦୁଇ ପୁଅଝିଅଙ୍କୁ ମଣିଷ କରିବା ପାଇଁ ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇ ଏକ ଇଟାଭାଟିରେ କାମ କରୁଥିବା ବେଳେ ବାପାଙ୍କ ମଧ୍ୟ ମୃତ୍ୟୁ ହେଲା । ମା' ଓ ବାପା ଡାକ ଦୁଇପୁଅ ଝିଅ ପାଇଁ ସବୁଦିନ ପାଇଁ ବନ୍ଦ ହୋଇଗଲା । ବର୍ତ୍ତମାନ ଦୁଇ ଭାଇ ଭଉଣୀ ଅନାଥ ଜୀବନ ଜିଉଁଛନ୍ତି । ଆହା ବୋଲି କେହି ନାହିଁ କି ସାହା ବୋଲି କେହି ନାହିଁ । ନାବାଳିକା କାମକଲେ ଚୁଲି ଜଳେ, ନ ହେଲେ ଉପାସରେ ଦିନ ବିତେ । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗାଁର ଉଦ୍ଧବ କାଣ୍ଡ ଓ ମୁକ୍ତା କାଣ୍ଡଙ୍କ ଏକ ସୁଖର ସଂସାର ଥିଲା । ଜମିବାଡ଼ି ନାହିଁ କିମ୍ବା ମଧ୍ୟବିତ୍ତ ପରିବାରର ହୋଇନଥିଲେ ମଧ୍ୟ କୁଲି ମଜୁରୀ କରି ଝିଅ ଟୁନି ଓ ପୁଅ ସିଦ୍ଧାନ୍ତଙ୍କୁ ନେଇ ଆଖିରେ କେତେ ଯେ ସ୍ୱପ୍ନ ଦେଖିଥିଲେ । କିନ୍ତୁ ଦିନେ ଏହି ପରିବାର ଉପରେ ଦୁଃଖର ପାହାଡ଼ ଘୋଟି ଆସିଲା । ଦୁଇ ପୁଅ ଓ ଝିଅଙ୍କୁ ଉଦ୍ଧବଙ୍କ କୋଳରେ ଛାଡି ମା' ମୁକ୍ତା ଆରପାରିକୁ ଚାଲିଗଲେ । ସ୍ତ୍ରୀର ମୃତ୍ୟୁ ପରେ ଉଦ୍ଧବ ହାର୍ ନମାନି ପୁଅ ଝିଅଙ୍କୁ ଲାଳନ ପାଳନ କରିବା ସହିତ ପ୍ରତିପୋଷଣ କରିଆସୁଥିଲେ । ଟୁନି ଓ ସିଦ୍ଧାନ୍ତ ମଧ୍ୟ ବାପା ଉଦ୍ଧବ ପାଖରେ ମା' ଓ ବାପାର ସ୍ନେହ ପାଇବାରୁ ମା'କୁ ମଧ୍ୟ ଭୁଲି ଯାଇଥିଲେ । କିନ୍ତୁ ବିଧିର ବିଧାନଥିଲା ଅଲଗା । ଯେହେତୁ ଉଦ୍ଧବଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମଧ୍ୟ ମିଳିଲାନି । ଉଦ୍ଧବ ଋଣ କରଜ କରି ଏକ ଘର ତିଆରି କରିଥିବା ବେଳେ ଦୁଇ ପୁଅଝିଅଙ୍କୁ ମଣିଷ କରିବା ପାଇଁ ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ଏକ ଇଟାଭାଟିରେ କାମ କରୁଥିବା ବେଳେ ଗତ ମାର୍ଚ୍ଚ ୩୧ ତାରିଖରେ ଉଦ୍ଧବଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ଠିକାଦାର ଆମ୍ବୁଲାନ୍ସ ଗାଡିରେ ଶବକୁ ଗାଁକୁ ପଠେଇ ଦେଲା । ବର୍ତ୍ତମାନ ଟୁନି ଓ ସିଦ୍ଧାନ୍ତ ନାବାଳକ ହୋଇଥିବା ବେଳେ ଜେଜେ ବାପା ମଧ୍ୟ ବୃଦ୍ଧ ବୟସରେ ପକ୍ଷାଘାତ ରୋଗରେ ପୀଡ଼ିତ ଅଛନ୍ତି । ଟୁନି ପାଠ ପଢୁନ ଥିବା ବେଳେ ସିଦ୍ଧାନ୍ତ ଗାଁ ସ୍କୁଲରେ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ଆଧ୍ୟୟନ କରୁଛନ୍ତି । ନାବାଳିକା ଟୁନି କାମ କଲେ ଘର ଚଳେ ନ ହେଲେ ଭୋକ ଉପାସରେ ଦିନ କଟେ । ତେଣୁ ତୁରନ୍ତ ଦୁଇ ଅନାଥ ଭାଇ ଭଉଣୀଙ୍କୁ ଜିଲ୍ଲା ପ୍ରଶାସନ ଉଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ରାଶିଫଳ

ଶନିବାର, ୨୭ ଏପ୍ରିଲ ୨୦୨୪

ମେଷ: ପରିବାରରେ ଜୀବନସାଥି ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତି ଭାବନା ସୃଷ୍ଟି ହୋଇପାରେ । ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନପାଇ ବ୍ୟସ୍ତ ହୋଇପଡିବେ । ଅର୍ଥ ସଙ୍କଟକୁ ବନ୍ଧୁ ଜଣେ ସମାଧାନ କରିବେ ।

ବୃଷ: ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ । ଖଳ ଲୋକଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ । ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି ।

ଫୁଲନଖରା,(ଭାସ୍କର ନ୍ୟୁଜ୍): ସିଏମ୍‌ସି ୫୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ପ୍ରତାପନଗରସ୍ଥିତ ମା' ଧାକୁଲେଇଙ୍କ ପ୍ରସିଦ୍ଧ ଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଏକ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଯାଇଛି। ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କମିଟିର ସଦସ୍ୟ ସ୍ୱର୍ଗତ ସଦାନନ୍ଦ ଜେନାଙ୍କୁ ମରଣୋତ୍ତର ଭାବରେ ଅନୁଷ୍ଠାନର ସର୍ବୋଚ୍ଚ ସେବା ସମ୍ମାନ ଭାବେ ପ୍ରଶଂସାପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଛି। ସ୍ୱର୍ଗତ ସଦାନନ୍ଦ ଜେନାଙ୍କ ପିତା ବୁଦ୍ଧଦେବ ଜେନା ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଆଧ୍ୟାତ୍ମିକ ସ୍ତମ୍ଭକାର, ପ୍ରବଚକ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ସମ୍ପାଦକ ଶ୍ରୀ ସନ୍ନ୍ୟାସୀ ଜୀଙ୍କୁ ବିଶିଷ୍ଟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସଂପାଦକ ପ୍ରମୋଦ କୁମାର ବେହେରା, ସହ ସଂପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତିରେ ଅପେରା ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସମୁଦ୍ରକୂଳରୁ ବୃଦ୍ଧଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ଘଟଣା

୬ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଗୁଣ୍ଡଳବା ସମୁଦ୍ର କୂଳରେ ରକ୍ତାକ୍ତ ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର। ସୂଚନା ମୁତାବକ ଛୁରିଆନା ପଞ୍ଚାୟତ ଆଇସିଣିଆ ଗ୍ରାମର ରାଧୁ ସ୍ୱାଇଁ ଗତ ୧୬ ଅପ୍ରେଲ (ମଙ୍ଗଳବାର) ରାତି ୯ଟା ୩୦ମିନିଟ ସମୟରେ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରେ ନପହଞ୍ଚିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। କିନ୍ତୁ ତା' ପରଦିନ ଅର୍ଥାତ୍ ୧୭ ତାରିଖ (ବୁଧବାର) ସକାଳୁ ଗୁଣ୍ଡଳବା ଠାରୁ କିଛି ଦୂରରେ ଥିବା ସମୁଦ୍ରକୂଳରେ ଜଣେ ବ୍ୟକ୍ତି ପଡ଼ିଥିବାର ଅଞ୍ଚଳବାସୀ ଦେଖି ଆଇସିଣିଆ ଗ୍ରାମର ରାଧୁ ସ୍ୱାଇଁ ବୋଲି ଚିହ୍ନି ଥିଲେ। ସମୁଦ୍ର କୂଳରେ ପଡ଼ିଥିବା ବେଳେ ସେ ଏକ ଗ୍ରେ କଲର ହ୍ୟାଫ ପ୍ୟାଣ୍ଟ ପିନ୍ଧିଥିବା ବେଳେ ଶରୀରର ବେକ, ଦୁଇଟି କାନ, ଆଖିରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ବେଳେ ଅନେକ ସ୍ଥାନରେ କ୍ଷତାଚିହ୍ନ ଥିବାର ଦେଖିବାକୁ ପାଇଥିଲେ। ଯାହାକି ପାରିପାର୍ଶ୍ୱିକ ପ୍ରାଥମିକ ତଦନ୍ତରୁ ହତ୍ୟା ବୋଲି ଅଭିଯୋଗ ହୋଇଥିଲା। ଖବର ପାଇ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ଥିବାବେଳେ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ପରେ ସାଇଣ୍ଟିଫିକ ଟିମ୍ ଅଫିସର ଆଦିତ୍ୟରଞ୍ଜନ ନାୟକ, ଫଟୋ ଗ୍ରାଫର ରମେଶ ଚନ୍ଦ୍ର ବାରିକ ଓ ସାଇଣ୍ଟିଫିକ କର୍ମଚାରୀ ପୁରୁଷୋତ୍ତମ ନାଥ ପହଞ୍ଚି ତଦନ୍ତ କରିବା ପରେ ଶବବ୍ୟବଚ୍ଛେଦ ନିମନ୍ତେ ମୃତଦେହକୁ ଚାରିଛକ ସ୍ଥାନାନ୍ତର କରାଯାଇଥିଲା । ଏ ଘଟଣାକୁ ନେଇ ଅସ୍ତରଙ୍ଗ ଥାନା କେସ୍ ନଂ ୮୫/୨୪ରେ ପୁଲିସ ମାମଲା ରୁଜୁ କରିବା ସହ ବିଭିନ୍ନ ଦିଗକୁ ନେଇ ପୁଲିସ ଛାନଭିନ୍ ତଦନ୍ତ ଜାରି ରଖିଛି । କିନ୍ତୁ ଅସ୍ତରଙ୍ଗ ପୋଲିସ ମୃତ୍ୟୁ ରହସ୍ୟ ଖୋଜିବାକୁ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ୬ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ୨୬ଅପ୍ରେଲ ଶୁକ୍ରବାର ଅଟକ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ଘଟଣାସ୍ଥଳକୁ ନେଇ ମୃତ୍ୟୁ କାରଣ ଖୋଜୁଥିବା ଜଣାପଡିଛି ଓ ଘଟଣାସ୍ଥଳରୁ ଏକ ତାର ପାଇଥିବା ସୂଚନା। ଯାହାକି ବିଶେଷ ସୂତ୍ରରୁ ଜଣାପଡିଛି ନିକଟସ୍ଥ ଜଙ୍ଗଲରୁ ବାରହା ଆସୁଥିବା ବେଳେ କିଛି ବ୍ୟକ୍ତି ବିଶେଷ ବିଦ୍ୟୁତ କରେଣ୍ଟ ବିଛାଇଥିଲେ, ବିଦ୍ୟୁତ ଆଘାତ ଲାଗି ଏଭଳି ମୃତ୍ୟୁ ନା ଅନ୍ୟ କିଛି କାରଣ ତାହା ସ୍ପଷ୍ଟ ଜଣାପଡ଼ିନାହିଁ, ଏହାସହ ବିଦ୍ୟୁତ ତାର ବିଛାଇଥିବା ସ୍ଥାନ ନିକଟରୁ ମୃତଦେହ କିପରି ଗୁଣ୍ଡଳବା ନିକଟବର୍ତ୍ତୀ ସମୁଦ୍ରକୂଳକୁ ଗଲା ଏ ଘଟଣା କିଏ ସମ୍ପୃକ୍ତ ତାହା ବିଭିନ୍ନ ଦିଗକୁ ନେଇ ୬ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଛି। ଖୁବଶୀଘ୍ର ଏହା ପ୍ରେସମିଟ୍ ମାଧ୍ୟମରେ ସୂଚନା ଦିଆଯିବ ବୋଲି ଥାନାଧିକାରୀ ରାଜେଶ ବଳିୟାର ସିଂ ସୂଚନା ଦେଇଛନ୍ତି। ଏହାସହ ଅଟକଥିବା ବ୍ୟକ୍ତି ବିଶେଷଙ୍କୁ ମୃତ୍ୟୁ ରହସ୍ୟ ଜାଣିବା ପାଇଁ ପୋଲିସ ବିଭିନ୍ନ ସ୍ଥାନକୁ ନେଇ ତଦନ୍ତ କରୁଛନ୍ତି।

ରାଧୁ ସ୍ୱାଇଁ (ଫାଇଲ ଫଟୋ)

ତାଳପଦାରେ ବିଜେପିର ମିଶ୍ରଣ ପର୍ବ

ତିହିଡ଼ି,(ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତର କେତେକ ଅନ୍ୟ ଦଳର କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ସେମାନେ ଗୁରୁବାର ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ଭଦ୍ରକ ବାସଭବନରେ ଦଳରେ ମିଶିଥିବା ଜଣାପଡ଼ିଛି। ତାଳପଦା ପଞ୍ଚାୟତର ୱାର୍ଡ଼ ସଦସ୍ୟ ସୁନିତା ଜେନା, କୁଳମଣି ବାରିକ, ସୁରେଶ ଜେନା, ଚିତ୍ତରଞ୍ଜନ ଜେନା, ସୁଦର୍ଶନ ଜେନା, ମହେଶ୍ୱର ଜେନା, ରତିକାନ୍ତ ଜେନା, ସଞ୍ଜୟ ବେହେରା, ବିଜୟ କୁମାର ନାୟକ, ମଦନମୋହନ ସେଠୀ, ଦେବସ୍ମିତା ବାରିକ, ଦୀନବନ୍ଧୁ ମାଝୀ ପ୍ରମୁଖ ଅନ୍ୟଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକହିତକର କାର୍ଯ୍ୟ ଓ ବିଧାୟକ ଶ୍ରୀ ସୂରଜଙ୍କ ଦୃଢ଼ ସାଂଗଠନିକ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି। ନୂତନ କର୍ମୀମାନଙ୍କୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ବିଧାୟକ ପ୍ରତିନିଧି ବୁଦ୍ଧଦେବ ଜେନା, କାନ୍ତକବି ମଣ୍ଡଳ ସଭାପତି ତପନ ପାଢ଼ୀ, ବିଜେପି ନେତା ଅଶୋକ ପୁହାଣ, ତାପସ ବେହେରା, ଯଜ୍ଞଦତ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ।

ଦୁର୍ଗମ ଅଞ୍ଚଳରେ ପ୍ରହସନ ପାଲଟିଛି ପାନୀୟ ଜଳ ଯୋଜନା

ପାଣି ନାହିଁ ତ ଭୋଟ ନାହିଁ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଦୁର୍ଗମ ଅଞ୍ଚଳରେ ପ୍ରହସନ ପାଲଟିଛି ସରକାରଙ୍କ ବସୁଧା ଯୋଜନା, ପାନୀୟ ଜଳ ଟିକକ ପାଇଁ ମାରେଦାସାହି ଲୋକଙ୍କୁ କରିବାକୁ ପଡୁଛି ପ୍ରତ୍ୟେକ ଦିନ ସଂଘର୍ଷ। ସ୍ୱାଧୀନତାର ୭୭ ବର୍ଷ ବିତି ଯାଇଥିଲେ ମଧ୍ୟ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଶିମିଳିପାଳ ଅଭୟାରଣ୍ୟର ପାଦ ଦେଶରେ ଥିବା ଯଶିପୁର ବ୍ଲକର ପୋଡାଗୋଡ଼ ଗ୍ରାମ ପଞ୍ଚାୟତ କାଶିପାଳ ଗାଁର ମାରେଦା-ସାହିର ୩୦ରୁ ଊର୍ଦ୍ଧ୍ୱ ପରିବାର ମୌଳିକ ସୁବିଧାରୁ ବଞ୍ଚିତ, ଗ୍ରାମରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରି ଚଳୁଥିଲେ ଗ୍ରାମବାସୀ ଯାହାକି ଦୀର୍ଘଦିନ ହେବ ଅଚଳ ହୋଇ ପଡିଛି। ନଳକୂପରୁ କେବେ ପାଣି ବାହାରି ଥାଏ ତ କେବେ ବାହାରେ ନାହିଁ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜଳସ୍ତର ତଳକୁ ତଳକୁ ଖସିବାକୁ ଲାଗିଲାଣି, ଯାହା ଫଳରେ ଲୋକେ ଗାଁ ମୁଣ୍ଡରେ ଥିବା ନାଳ କୂଳରେ ଥିବା ଚୁଆ ପାଣି ଉପରେ ନିର୍ଭର କରି ଦୀର୍ଘଦିନ ହେଲାଣି ଚଳି ଆସୁଛନ୍ତି। ଗୋଟିଏ ପଟେ ବିକାଶର ଡିଣ୍ଡିମ ପିଟା ଯାଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଏଠି ସମ୍ପୂର୍ଣ୍ଣ ଓଲଟା। ତେବେ ଏଭଳି ଦୁର୍ଗମ ଅଞ୍ଚଳରେ କେବେ ପହଞ୍ଚିବ ବିକାଶ ? ବିକାଶ ମୂଳକ ଯୋଜନା କେତେ ଦୂର ପହଞ୍ଚି ପାରିଛି ଏହି ଦୁର୍ଗମ ଅଞ୍ଚଳରେ ତାହା ଏଥିରୁ ସ୍ପଷ୍ଟ ଭାବରେ ବାରି ହୋଇ ପଡୁଛି। ଏଠାରେ ପ୍ରଶ୍ନ ଉଠେ କୁଆଡେ ଗଲା ବସୁଧା ଯୋଜନା, ସ୍ୱଜଳ ଧାରା ଓ ସୋଲାର ପାଣିର ଯୋଜନା ? ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କୁ ପ୍ରତ୍ୟେକ ଦିନ କରିବାକୁ ପଡୁଛି ସଂଘର୍ଷ। ପାଣି ପାଇଁ ପ୍ରତେକ ଦିନ ଯିବାକୁ ପଡୁଛି ମାଇଲେ ରାସ୍ତା, ନାଳ ପାଖରେ ଥିବା ଚୁଆ ପାଣି ମେଣ୍ଟାଉଛି ଶୋଷ । ସରପଞ୍ଚଙ୍କ ଠାରୁ ପ୍ରଶାସନିକ ଅଧିକାରୀମାନଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ହୋଇପାରୁନି କାର୍ଯ୍ୟାନୁଷ୍ଠାନ। ଏପରିକି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ପ୍ରକୋଷ୍ଠ ଠାରୁ ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ଆଜିଯାଏଁ ଗ୍ରାମରେ ପହଞ୍ଚି ପାରିଲା ନାହିଁ ପାଣି, ସ୍ୱଜଳ ଧାରା, ବସୁଧା ଯୋଜନା ସବୁ ଫେଲ ମାରିଛି ଗାଁରେ । ଘରକୁ ଘର ଜଳ ଯୋଗାଯାଉଛି ବୋଲି କୁହାଯାଉଥିବା ବେଳେ ଆଦିବାସୀ ଅଧ୍ୟୁଷିତ ମାରେଦା-ସାହିର ଅଧିବାସୀମାନେ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ। ଆଗକୁ ଆହୁରି ଗ୍ରୀଷ୍ମପ୍ରବାହ ବଢ଼ିବାର ସମ୍ଭାବନା, ଏବେଠାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଆଗକୁ ଏହାର ସମାଧାନ ନହେଲେ ପରିସ୍ଥିତି ଅତି ଜଟିଳ ହୋଇ ପଡ଼ିବ। ଆସୁଛି ସାଧାରଣ ନିର୍ବାଚନ, ଗ୍ରାମବାସୀଙ୍କ ମତ ଅନୁସାରେ ଯଦି ଏମାନଙ୍କ ପାଇଁ ପାନୀୟ ଜଳ ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ପ୍ରଚଣ୍ଡ ରୌଦ୍ରତାପରେ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ

କେନାଲରେ ପାଣି ଛାଡିବାକୁ ଦାବି ଜୋର ଧରିଲା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ଗତ କିଛିଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ ପ୍ରଚଣ୍ଡ ରୌଦ୍ରତାପ ଓ ଡହଡହ ତାତି ଯୋଗୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଏପରିକି ଟୋପାଏ ପାଣି ପାଇଁ ଜୀବଜଗତ ଡହଳ ବିକଳ ହେଉଛନ୍ତି। ଏପରିସ୍ଥଳେ କେନାଲରେ ପାଣି ଛାଡିବା ନିମନ୍ତେ ସାଧାରଣରେ ଦାବି ଜୋର ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକର ପ୍ରାୟ ଅଧିକାଂଶ ନଦୀ ନାଳ, ପୋଖରୀ ଶୁଖିଲା ପଡିଛି। ପ୍ରଚଣ୍ଡ ରୌଦ୍ରତାପରେ ଅଧିକାଂଶ ଗଛର ପତ୍ର ମରିବାକୁ ଆରମ୍ଭ କଲାଣି। ସକାଳ ୮ଟା ବାଜିଲେ ମାତ୍ରେ ଘରୁ ପଦାକୁ ବାହାରି ହେଉନାହିଁ। ରାସ୍ତାଘାଟ ତାତି ଯାଉଛି। ଖାଲି ପାଦରେ ଚାଲିବା କାଠିକର ପାଠ ହେଉଛି। ପ୍ରଶାସନ ତରଫରୁ ସ୍ଥାନୀୟ ଅଞ୍ଚଳର କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ନାହିଁ। ଅଧିକାଂଶ ନଳକୂପ ଅଚଳ ହୋଇପଡିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ କୌଣସି କାମରେ ଆସୁନାହିଁ। ଏପରିସ୍ଥଳେ ସ୍ଥାନୀୟ ଅଞ୍ଚଳର ବୁଲା ଗାଈଗୋରୁ ଛେଳିମେଣ୍ଢା ପଶୁପକ୍ଷୀମାନେ ଟୋପାଏ ପାନୀୟ ଜଳ ନିମନ୍ତେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଲୋକେ ଟୋପାଏ ପାନୀୟ ଜଳ ନିମନ୍ତେ ଡହଳ ବିକଳ ହେଉଥିଲା ବେଳେ କେନାଲଗୁଡିକ ଶୁଖିଲା ପଡିଛି। ସ୍ଥାନୀୟ କେନ୍ଦ୍ରାପଡା କେନାଲ ତାର ଶାଖା କେନାଲ, କରାଣ୍ଡିଆ କେନାଲରେ ପାଣି ଛାଡିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

ବ୍ରାହ୍ମଣଝରିଲୋ କଲେଜରେ ବିଦାୟ ଉତ୍ସବ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ନିମିତ୍ତ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ବିଭୁତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ମନୋରନ ମହାନ୍ତି, ଅଧ୍ୟାପକ ବଂଶୀଧର ଦାଶ, ଅଧ୍ୟାପକ କ୍ଷିତିରଞ୍ଜନ ଧିର ଓ ଅଧ୍ୟାପକ ନିର୍ମଳ କୁମାର ସ୍ୱାଇଁ ଯୋଗଦେଇ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉପେନ୍ଦ୍ର ବିଶ୍ୱାଳ ଓ ହିତାଂଶୁଶେଖର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଅଧ୍ୟାପିକା ପ୍ରତୀକ୍ଷା ସାହୁ ଧନ୍ୟବାଦ ଦେଇଥିଲେ।

ବିଦେଶୀ ମଦ ଜବତ, ଯୁବକ ଗିରଫ

କେନ୍ଦୁଝର,(ଭାସ୍କର ନ୍ୟୁଜ୍) : ଘଟଗାଁ ପୁଲିସକୁ ଗୁରୁବାର ମିଳିଛି ବିରାଟବଡ ସଫଳତା। ଦୀର୍ଘ ସମୟ ଧରି ଘଟଗାଁ ଅଞ୍ଚଳରେ ବାଇକ ଯୋଗେ ବିଦେଶୀମଦ ବିକ୍ରୀକରି ଆସୁଥିବା ଘଟଗାଁ ଉପରଡ଼ିହା ଗ୍ରାମର ଅରବିନ୍ଦ ପେଇରେ ପୁଲିସ ପଞ୍ଜାରେ ପଡ଼ିଯାଇଛି। ତେବେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ ଜେନାଙ୍କ ନଜରରୁ ସେ ଖସିଯାଇ ପାରିନଥିଲା । ଦୀର୍ଘ ଦିନରୁ ତାକୁ ଧରିବାକୁ ଥାନା ଅଧିକାରୀ ପ୍ଲାନ କରିଥିଲେ । ତା' ନିକଟରୁ ୨୦୪ ଲିଟର ବିଦେଶୀ ମଦ ଜବତ କରାଯାଇଛି । ସେଥିମଧ୍ୟରୁ ବିଅର, ରମ, ହ୍ୱିସ୍କି ସମେତ ଅନେକ ଦାମୀ ମଦ ଜବତ୍ କରାଯାଇଛି। ଓଡ଼ିଶା ଅବକାରୀ ଆଇନ୍ ଯୋଗେ କେସ ନମ୍ବର୍ ୧୮୯/୨୦୨୪, ଦଫା ୫୨ଏ (ଆଇ) ଯୋଗେ ଗିରଫ କରାଯାଇ ତାକୁ କୋର୍ଟଚାଲାଣ କରାଯାଇଛି। ଏହି କେସ୍‌କୁ ଘଟଗାଁ ଥାନା ଏଏସ୍‌ଆଇ ଅନୁପ ଲଗୁନଙ୍କୁ ଥାନା ଅଧିକାରୀ ପ୍ରଦାନ କରିଛନ୍ତି । ତେବେ ଉକ୍ତ ଯୁବକ ଅବକାରୀ ମଦ ବିକି ମା' ତାରିଣୀଙ୍କ ପୀଠର ସୁନାମ କଳୁଷିତ କରୁଥିଲେ ।

ଭୁଜାଲିରେ ହାଣିବା ଘଟଣାରେ ଦୁଇ ଗିରଫ

କେନ୍ଦୁଝର,(ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ୮ ନମ୍ବର ୱାର୍ଡର ଭଞ୍ଜ କଲୋନୀରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଅନୁପ କୁମାର ବିଶ୍ୱକର୍ମା ଘଟଣାରେ ବଡ଼ବିଲ ପୁଲିସ ଦୁଇ ଜଣକୁ ଗିରଫ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଅନୁପଙ୍କ ଘରେ ବହୁତ ଟଙ୍କା ଥିବା ସୂଚନା ପାଇ ଝାଡ଼ଖଣ୍ଡ ରାଜ୍ୟ ଧାନବାଦ ଅଞ୍ଚଳର ଦୁଇଜଣ କୁଖ୍ୟାତ ଅପରାଧୀଙ୍କୁ ପୁଲିସ ଗିରଫ କରି ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଦୁଇଟି ଗୁଳି, ଗୋଟିଏ ଭୁଜାଲି ଜବତ କରି ଅଭିଯୁକ୍ତମାନଙ୍କୁ ଗତକାଲି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଆଇନୁଲ ଆନସରି (୫୧) ଓ ରାଜିନ୍ଦର ସିଂହ(୪୦) । ତେବେ ଉକ୍ତ ଘଟଣାରେ ସ୍ଥାନୀୟ ଲୋକଙ୍କ ହାତଥିବା ସାଧାରଣରେ ଆଲୋଚନା ହେଉଛି ।

ଜଳୁଛି ଜାତୀୟ ରାଜପଥ-ଅଣନିଶ୍ୱାସୀ ପଥଚାରୀ, ବନୀକରଣ ପାଇଁ ଦାବି

ବୋଲଗଡ, (ଭାସ୍କର ନ୍ୟୁଜ୍) : ବୃକ୍ଷ ହେଉଛି ଜୀବନ। ବୃକ୍ଷ ବିନା ପ୍ରାଣୀଜଗତ ଓ ଜୀବଜଗତ ତିଷ୍ଠିବା ସମ୍ଭବ ନୁହେଁ। ଗଛ ବଞ୍ଚିଲେ ସୁସ୍ଥ ପରିବେଶ ସହିତ ତାପମାତ୍ରା ନିୟନ୍ତ୍ରଣ ରୁହେ। ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ପଥପାର୍ଶ୍ୱ ଓ ଜାତୀୟ ରାଜପଥ ବନୀକରଣ କରିବା ନିମନ୍ତେ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରୁଅଛନ୍ତି। ବୋଲଗଡ ବ୍ଲକ ଅଞ୍ଚଳରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜ୍ୟ ବନ ବିଭାଗ ପକ୍ଷରୁ ଚାରା ରୋପଣରେ ଜଙ୍ଗଲ ଜାଗା, ସରକାରୀ ପଡିଆ, ପଥ ପାର୍ଶ୍ୱରେ ଚାରା ରୋପଣ, ଚାରା ପାର୍ଶ୍ୱରେ ସୁରକ୍ଷା ବାଡ, ଜଳ ସିଞ୍ଚନ ଆଦି କାର୍ଯ୍ୟରେ ବହୁ ଅର୍ଥ ବିନିଯୋଗ କରାଯିବାର ନୀୟମ ଥିଲେ ମଧ୍ୟ ତାହା କରାଯାଉ ନାହିଁ । ଜାତୀୟ ରାଜପଥ ବନୀକରଣ ଦ୍ୱାରା ରାସ୍ତାର ମାଟି ସୁରକ୍ଷା, ଖରାଦିନେ ପଥିକମାନଙ୍କ ପାଇଁ ଖରା ତାପରୁ ରକ୍ଷା, ବଡ଼ ଗଛ ଗୁଡ଼ିକୁ ବିକ୍ରୀ କରିବା ଫଳରେ ରାଜସ୍ୱ ଆଦାୟ ସହିତ ପରିବେଶ ସନ୍ତୁଳନ ପାଇଁ ଗଛର ଅମୂଲ ଦାନ ରହିଛି। ବୋଲଗଡ ବ୍ଲକ ଅଞ୍ଚଳର ଫିରିଫିର ଠାରୁ ଭିମପଡ଼ା, ମାଳିସାହିରୁ ବୋଲଗଡ ରାସ୍ତା, ଖଙ୍ଗୁରିଆ ଗ୍ରାମରୁ ଅରଖପଲ୍ଲୀ ରାସ୍ତା, କଳାଙ୍ଗ ଗ୍ରାମରୁ ମାଣିକାଗୋଡ

ଆସିକା (ଭାସ୍କର ନ୍ୟୁଜ): ଆସିକା କଳିଙ୍ଗାରୋଡରେ ଥିବା ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ନବନିର୍ମିତ ଓଏସଆରଟିସି ବସଷ୍ଟାଣ୍ଡ ଉଦଘାଟନର ମାସେ ହୋଇଥିଲେ ମଧ୍ୟ ଜନସାଧାରଣ ମାନଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ ହୋଇ ନଥିବାଲୋକ ମାନଙ୍କ ପାଖରୁ ଶୁଣିବାକୁ ମିଳୁଛି । ଏହି ବସଷ୍ଟାଣ୍ଡ ଦେଇ ୨୦ ରୁ ୨୫ ଖଣ୍ଡ ବସ ଦୈନନ୍ଦିନ ଚଳାଚଳ ହେଉଛି । ଜିଲ୍ଲାର ଅନେକ ବ୍ଲକ ରୁ ହଜାର ହଜାର ଲୋକ ଏହି ବସଷ୍ଟାଣ୍ଡ ଉପରେ ନିର୍ଭର କରି ରହିଥାନ୍ତି । ଓଡିଶାର କୋଣ ଅନୁକୋଣକୁ ବସଗୁଡିକ ଯିବା ଆସିବା କରନ୍ତି । ଅନେକ ପଂଚାୟତରୁ ମଧ୍ୟ ଲକ୍ଷ୍ମୀ ବସ ମଧ୍ୟ ଯିବା ଆସିବା କରୁଛି । ପିଲା ଠାରୁ ବୟସ୍କ ଏବଂ କିଶୋରୀ ଠାରୁ ଆରମ୍ଭ କରି ମହିଳା ମାନେ ବସ ଚଳାଚଳ ସମୟରେ ବସଷ୍ଟାଣ୍ଡ କୁ ଆସିଥାନ୍ତି । ଏହି ବସଷ୍ଟାଣ୍ଡ ରେ ଯାତ୍ରୀ ମାନଙ୍କ ପାଇ ଶୌଚାଳୟ, ପିଇବା ପାଣି, ବସିବା ପାଇଁ ଯାତ୍ରୀ ବିଶ୍ରାମଗାରର ସୁବିଧା ନଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମୁଖୀନ ହୋଇଥିବା ଶୁଣିବାକୁ ମିଳୁଛି । ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ଏହି ବସଷ୍ଟାଣ୍ଡରେ ବିଭାଗୀୟ ଅଧିକାରୀ ମାନେ ଯଥାଶୀଘ୍ର ଯାତ୍ରୀ ମାନଙ୍କ ପାଇଁ ଶୌଚାଳୟ, ପାନୀୟଜଳ, ବିଶ୍ରାମଗାର ଏବଂ ନିରାପତ୍ତାରକ୍ଷୀଙ୍କ ସୁବନ୍ଦୋବସ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

ଡାବୁଗାଁ ଓ ନବରଙ୍ଗପୁରରେ ପାଣ୍ଡିଆନଙ୍କ ଶଙ୍ଖନାଦ

ଜନଜାତି ସଶକ୍ତ ହେଲେ ଓଡିଶା ସଶକ୍ତ ହେବ

ବିରୋଧୀ ଆତ୍ମବିଶ୍ୱାସ ହରେଇ ବସିଲେଣି

ପଞ୍ଚାୟତ ନିର୍ବାଚନରେ ଆମେ ସବୁ ଜିଲ୍ଲାରେ ଜିତିଲୁ

ସବୁ ଧର୍ମର ବିଶ୍ୱାସକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଦିଅନ୍ତି

ନବରଙ୍ଗପୁରରେ ୧୯୫୦ କୋଟିର ବିକାଶ କାମ ଚାଲିଛି

ଡାବୁଗାଁ, ନବରଙ୍ଗପୁର (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ବରିଷ୍ଠ ନେତା ଶ୍ରୀ କାର୍ତ୍ତିକ ପାଣ୍ଡିଆନ ଆଜି ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଡାବୁଗାଁ ଓ ନବରଙ୍ଗପୁର ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ ଓ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି । ୯୦ ପ୍ରତିଶତ ଭୋଟିଂ କରି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଏ ବିଶାଳ ଜନସମୁଦ୍ର ଦେଖି ବିରୋଧୀଙ୍କ ନିଦ ହଜିଛି । ସେମାନେ ଆତ୍ମବିଶ୍ୱାସ ହରେଇ ବସିଲେଣି । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣଙ୍କ ସ୍ନେହ ଶ୍ରଦ୍ଧା ଦେଖି ବିରୋଧୀ ବାଚାଳ ହେଲେଣି । ବିରୋଧୀଙ୍କୁ ନିଶାଣ କରି ସେ କହିଲେ ଯେ ଦିନେ ନ ଶୋଇଲେ ମୁଣ୍ଡ ବିନ୍ଧେ, ଦୁଇ-ତିନି ଦିନ ନିଦ ନ ହେଲେ ମୁଣ୍ଡ ବୁଲାଇବା ଆରମ୍ଭ କରେ । କିନ୍ତୁ ବର୍ଷେ ଦି ବର୍ଷ ନ ଶୋଇଲେ ଜାଣିଛନ୍ତି କଣ ହୁଏ ? ବାଚାଳାମୀ ଆରମ୍ଭ ହୁଏ । ପଞ୍ଚାୟତ ନିର୍ବାଚନରେ ଆମେ ସବୁ ଜିଲ୍ଲାରେ ଜିତିଲୁ । ସେବେଠାରୁ ବିରୋଧୀଙ୍କ ଆଖିରେ ନିଦ ନାହିଁ । ତେଣୁ ସେମାନେ ବାଚାଳ ହୋଇ ମିଛ ଗପୁଛନ୍ତି, ଏଣୁତେଣୁ ଗପୁଛନ୍ତି । ସେ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟ । ତାଙ୍କ ହୃଦୟରେ ଜନଜାତି ଭାଇଭଉଣୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି । ଆପଣମାନଙ୍କୁ ସେ ବହୁତ ଭଲ ପାଆନ୍ତି । ତାଙ୍କର ଦୃଢ ବିଶ୍ୱାସ ଯେ ଜନଜାତି ସଶକ୍ତ ହେଲେ ଓଡିଶା ସଶକ୍ତ ହେବ । ତେଣୁ ଜନଜାତି ଭାଷା ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଆପଣଙ୍କ ଭାଷା, ସଂସ୍କୃତି ଓ ପୂଜାସ୍ଥଳୀର ବିକାଶ କରାଯାଉଛି । ଏ କଥା କେଉଁ ରାଜ୍ୟ ବି ଚିନ୍ତା କରିନାହିଁ । ମୁଖ୍ୟମନ୍ତ୍ରୀ ଜାଣନ୍ତି ଯେ ପରିବାରର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ଆପଣଙ୍କ ପିଲା ଡାକ୍ତର, ଇଞ୍ଜିନିୟର, ଅଫିସର ହେଲେ ଆପଣଙ୍କର ଉନ୍ନତି ହେବ, ଆପଣଙ୍କ ପରିବାରର ଉନ୍ନତି ହେବ, ଓଡିଶା ତଥା ଦେଶର ଉନ୍ନତି ହେବ । ତେଣୁ ସେ ସ୍କୁଲ କଲେଜ ହଷ୍ଟେଲ କରି ଶିକ୍ଷାର ବିକାଶ କରୁଛନ୍ତି । ଓଡିଶାରେ ଦେଶର ସବୁଠାରୁ ଅଧିକ ହଷ୍ଟେଲ ନିର୍ମାଣ କରାଯାଇଛି । ୫-ଟି ଜରିଆରେ ସ୍କୁଲ କଲେଜର ରୂପାନ୍ତରଣ ହୋଇଛି । ଜନଜାତି ପିଲାଙ୍କୁ ଡବଲ ସ୍କଲାରସିପ୍ ମିଳୁଛି । ପୋଷ୍ଟ ମାଟ୍ରିକ ଏବଂ ନୂଆ-ଓ । ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦୁଇଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି । ଅନ୍ୱେଷା ହଷ୍ଟେଲରେ ଜନଜାତି ପିଲାମାନେ ଇଂରାଜୀରେ କଥା ହେଉଛନ୍ତି । ବହୁତ ଛୋଟ ଛୋଟ କେସ୍‌ରେ ଆପଣମାନେ କୋର୍ଟ କଚେରୀ ଦୌଡି ଦୌଡି ବହୁତ ହଇରାଣ ହୁଅନ୍ତି । ତେଣୁ ଜନଜାତି ଭାଇଙ୍କ ସୁବିଧା ପାଇଁ ୫୦ ହଜାର ଛୋଟ ଛୋଟ କେସ୍ ରଦ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଥିଲେ ଯେ ସବୁ ଧର୍ମର ବିଶ୍ୱାସକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଦିଅନ୍ତି । ସମସ୍ତଙ୍କ ବିକାଶ ଚାହାନ୍ତି, ସେଥିପାଇଁ ମନ୍ଦିର ମସଜିଦ ଚର୍ଚ୍ଚ ଅଲେଖ ମହିମା ପୀଠ, ଗୁରୁଦ୍ୱାର ଆଦି ସବୁ ଧର୍ମପୀଠର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି । ସବୁ ସମାଜର ଭଲ ହେଉ, ଏହା ତାଙ୍କର ଉଦ୍ଦେଶ୍ୟ । ବିରୋଧୀ ଦଳକୁ ଟାର୍ଗେଟ କରି ସେ ପୁଣି କହିଲେ ଯେ ଭୋଟ ପରେ ବିରୋଧୀଙ୍କ ଦେଖା ମିଳିବ ନାହିଁ । ବଡ ବଡ କଥା କହି ପଳେଇବେ । କିନ୍ତୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପୂରଣ କରୁଛନ୍ତି । କାମର ଗୋଟି ଗୋଟି ହିସାବ ଦେଉଛନ୍ତି । ଆମେ ସମସ୍ତେ ହିସାବ ଦେଉଛୁ । ନବରଙ୍ଗପୁରର ବିକାଶ ପାଇଁ ୧୯୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ । ଡାବୁଗାଁ ରେ ୭୦ କୋଟି ଟଙ୍କାର କାମ ଚାଲିଛି । ଡାବୁଗାଁ ନିର୍ବାଚନମଣ୍ଡଳୀରେ ଚାଲୁଥିବା ବିକାଶ କାମର ହିସାବ ଦେଇ ସେ କହିଲେ ଯେ କୋଷାଗୁମୁଡା ଭାୟା ମୋଟିଗାଁ ଓ କୋଟାଗାଁ ଦେଇ ମଧ୍ୟପ୍ରଦେଶ ସୀମା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରମ ପାଇଁ ୭୦ କୋଟି ଟଙ୍କା ମଞ୍ଜୁର ହୋଇଛି । ପାପଡାହାଣ୍ଡି- କୁଡିଗାଁ-କୋଷାଗୁମୁଡା ରାସ୍ତା ପାଇଁ ୪୫ କୋଟି ଟଙ୍କା । ଡାବୁଗାଁ-ଉମରହାଣ୍ଡି ରାସ୍ତାରେ ଅଙ୍ଗୀ ନଦୀ ଉପରେ ସେତୁ ପାଇଁ ୯.୬୦ କୋଟି ଟଙ୍କା । ଚଡଉ ରୋଡ-ଏକୋରୀ ରାସ୍ତାର ସ୍ଥାନୀୟ ନାଳ ଉପରେ ସେତୁ ପାଇଁ ୮.୬୦ କୋଟି ଟଙ୍କା । ବିଭିନ୍ନ ମଠ ମନ୍ଦିର, ପୂଜାସ୍ଥଳୀ ଓ ଧାର୍ମୀକ ଅନୁଷ୍ଠାନର ସଂରକ୍ଷଣ ଓ ସୁରକ୍ଷା ପାଇଁ ୩.୭୦ କୋଟି ଟଙ୍କା । ଡାବୁଗାଁର ୮୦ ହଜାର ହିତାଧିକାରୀ ବିଏସ୍‌କେୱାଇରେ ସାମିଲ ହୋଇଛନ୍ତି । ମେଡେନାର ରାଜୁ ଖାଁ ୫ ଲକ୍ଷ ଓ ଖୁଟୁବାଇର ବିମଳା ମେହେଟା ୫ ଲକ୍ଷ ଟଙ୍କା ଜରିଆରେ ଉପକୃତ ହୋଇଛନ୍ତି । ସେହିପରି ନବରଙ୍ଗପୁରରେ କାମର ହିସାବ ଦେଇ ସେ କହିଲେ ଯେ ତେନ୍ତୁଳିଖୁଣ୍ଟି ଓ କୋଷାଗୁମୁଡାରେ ଦୁଇଟି ସରକାରୀ କଲେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି । ନନ୍ଦାହାଣ୍ଡିରେ ମେଗାଲିଫ୍ଟ ଜରିଆରେ ଜଳସେଚନ ସୁବିଧାର ବିକାଶ କାମ ଚାଲିଛି । କୋଡିଙ୍ଗା-ଚନ୍ଦାହାଣ୍ଡି ରାସ୍ତା ପାଇଁ ୪୪ କୋଟି । ପୋଦଲଗୁଡା-ଦୁଲୁଘାଟି ରାସ୍ତା ପାଇଁ ୪୫ କୋଟି । ମଙ୍ଗଳଦୋରା ଜଳପ୍ରପାତର ବିକାଶ ପାଇଁ ୩.୨୦ କୋଟି । ମଣ୍ଡାଡୁଙ୍ଗୁରୀ ଶିବ ମନ୍ଦିର ପାଇଁ ୨.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ଅନୁଗୋଳ ଓ ଛେଣ୍ଡିପଦାରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

ସ୍ୱାଭିମାନ ଓ ସ୍ୱାଧୀନତାରେ ଅଛି ମୋର ଅଗାଢ ବିଶ୍ୱାସ: ଧର୍ମେନ୍ଦ୍ର ପ୍ରଧାନ

ଛେଣ୍ଡିପଦା (ଭାସ୍କର ନ୍ୟୁଜ): ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ମୋର ଅଗାଢ ବିଶ୍ୱାସ ଅଛି ବୋଲି ଶୁକ୍ରବାର ଅନୁଗୋଳ ଓ ଛେଣ୍ଡିପଦାରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଦଳ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ଯୋଗ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ତାଙ୍କ ଉପସ୍ଥିତିରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଅଶୋକ ପ୍ରଧାନଙ୍କ ସହ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଓ ସମର୍ଥକମାନେ ଦଳରେ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ଭରସା କରି ଦଳରେ ଯୋଗ ଦେଇଥିବାରୁ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଏହି ମିଶ୍ରଣ ପର୍ବ ଅନୁଗୋଳ ସମେତ ଓଡ଼ିଶାରେ 'ବିଜେପିର ବିଜୟ ସଂକଳ୍ପ' ଯାତ୍ରାକୁ ସୁଦୃଢ଼ କରିବ ବୋଲି କହିଛନ୍ତି । ଗାଁ ଗଣ୍ଡାରେ ପିଇବା ପାଣି ନାହିଁ । ଜଳସେଚନ ବ୍ୟବସ୍ଥା ନାହିଁ । ସ୍କୁଲରେ ଶିକ୍ଷକ ନାହାନ୍ତି । ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । କାମ ପାଇଁ ଲୋକମାନେ ବାହାରକୁ ଯାଉଛନ୍ତି । ମଦ ନିଶା କାରବାର ବଢୁଛି । ମହିଳାଙ୍କ ଉପରେ ଅତ୍ୟାଚାର ବଢିଛି । ଏହା କ'ଣ ବିକାଶ କି ? ଓଡିଶାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଅଟୁଟ ସମର୍ଥନ ବଢିବାର ଲାଗିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତବର୍ଷରେ ବିକାଶର ଗଙ୍ଗା ପ୍ରବାହିତ ହୋଇଛି । ଓଡ଼ିଶାରେ ମଧ୍ୟ ମୋଦୀ ଲହର ଦେଖାଯାଇଛି । ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ଏଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେପି ସରକାର କରିବ । ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟର ଗୌରବ ବଢାଇବା ପାଇଁ ଭୋଟ୍ ଦେବା ପାଇଁ ସମବେତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ । ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଛେଣ୍ଡିପଦାରେ ଆୟୋଜିତ ମିଶ୍ରଣ ପର୍ବ ପରେ ସେଠାରେ ମାଆ ଭଉଣୀ ମାନଙ୍କୁ ଖାଦ୍ୟ ପରଷିଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏପରି ବ୍ୟବହାର ତାଙ୍କର ସରଳ ଓ ଅମାୟିକ ସ୍ୱଭାବକୁ ଦର୍ଶାଇଛି । ଏହା ଦ୍ୱାରା ସେ ଲୋକମାନଙ୍କର ବିଶେଷ ଭାବେ ମାଆ ଭଉଣୀ ମାନଙ୍କର ହୃଦୟ ଜିତିପାରିଛନ୍ତି । ଏହାବ୍ୟତିତ ପ୍ରଚାର ସମୟରେ ଶ୍ରୀ ପ୍ରଧାନ ରାଣୀଗୋଡା ନୀଳକଣ୍ଠେଶ୍ୱର, କୁରୁଦଳ ମା' ବଇଞ୍ଚାରୀ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଦର୍ଶନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଭୋଟ୍ ହାର...

ରାଜସ୍ଥାନର ୧୩, ଉତ୍ତରପ୍ରଦେଶର ୮, ମହାରାଷ୍ଟ୍ରର ୮, ମଧ୍ୟପ୍ରଦେଶର ୬, ଆସାମର ୫, ବିହାରର ୫, ଛତିଶଗଡ଼ର ୩, ପଶ୍ଚିମବଙ୍ଗର ୩, ତ୍ରିପୁରା, ମଣିପୁର ଓ ଜାମ୍ମୁକାଶ୍ମୀରର ଗୋଟିଏ ଲେଖାଏଁ ଆସନ ଲାଗି ଭୋଟଗ୍ରହଣ ହୋଇଥିଲା । ପୂର୍ବରୁ ଏହି ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୯ଟି ଆସନ ପାଇଁ ମତଦାନ ହେବାକୁ ସ୍ଥିର କରାଯାଇଥିବାବେଳେ ମଧ୍ୟପ୍ରଦେଶର ଏକ ନିର୍ବାଚନମଣ୍ଡଳୀରେ ଜଣେ ପ୍ରାର୍ଥୀଙ୍କ ଆକସ୍ମିକ ମୃତ୍ୟୁ ଯୋଗୁ ଭୋଟଗ୍ରହଣ ସ୍ଥଗିତ ରହିଛି । ମିଳିଥିବା ସୂଚନା ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ୭ଟା ସୁଦ୍ଧା ୬୦.୯୬ ପ୍ରତିଶତ ମତଦାନ ହୋଇଛି । ତେବେ ତ୍ରିପୁରାରେ ସର୍ବାଧିକ ୭୭.୯୩ ପ୍ରତିଶତ ମତଦାନ ହୋଇଥିବାବେଳେ ଛତିଶଗଡ଼ରେ ୭୨.୧୨, ପଶ୍ଚିମବଙ୍ଗରେ ୭୧.୮୫, ମଣିପୁରରେ ୭୬.୦୬, ଆସାମରେ ୭୦.୬୫, ମହାରାଷ୍ଟ୍ରରେ ୫୩.୧, ବିହାରରେ ୫୩.୦୩, ଉତ୍ତରପ୍ରଦେଶରେ ୫୨.୭୪, ରାଜସ୍ଥାନରେ ୫୯.୧୯, କର୍ଣ୍ଣାଟକରେ ୬୩.୯ ପ୍ରତିଶତ ମତଦାନ ହୋଇଛି । ତେବେ ଏହି ପର୍ଯ୍ୟାୟରେ ବହୁ ହେଭିୱେଟଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ ହୋଇଯାଇଛି । ସେମାନଙ୍କ ମଧ୍ୟରେ ରାହୁଲ ଗାନ୍ଧୀ, ଓମ୍ ବିର୍ଲା, ଶଶୀ ଥରୁର, ରାଜୀବ ଚନ୍ଦ୍ରଶେଖର, ହେମାମାଳିନୀ ଓ ଅରୁଣ ଗୋଭିଲ ପ୍ରମୁଖ ରହିଛନ୍ତି ।

ଅସମ୍ଭାଳ...

ରାଉରକେଲା ଓ ସୋନପୁରରେ ୪୨.୩, ପାରଳାଖେମୁଣ୍ଡି ଓ ଖୋର୍ଦ୍ଧାରେ ୪୨, କେନ୍ଦୁଝରରେ ୪୧.୮, ଚାନ୍ଦବାଲିରେ ୪୧.୭, ଭଦ୍ରକରେ ୪୧.୫, ବରଗଡ଼ରେ ୪୧.୪, ଫୁଲବାଣୀରେ ୪୧.୨, କେନ୍ଦ୍ରାପଡ଼ା ଓ ରାୟଗଡ଼ାରେ ୪୧, କଟକରେ ୪୦.୮, ଭୁବନେଶ୍ୱରରେ ୪୦.୫ଡିଗ୍ରୀ ସେଲସିୟସ ଥିବା ସୂଚନା ଦିଆଯାଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ୨ଡିଗ୍ରୀରୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ରାଜ୍ୟର କିଛି ଜିଲ୍ଲାରେ ଉଷ୍ମ ପାଣିପାଗ ସ୍ଥିତି ଜାରି ରହିବା ସହ କିଛି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ଲାଗି ରହିବାର ସମ୍ଭାବନା ଥିବା ପାଣିପାଗ ବିଭାଗ କହିଛି ।

ଶଙ୍ଖ ବିକାଶର...

ନାହିଁ । ସେ କହିଲେ ଯେ କେନ୍ଦ୍ରମନ୍ତ୍ରୀ ବଡ ବଡ କଥା କହୁଛନ୍ତି । କିନ୍ତୁ ୫ ବର୍ଷ ହେଲା ଶିକ୍ଷାମନ୍ତ୍ରୀ ହେଲେଣି, ଆପଣଙ୍କ ଅଞ୍ଚଳରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଲେ ନାହିଁ । ସେ ଚାହିଁଥିଲେ ନବରଙ୍ଗପୁରରେ ତିନି ଚାରିଟି କେନ୍ଦ୍ରୀୟ ବିଦ୍ୟାଳୟ କରିପାରିଥାନ୍ତେ । କିନ୍ତୁ ହୋଇପାରିଲା ନାହିଁ । ଓଡିଶା ସରକାର ୫-ଟିରେ ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତର କରିଛନ୍ତି । ସେ କହିଲେ ଯେ ବିକାଶ ପାଇଁ ଶାନ୍ତି ଦରକାର । ଶାନ୍ତି ଥିଲେ ପ୍ରଗତି ଆସେ । ଆମ ମୁଖ୍ୟମନ୍ତ୍ରୀ ଓଡିଶାରେ ଶାନ୍ତି ପ୍ରତିଷ୍ଠା କରିଛନ୍ତି, ତେଣୁ ବିକାଶ ହେଉଛି । ପଡୋଶୀ ରାଜ୍ୟ ଛତିଶଗଡ କଥା ଉଠାଇ ସେ କହିଲେ ଦେଖନ୍ତୁ, ସେଠାରେ ବାରମ୍ବାର ସରକାର ବଦଳୁଛି,କିନ୍ତୁ ଶାନ୍ତି ନାହିଁ । ଆମ ମୁଖ୍ୟମନ୍ତ୍ରୀ ଜନଜାତିଙ୍କୁ ବହୁତ ଭଲ ପାଆନ୍ତି, ସମ୍ମାନ କରନ୍ତି,ଜନଜାତି ଭାଷା ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ କୋଉ ରାଜ୍ୟ ବି ଚିନ୍ତା କରିନାହିଁ । ଜନଜାତିଙ୍କ କଳା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଏଥିରେ ଜନଜାତିଙ୍କ ଭାଷା, କଳା, ସଂସ୍କୃତି, ପୂଜାସ୍ଥଳୀ, ଜାହିରା ଆଦିର ବିକାଶ କରାଯାଉଛି । ଜନଜାତି ଭାଇଙ୍କ ସୁବିଧା ପାଇଁ ୫୦ ହଜାର ଛୋଟ ଛୋଟ କେସ୍ ରଦ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ । ଆପଣାନେ ଆଉ ହଇରାଣ ହେବେ ନାହିଁ । କୋର୍ଟ କଚେରୀ ଦୌଡିବାକୁ ପଡିବ ନାହିଁ । ଜୀବିକା ପାଇଁ ଜଙ୍ଗଲ ଉପରେ ଆପଣମାନେ ନିର୍ଭର କରନ୍ତି । ଆପଣ ସଂଗ୍ରହ କରିଥିବା ଜିନିଷକୁ କମ୍ ଦାମରେ ବିକନ୍ତି । କିଛି ଲାଭ ପାଆନ୍ତି ନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ କରିଛନ୍ତି ଲାଭ ଯୋଜନା । ଏଥିରେ ସରକାର ଆପଣଙ୍କ ଜିନିଷ ଠିକ୍ ଦାମ ଦେଇ କିଣିନେବେ । ଆପଣଙ୍କୁ ଆଉ କେହି ଠକି ପାରିବେ ନାହିଁ । ସେ କହିଲେ ଯେ ପିଲାମାନେ ହେଉଛନ୍ତି ଆମ ଭବିଷ୍ୟତ । ତେଣୁ ଜନଜାତି ପିଲାଙ୍କ ପାଠ ପଢିବା ପାଇଁ ମୁଖ୍ୟମନ୍ତ୍ରୀ ହଷ୍ଟେଲ କରିଛନ୍ତି । ସାରା ଭାରତରେ ସବୁଠାରୁ ଅଧିକ ହଷ୍ଟେଲ ସେ ଓଡିଶାରେ କରିଛନ୍ତି । ୫-ଟି ସ୍କୁଲ ରୂପାନ୍ତରରେ ୮୫୦୦ ସ୍କୁଲର ରୂପାନ୍ତର କରିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ୪ଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି । ଆମ କାମର ହିସାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆପଣଙ୍କ ଅନୁରୋଧରେ ଆମେ ଯେଉଁ ସବୁ କାମ ପାଇଁ ପଦକ୍ଷେପ ନେଇଛୁ, ସେ ସବୁ କାମର ହିସାବ ଦେବା ପାଇଁ ଆସିଛି । ଉମରକୋଟର ବିକାଶର ହିସାବ ଦେଇ ସେ କହିଲେ ଯେ ଏଠାରେ ୨୧୨ କୋଟି ଟଙ୍କାର କାମ ଚାଲିଛି । ମା ପେଣ୍ଡାଣୀ ମନ୍ଦିର କାମ ଶେଷ ହୋଇଛି । ପୋଡାଗଡ ଶିବ ମନ୍ଦିର ଓ ଐତିହ୍ୟ ସ୍ଥଳ ପାଇଁ ୩ କୋଟି ଟଙ୍କାର କାମ ଚାଲିଛି । ଉମରକୋଟରେ ଡାଇଲିସିସ୍ ସେଣ୍ଟର ଖୋଲିଛି । ୫୦ କୋଟିରେ ୫ ଟି ରାସ୍ତା କାମ ଚାଲିଛି । ବିଏସ୍‌କେୱାଇରେ ଉମରକୋଟର ସିପ୍ରା ସାନା ପାଇଲେ ୭ ଲକ୍ଷ ୨୦ ହଜାର, ପ୍ରଦୀପ ପଟ୍ଟନାୟକ ପାଇଲେ ୪ ଲକ୍ଷ ଟଙ୍କା । ଝରିଗାଁରେ ସେ କହିଲେ ଯ

କଣ୍ଟାପଡା, ,(ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ୍ ଉଚ୍ଚାରଣ ଗ୍ରାମରେ ମା' ଅମ୍ବିକାଙ୍କ ପୀଠରେ ଗତ ୨୪ ତାରିଖ ଠାରୁ ବାଦୀ ପାଲା ଅନୁଷ୍ଠିତ ହୋଇଛି। ଏହି ପୁରାତନ ମଞ୍ଚରେ ଚଳିତ ବର୍ଷ ଆମନ୍ତ୍ରିତ ଗାୟକ ଯୁବସମ୍ରାଟ ନୃସିଂହ ଚରଣ ହୋତା, ଗାୟକ ତତ୍ତ୍ୱ ବିଭୁଷଣ ଲମ୍ବୋଧର ବେହେରା ପାଲା ପରିବେଷଣ କରୁଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହଜାର ହଜାର ପାଲା ପ୍ରେମୀ ପାଲା ଦେଖିବାକୁ ଭିଡ ଜମାଉଛନ୍ତି। ଏହି ପୀଠରେ ପାଞ୍ଚ ଦିନ ଧରି ବାଦୀ ପାଲା ଅନୁଷ୍ଠିତ ହେବ। ଆସନ୍ତା ରବିବାର ଦିନ ଉଦ୍‌ଯାପିତ ହେବ। ଗ୍ରାମବାସୀଙ୍କ ପକ୍ଷରୁ ସହଯୋଗ କରାଯାଉଛି।

ଭତ୍ତା ଆଣିବାକୁ ଯାଇ ଅଂଶୁଘାତରେ ଚାଲିଗଲା ବୃଦ୍ଧଙ୍କ ଜୀବନ

ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଚାନ୍ଦିବାଉଶମୂଳ ପଞ୍ଚାୟତର କୁସୁନୁପୁରୁ ଗ୍ରାମର ଭିମସେନ ବେହେରା (୯୦ବର୍ଷ) ଜନ ସ୍ୱେ କେନ୍ଦ୍ରକୁ ଭତ୍ତା ପାଇଁ ଯାଇ ଆଉ ଘରକୁ ଫେରି ନଥିଲା, ସେ ସବୁଦିନ ପାଇଁ ଅଂଶୁଘାତରେ ଶୋଇଯାଇଥିଲା। ଏପରି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ଯୋଗ୍ୟ ମୃତ ଭୀମସେନଙ୍କ ଭତ୍ତା ଟଙ୍କାବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା। ବ୍ୟାଙ୍କରେ ଭିଡ ରହୁଥିବାରୁ ବୃଦ୍ଧ ଜଣଙ୍କ ସମ୍ପର୍କୀୟଙ୍କ ବାଇକ୍‌ରେ ସ୍ଥାନୀୟ ଜନସେବା କେନ୍ଦ୍ରକୁ ଟଙ୍କା ଆଣିବାକୁ ଯାଇଥିଲା। କିନ୍ତୁ ତାଙ୍କର କେୱାଇସି ଅପଟୁଡେଟ୍ ନଥିବାରୁ ବୃଦ୍ଧ ଭିମସେନକୁ ଜନ ସେବା କେନ୍ଦ୍ରରେ ବସାଇ ତାଙ୍କର ସମ୍ପର୍କୀୟ କାଗଜାତ ଆଣିବାକୁ ଘରକୁ ଯାଇଥିଲେ। ଏହି ସମୟରେ ବସିଥିବା ଭିମସେନଙ୍କର ବାନ୍ତି ହୋଇଥିଲା ତାହା ଦେଖି ଉପସ୍ଥିତ ଲୋକମାନେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଡ଼ାକ୍ତର କହୁଥିବା ବେଳେ ପରିବାର ଲୋକେ ଅମଙ୍ଗ ହୋଇ ଗାଁ ମଶାଣୀରେ ଦାହ କରିଥିଲେ। ଅକର୍ମଣ୍ୟ ଓ ବୃଦ୍ଧ ବୃଦ୍ଧା ବ୍ୟକ୍ତିଙ୍କୁ ଘରକୁ ଯାଇ ଭତ୍ତା ଦେବାକୁ ନିୟମ ଥିବା ବେଳେ, କଣ ପାଇଁ ବ୍ୟାଙ୍କକୁ ଚଲାଇ ଏପରି ଅଘଟଣର ଶିକାର ହେବାକୁ ପଡୁଛି ସେଥିପାଇଁ ଦାୟୀ କିଏ ? ଅପରପକ୍ଷରେ ଜନସେବା କେନ୍ଦ୍ର ଓ ବିଭିନ୍ନ କାର୍ଯ୍ୟାଳୟରେ ଏବେ ଅଂଶୁଘାତ ପାଇଁ ପିଇବା ପାଣି ରଖିବା ବାଧ୍ୟତାମୂଳକ ହୋଇଥିବା ବେଳେ କେହି ପାଣିର ବ୍ୟବସ୍ଥା ରହୁ ନାହାନ୍ତି। ରାଜନଗର ସଦର ମହକୁମା ବ୍ଲକ ଓ ତହସିଲ କାର୍ଯ୍ୟାଳୟ ମାନଙ୍କରେ ଖରାରେ ଦୈନିକ ଶହଶହ ଲୋକମାନେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିଲେ ମଧ୍ୟ ପିଇବାକୁ ପାଣି ଟୋପେ ମିଳୁନାହିଁ। ଏପରିକି ଆଧାର କାର୍ଡ କେନ୍ଦ୍ରରେ ସକାଳୁ ଲୋକମାନେ ଅପରାହ୍ନ ପର୍ଯ୍ୟନ୍ତ ଭିଡ ରହୁଥିଲେ ମଧ୍ୟ ପାଣିର ବ୍ୟବସ୍ଥା ନାହିଁ। ବ୍ଲକ ଗେଟ୍ ସମ୍ମୁଖରେ ରାଜନଗର ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲା ଯାଇଥିଲେ ମଧ୍ୟ ଆଜି କେବଳ ଜଳଛତ୍ର ବ୍ୟାନର ଟଙ୍ଗାଯାଇଥିବା ବେଳେ ପାଣି ନଥିବା ଦେଖି ଆଧାର କାର୍ଡ କରିବାକୁ ଆସିଥିବା ପିଲାଛୁଆ ଧରି ପାଞ୍ଚଜଣ ମହିଳା ଟିଉବଲକୁ ଯାଇ ଅପେକ୍ଷା କରି ପାଣି ପିଇଥିଲେ। ଅଶୁଘାତରୁ ଲୋକମାନଙ୍କୁ ରକ୍ଷା କରିବାକୁ ପ୍ରଶାସନ ଲୋକ ଦେଖାଣିଆ ଜଳଛତ୍ର ବୋର୍ଡ଼ ନ ମାରି ତୁରନ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ଆଲୋକ ମିଶ୍ର ହେଲେ ଜିଲ୍ଲା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ

କେନ୍ଦୁଝର,(ଭାସ୍କର ନ୍ୟୁଜ୍): ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଆଲୋକ ମିଶ୍ରଙ୍କୁ ଜିଲ୍ଲା କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।ଶ୍ରୀ ମିଶ୍ର ଜଣେ ବରିଷ୍ଠ ନେତା ହୋଇଥିବା ବେଳେ ଜିଲ୍ଲା ଯୁବ କଂଗ୍ରେସର ସଭାପତି ଥିବା ସହ ଜଣେ ପୁରୁଖା ସଂଗଠକ ଭାବେ ତାଙ୍କର ସୁଖ୍ୟାତି ରହିଛି ।ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିବା ଆଲୋକ ମିଶ୍ର ଧରଣୀଧର ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ସହ ଅନେକ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ।ତାଙ୍କର ଏହି ନୂତନ ନିଯୁକ୍ତି ଦ୍ୱାରା କଂଗ୍ରେସ କେନ୍ଦୁଝର ଜିଲ୍ଲାରେ ଅଧିକ ସଂଗଠିତ ହେବା ସହ କ୍ରିୟାଶୀଳ ହୋଇପାରିବ ବୋଲି ଜଣାପଡିଛି । ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ଗୋ-ଚାଲାଣ ବେଳେ ୫ ଗାଡି ଜବତ, ୩୨ ଗୋରୁ ଉଦ୍ଧାର

ନିଶ୍ଚିନ୍ତକୋଇଲି,(ଭାସ୍କର ନ୍ୟୁଜ୍): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ସୁକରପଡାରୁ ରାଜ୍ୟ ବାହାରକୁ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ବେଳେ ଅତର୍କିତ ଭାବେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ଚଢାଉ କରାଯାଇଥିଲା। ପୋଲିସ ଘଟଣାସ୍ଥଳରୁ ୩୨ଟି ଗୋରୁଙ୍କୁ ଉଦ୍ଧାର କରିଥିଲା ବେଳେ ୫ଟି ଗାଡିକୁ ଜବତ କରିଥିବାର ଜଣାଯାଇଛି। ଦୀର୍ଘ ବର୍ଷ ହେଲା କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ସୁକରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଦେ ପୋଖରୀ ହୁଡାରୁ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଶହ ଶହ ସଂଖ୍ୟାରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଗାଈଗୋରୁ ,ଷଣ୍ଢ ମାନଙ୍କୁ ଗୋ ମାଫିଆ ମାନେ ଅବାଧରେ ଚାଲାଣ କରୁଥିବା ଘଟଣା କାହାରିକୁ ଅଛପା ନାହିଁ । ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ତରଫରୁ ଏକାଧିକ ବାର ଚଢାଉ କରାଯାଇଥିବାର ନଜିର ରହିଛି ।ତେବେ ପୋଲିସ ପ୍ରଶାସନ ତରଫରୁ କେବଳ ଲୋକଦେଖାଣିଆ ଭାବେ ଏହି ଚଢାଉ କରାଯାଉଥିବାର ସାଧାରଣରେ କୁହାଯାଉଛି। ସେହିପରିଭାବେ ଏହି ସ୍ଥାନରେ ଗୋ ଚାଲାଣ ଚାଲୁଥିଲା ବେଳେ ପୋଲିସ ଓ ଗୋ ମାଫିଆଙ୍କ ଲୁଚକାଳି ଖେଳ କାହାରିକୁ ଅଛପା ନାହିଁ। ଏହି ସ୍ଥାନରୁ ସୁଚିନ୍ତିତ ଭାବେ ଦୈନନ୍ଦିନ ସ୍ୱଷ୍ଟ ଦିବାଲୋକରେ ଗୋ ଚାଲାଣ କରାଯାଉଥିବାର ଜଣାଯାଇଛି। ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଏହି ସ୍ଥାନରୁ ଗୋରୁ ଚାଲାଣ ହେଉଥିବାର ପୋଲିସକୁ ସୁରାକ ମିଳିଥିଲା। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଲାଣ ହେବାକୁ ଥିବା ୩୩ଟି ଗୋରୁଙ୍କୁ ଉଦ୍ଧାର କରିଥିବାର ଜଣାଯାଇଛି। ପୋଲିସ ଗୋଚାଲାଣ କରୁଥିବା ଅଭିଯୋଗରେ ୫ଟି ଗାଡିକୁ ଜବତ କରିଛି। ଏସମ୍ପର୍କରେ ଥାନା କେଶ ନଂ ୯୯/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ତେବେ ପୋଲିସ ରହସ୍ୟ ଜନକ ଭାବେ କୌଣସି ଗୋଚାଲାଣକାରୀଙ୍କୁ ଗିରଫ ନକରିବା ଘଟଣାକୁ ନେଇ ସାଧାରଣରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି। ଏହି ଗୋରୁ ଗୁଡିକ ମଧ୍ୟରୁ ୧୮ଟି ଗୋରୁଙ୍କୁ ବଇରି ଗୋଶାଳାରେ ରଖାଯାଇଥିଲା ବେଳେ ୧୪ଟି ଗୋରୁଙ୍କୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଥିବାର ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସୂତ୍ରରୁ ପ୍ରକାଶ।

କେନାଲରେ ପଡି ରାଜମିସ୍ତ୍ରୀ ମୃତ

କାଳିଆପାଣି :(ଭାସ୍କର ନ୍ୟୁଜ): କାଳିଆପାଣି ଥାନା ଅନ୍ତର୍ଗତ କଲରଙ୍ଗିଅଡା ଗ୍ରାମ ନିକଟରେ ଯାଇଥିବା ଡମଶାଳ କେନାଲରେ ପଡି ଗୁରୁବାର ଦିନ ଜଣେ ରାଜମିସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ପଡୋଶୀ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଓଡିଶ ଗ୍ରାମର ନବଘନ ସେନାପତି (୫୪) କଲରଙ୍ଗି ଗ୍ରାମକୁ ରାଜମିସ୍ତ୍ରୀ କାମକରିବାକୁ ଆସିଥିଲା ଦିନ ୨ଟାରେ ସାଇକେଲ ଯୋଗେ ଘରକୁ ଫେରିବା ବେଳେ ଅସାବଧାନତା ବଶତଃ କେନାଲ ଭିତରକୁ ଖସିପଡ଼ିଥିଲା ପାଣିରେ ବୁଡି ଯାଇଥିବାରୁ ଆଉ ଉଠିପାରିନଥିଲା ସେହିଠାରେ ହିଁ ତାର ମୃତ୍ୟୁ ହୋଇ ଯାଇଥିଲା। ଘଣ୍ଟାଏ ପରେ କଲରଙ୍ଗି ଗ୍ରାମର ଲୋକମାନେ ପାଣିରେ ପଡ଼ିଥିବା ଦେଖି କାଳିଆପାଣି ପୋଲିସକୁ ଖବର ଦେଇଥିଲେ କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ପାଣିରୁ ଉପରକୁ ବାହାର କଲାପରେ ଓଡିଶ ଗାଁର ରାଜ ମିସ୍ତ୍ରୀବୋଲି ପରିଚୟ ମିଳିଥିଲା। ସଙ୍ଗେ ସଙ୍ଗେ ମୃତକ ପରିବାରକୁ ଖବର ଦିଆଯାଇଥିଲା ପରିବାର ଲୋକ ପହଁଞ୍ଚି ଚିହ୍ନଟ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇ ଥିବା କାଳିଆପାଣି ପୋଲିସ ପକ୍ଷରୁ ସୂଚନା ମିଳିଛି। କାଳିଆପାଣି ପୋଲିସ ଏକ ଅପମୃତ୍ୟୁ ମାମଲା କେସ ନଂ- ୬/ ୨୦୨୪ ରୁଜୁ କରିଥିବା ଜଣାପଡିଛି।

ଶଙ୍ଖଚିଲା ବାଲି ଦାଣ୍ଡରେ ମା' ହିଙ୍ଗୁଳାଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ

ବ୍ୟାସନଗର,(ଭାସ୍କର ନ୍ୟୁଜ): ଯାଜପୁରଜିଲ୍ଲା କୋରେଇ ବ୍ଲକ ଶଙ୍କଚିଲାରେ ଜଗତ ଜନନୀ ମା' ହିଙ୍ଗୁଳାଙ୍କ ଓଡ଼ିଶାର ଦ୍ୱିତୀୟ ପୀଠ ଭାବେ ପରିଚିତ। ମା'ଙ୍କ ଦୟାରେ ଶଙ୍ଖଚିଲା ବ୍ୟବସାୟ ଶିକ୍ଷା ଅର୍ଥ ନୀତି ସାମାଜିକ କ୍ଷେତ୍ରରେ ସମଗ୍ର ଜିଲ୍ଲାରେ ବିକଶିଳ ଭାବରେ ପରିଚିତ। ମା' ହିଙ୍ଗୁଳା ଏକ ପିଠିଆ ବଳଦ ଲାଞ୍ଜ ରେ ଶଙ୍ଖଚିଲା କୁ ଆସି ଥିଲେ । ଅନେକ କିମ୍ବଦନ୍ତୀ ରହିଛି ଶଙ୍ଖଚିଲାର ବଳିଦାଣ୍ଡ ଥିବା ବଟ ଭୁକ୍ଷ ରେ ୧୯୨୯ମସିହା ରେ ଅଭିଭାର୍ଭ ହୋଇ ଥିଲେ।୧୯୩୦ମସିହା ଠାରୁ ମା'ଙ୍କର ମହାଯଜ୍ଞ। ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁ ଅଛି। ପ୍ରତି ବର୍ଷ ଚୈତ୍ର ମାସ ଚଷ୍ଟର୍ତୁଦର୍ଶୀ ତୃତୀୟା ଠାରୁ ମହାଯଜ୍ଞ ମହା ଆଡ଼ମ୍ବର ପୂର୍ଣ୍ଣ ଭାବରେ ହୋଇ ଆସୁଅଛି। ମା' ହିଙ୍ଗୁଳା ପ୍ରତ୍ୟକ୍ଷ ଦେବୀ ଶ୍ରଦ୍ଧାଳୁଙ୍କ ମନ ବାଞ୍ଛା ପୂରଣ କରୁ ଥିବାରୁ ସର୍ବଦା ଏହି ପୀଠ ଚଳ ଚଞ୍ଚଳ ଗୁରୁ ବାର ଥିଲା ମହାଯଜ୍ଞର ପୂର୍ଣ୍ଣାହୁତି ଦିବସ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇ ଥିଲା ଶ୍ରଦ୍ଧାଳୁମାନେ ଘୃତ ନଡ଼ିଆ ଦେଇ ଯଜ୍ଞରେ ପୂର୍ଣ୍ଣାହୁତି ପଦାନ କରି ଥିଲେ ଚବିଶ ପହର ନାମ ଯଜ୍ଞ ସାଙ୍ଗକୁ ବେଦମନ୍ତ୍ର ଚଣ୍ଡୀ ପାଠ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ଥିଲା ଭଞ୍ଜନ ସନ୍ଧ୍ୟା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ଲୋଭା କରି ଥିଲା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ସ୍ତ୍ରାଟୁ ଛାତ୍ରଛାତ୍ରୀମାନେ ରକ୍ଷା କରି ଥିଲେ। ହିଙ୍ଗୁଳା କମିଟି ପକ୍ଷରୁ ପାନୀୟ ଜଳ ଓ ସୁବ୍ୟବସ୍ଥା କରାଯାଇଥିଲା।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱାରା ଜଳଛତ୍ର ଉଦ୍‌ଘାଟିତ

କେନ୍ଦୁଝର,(ଭାସ୍କର ନ୍ୟୁଜ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପରିଚାଳନା ସମିତିର ସଭାପତି ପ୍ରଫେସର ସୁନିଲ କୁମାର ରଥ, ସଂପାଦକ ସୁଧାଂଶୁ ଶେଖର ପଣ୍ଡାଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟ ସମ୍ମୁଖରେ ଯାଉଥିବା ବାଟୋଇମାନଙ୍କୁ ଦହିପାଣି ବଣ୍ଟନ କରାଯାଇଥିଲା । ପ୍ରବଳ ଗ୍ରୀଷ୍ମ ତାପରୁ ମୁକ୍ତି ପାଇବା ପାଇଁ ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜଳ ସିଂଚନ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ଜଳଛତ୍ର ପ୍ରତ୍ୟେକ ଦିନ ଚାଲିବ ବୋଲି ବିଦ୍ୟାଳୟର ସହ-ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କହିଛନ୍ତି ।

ନିମାପଡା ବିଜେଡି ସଙ୍କଟରେ: ନୂଆକୁ ସମର୍ଥନ କରୁନାହାଁନ୍ତି ପୁରୁଣା, ଫାଇଦାରେ ବିଜେପି

ନିମାପଡ଼ା,(ଭାସ୍କର ନ୍ୟୁଜ୍): ନିମାପଡା ରାଜ୍ୟରେ ନିର୍ବାଚନ ବିଗୁଲ ବାଜିଥିବା ବେଳେ ନିମାପଡା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଇଛି । ବିଜେପି କଂଗ୍ରେସ ପ୍ରଚାର ମଇଦାନକୁ ଓହ୍ଲାଇଥିବା ବେଳେ ବିଜେଡି ପ୍ରଚାରରେ ପଛରେ ପଡିଛି । ନିମାପଡା ବିଜେଡି ସଂକଟରେ ଥିବା ବେଳେ ନୂଆ ବିଜେଡି କର୍ମୀଙ୍କୁ ପୁରୁଣା ବିଜେଡି କର୍ମୀ ଗ୍ରହଣ କରିପାରୁନାହାଁନ୍ତି। ଯାହାକୁ ନେଇ ବିଜେଡି ସଂକଟରେ ଥିବା ପୁରୁଖା କର୍ମୀମାନେ ମତ ପ୍ରକାଶ କରିଛନ୍ତି । ପ୍ରାର୍ଥୀ ଘୋଷଣା ସରିବା ପରେ ଏପରି ସଂକଟ ଦେଖାଦେଇଛି । ପୁରୁଣା ବିଜେଡି କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନେ ମେଳି ବାନ୍ଧିଥିବା ବେଳେ ବିଜେପିରୁ ଯାଇ ବିଜେଡିରେ ମିଶିଥିବା ନୂତନ କର୍ମୀମାନଙ୍କୁ ଗ୍ରହଣ କରାଯାଉନାହିଁ । ଏହାକୁ ନେଇ ରାଜନୈତିକ ପାଣିପାଗ ଉଷ୍ମତା ବଢିବାରେ ଲାଗିଛି । ମିଳିଥିବା ସୂଚା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ବିଜେଡିର ଗଡ କୁହାଯାଉଥିବା ବେଳେ ବର୍ତ୍ତମାନ ବିଜେଡି ଦଳ ସଂକଟରେ ରହିଅଛି । ବିଜେଡି ଦଳରୁ ଟିକେଟ ପାଇଥିବା ଦିଲ୍ଲିପ ନାୟକ କେତେକ ବିଜେପି କର୍ମୀଙ୍କୁ ଧରି ବିଜେଡିରେ ଯୋଗଦେଇଥିଲେ । ଟିକେଟରୁ ପୂର୍ବତନ ଗଣ ଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶ ବାଦ ପଡିଛନ୍ତି । ଏହାକୁ ନେଇ କର୍ମୀମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିବା ବେଳେ ବିଧାୟକ ସମୀର ରଂଜନ ଦାଶ ତାଙ୍କର ଶକ୍ତି ପ୍ରଦର୍ଶନ କରିଛନ୍ତି । ସ୍ଥାନୀୟ ସାଇ ଲୋଟସ ମଣ୍ଡପ ଓ ବିଜେଡି ପାର୍ଟି କାର୍ଯ୍ୟାଳୟରେ ପୁରୁଖା ବିଜେଡି କର୍ମୀମାନେ ମେଳି ବାନ୍ଧିଛନ୍ତି । ବେଳକୁ ବେଳ ବିଜେଡିର ସ୍ଥିତି ଜଟିଳ ହେଉଥିବା ବେଳେ ନୂଆ ବିଜେଡିକୁ ପୁରୁଣା ବିଜେଡି ସମର୍ଥନ କରୁନାହିଁ । ଏହାକୁ ନେଇ ଫାଇଦାରେ ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡା ରହିଛନ୍ତି । ପ୍ରଭାତିଙ୍କ ଭୋଟର ଦିନକୁ ଦିନ ବଢୁଥିବା ବେଳେ ଭୋଟର ପ୍ରଭାତୀଙ୍କ ପ୍ରତି ଆକର୍ଷିତ ହେଉଛନ୍ତି। ମୋଦିଙ୍କ ବିକାଶ ଘରେ ଘରେ ପହଞ୍ଚିଛି ଶ୍ରୀମତୀ ପରିଡା ଭୋଟରଙ୍କୁ ସାଉଁଟୁଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ବିଜେପି କର୍ମୀ ସଂଗଠିତ କରି ରାଜନୈତିକ ଫାଇଦା ହାସଲରେ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସାଦ୍ଧାର୍ଥ ରାଉତରାୟ ପ୍ରଚାରରେ ପଛରେ ପଡିଯାଇଛନ୍ତି । କଂଗ୍ରେସ ଦଳର କେତେକ ପୁରୁଖା କର୍ମୀ ସିଦ୍ଧାର୍ଥଙ୍କୁ ସମର୍ଥନ ନଜଣାଇ ବିଭିନ୍ନ ବୈଠକ କରୁଥିବା ତଥ୍ୟ ହସ୍ତଗତ ହୋଇଛି। ଅକେ ସ୍ୱାଧିନ ପ୍ରାର୍ଥୀ ମଇଦାନକୁ ଓହ୍ଲାଇବାକୁ ଥିବା ବେଳେ ନିମାପଡା ରାଜନୀତି ପ୍ରଚାର ଜୋର ଧରିଛି । ଏହି ପରୀପେକ୍ଷୀରେ ବିଜେଡିର ପାର୍ଟି ଅଫିସରେ ନିର୍ବାଚିତ ପ୍ରତିନିଧିମାନେ ମୋଳି ବାନ୍ଧି ବସିରହି ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଛନ୍ତି ।

ମୟୂରଭଞ୍ଜ ଜିଲ୍ଲାର ୬ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କଲା ଆଶା ଭରସା ପାର୍ଟି

ମୟୂରଭଞ୍ଜ/ରାଇରଙ୍ଗପୁର,(ଭାସ୍କର ନ୍ୟୁଜ୍): ନୂତନ ଭାବେ ଗଠିତ ରାଜନୈତିକ ଦଳ ଆଶା ଭରସା ପାର୍ଟି (ଏବିପି) ପକ୍ଷରୁ ରାଇରଙ୍ଗପୁରସ୍ଥିତ ଆଇଏଲ୍‌ଆର୍ ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଛି। ଏବିପିର ମୟୂରଭଂଜ ଜିଲ୍ଲାର ସାଂସଦ ପ୍ରାର୍ଥୀ କାହ୍ନୁଚରଣ ଟୁଡୁଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୟୂରଭଂଜ ଜିଲ୍ଲାର ବିକାଶକୁ ବଢ଼ାଇବା ନିମନ୍ତେ ଏହି ଦଳ ଗଠନ କରାଯାଇଛି ବୋଲି ଶ୍ରୀ ଟୁଡୁ କହିଛନ୍ତି। କୋଣ ଅନୁକଣରେ ଥିବା ସମସ୍ତ ଜନସାଧାରଣଙ୍କ ପାଖକୁ ପହଞ୍ଚି ତାଙ୍କର ସମସ୍ତ ସମସ୍ୟାର ସମାଧାନ କରିବା ଦଳର ଲକ୍ଷ୍ୟ ବୋଲି କହିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମୟୂରଭଂଜ ଜିଲ୍ଲାକୁ ସବୁ କ୍ଷେତ୍ରରେ ଅବହେଳା କରୁଥିବା ଅଭିଯୋଗ କରିଛି ଦଳ। ଏହା ବ୍ୟତୀତ ରାଜନୈତିକ ଶିକ୍ଷା, ପ୍ରଶିକ୍ଷଣ ଦ୍ୱାରା ସଶକ୍ତୀକରଣକୁ ଜାଣିବା ଯଦ୍ୱାରା ଶୋଷଣ ଏବଂ ଶାସିତ ହେବାରୁ ମୁକ୍ତି ପାଇବା, ସ୍ୱାଭିମାନ ସହିତ ସାମାଜିକ ଅନୁଷ୍ଠାନ, ପ୍ରଥା, ସାଂସ୍କୃତିକୁ ବଂଚାଇ ରଖିବା ଦଳର ଲକ୍ଷ୍ୟ। ଏହି ଅବସରରେ ଆଶା ଭରୋସା ପାର୍ଟିର ମୟୂରଭଂଜ ଜିଲ୍ଲାର ଲୋକସଭା ପ୍ରାର୍ଥୀ ଭାବେ କାହ୍ନୁ ଚରଣ ଟୁଡୁଙ୍କ ଘଷୋଣା କରିଥିବା ବେଳେ ୬ଟି ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ମଧ୍ୟ ଘଷୋଣା କରିଛି ଦଳ। ଜିଲ୍ଲା ଯଶିପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ଗୋବିନ୍ଦ ଚନ୍ଦ୍ର ସୋରେନ୍, ସାରସକଣା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ଶେଖର ଚନ୍ଦ୍ର ମାହାଲି, ରାଇରଙ୍ଗପୁର ନିର୍ବା

ଜାତୀୟ ଓ ଅନ୍ତର୍ଜାତୀୟ

ନୂଆଦିଲ୍ଲୀ: ମେ ୨୫ ତାରିଖ ଦିନ ଦିଲ୍ଲୀରେ ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏହି ଦିନ ରାଜଧାନୀର ସମସ୍ତ ୭ଟି ଆସନରେ ମତଦାନ ଅନୁଷ୍ଠିତ ହେବ। ତିହାର ଜେଲରେ ରହୁଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ଏପ୍ରିଲ ୨୭ ଶନିବାର ଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବେ। ଅରବିନ୍ଦ କେଜ୍ରିୱାଲ ବର୍ତ୍ତମାନ ଦିଲ୍ଲୀର ଲିକୋର ପଲିସି ସ୍କାମ ମାମଲାରେ ଜେଲରେ ଅଛନ୍ତି। ସୁନୀତା କେଜ୍ରିୱାଲ ବର୍ତ୍ତମାନ ଆମ୍ ଆଦମୀ ପାର୍ଟି ପାଇଁ ପ୍ରଚାର କରିବେ। ସେ ଶନିବାର ଦିନ ପୂର୍ବ ଦିଲ୍ଲୀ ଲୋକସଭା ନିର୍ବାଚନମଣ୍ଡଳୀରେ ଏକ ରୋଡ୍ ସୋ ସହିତ ନିଜର ଅଭିଯାନ ଆରମ୍ଭ କରିବେ। ଏପ୍ରିଲ ୨୮ ରବିବାର ଦିନ ସୁନୀତା କେଜ୍ରିୱାଲ ପଶ୍ଚିମ ଦିଲ୍ଲୀରେ ଏକ ରୋଡ୍ ସୋ କରିବେ। ଦିଲ୍ଲୀ ବ୍ୟତୀତ ସୁନୀତା ପଞ୍ଜାବ, ହରିୟାଣା ଏବଂ ଗୁଜୁରାଟରେ ମଧ୍ୟ ପ୍ରଚାର କରିବେ। ସୁନୀତା କେଜ୍ରିୱାଲଙ୍କ ନିର୍ବାଚନ ପ୍ରଚାର ସମ୍ପର୍କରେ ଆମ୍ ଆଦମୀ ପାର୍ଟିର ନେତା ତଥା ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆତିଶୀ ସୂଚନା ଦେଇଛନ୍ତି।

ଧର୍ମ ନାମରେ ଭୋଟ ମାଗି ଅଡୁଆରେ ମୋଦୀ

ଅଯୋଗ୍ୟ ଘୋଷଣା କରିବାକୁ କୋର୍ଟରେ ମାମଲା

ନୂଆଦିଲ୍ଲୀ: ହିନ୍ଦୁ, ଶିଖ ଓ ଧର୍ମପୀଠ ନାଁରେ ଭାଜପା ପାଇଁ ଭୋଟ ମାଗୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାମରେ କୋର୍ଟରେ ମାମଲା ଦାୟର ହୋଇଛି। ଆସନ୍ତା ୬ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିବାକୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରାଯାଇଛି। ୬ ବର୍ଷ ପାଇଁ ମୋଦିଙ୍କୁ ନିର୍ବାଚନ ଲଢ଼ିବାରୁ ଦୂରେଇ ରଖାଯାଉ ବୋଲି ଆବେଦନକାରୀ ଦାବି କରିଛନ୍ତି। କୋର୍ଟ ଏହାର ଶୁଣାଣି ଏପ୍ରିଲ ୨୯ ଅର୍ଥାତ ସୋମବାର କରିବେ। ଆଇନଜୀବୀ ଆନନ୍ଦ ଏସ ଜୋନଧାଲେ ଏପରି ଆବେଦନ କରିଛନ୍ତି। ଆଜି ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସଚିନ ଦତ୍ତା ଏହାର ଶୁଣାଣି କରିଥାଆନ୍ତେ। କିନ୍ତୁ ସେ ୟୁଏପିଏ ଟ୍ରିବ୍ୟୁନାଲରେ ବସିଥିବାରୁ ଆବେଦନର ଶୁଣାଣି ହୋଇପାରି ନାହିଁ। ଆନନ୍ଦ ନିଜ ଆବେଦନରେ କହିଛନ୍ତି ଯେ, ମୋଦିଙ୍କୁ ଜନ ପ୍ରତିନିଧି ଆଇନ ଅନୁସାରେ ୬ ବର୍ଷ ପାଇଁ ନିର୍ବାଚନ କମିଶନର ଅଯୋଗ୍ୟ ଘୋଷଣା କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ଆଗକୁ ମୋଦି ଯେମତି କୌଣସି ଭଗବାନ କିମ୍ବା ଧର୍ମ ନାଁରେ ଭୋଟ ମାଗିବେ ନାହିଁ, ତା'ର ବ୍ୟବସ୍ଥା କରନ୍ତୁ। ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ଗୋଟିଏ ଭାଷଣ ଉପରେ ମଧ୍ୟ ଆବେଦନକାରୀ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କେବଳ ହିନ୍ଦୁ, ଶିଖ କିମ୍ବା ସେମାନଙ୍କ ଧର୍ମପୀଠ ନାଁରେ ଭୋଟ ମାଗୁ ନାହାନ୍ତି, ବରଂ ବିରୋଧୀ ଦଳଗୁଡ଼ିକ ମୁସଲିମ ସଂପ୍ରଦାୟକୁ ଅହେତୁକ ଅନୁକମ୍ପା ଦେଖାଉଥିବା ଦାବି କରୁଛନ୍ତି। ଆନନ୍ଦ ନିର୍ବାଚନ କମିଶନଙ୍କ ନିକଟରେ ମଧ୍ୟ ପୂର୍ବରୁ ଅଭିଯୋଗ ଦାଖଲ କରିଥିଲେ। ସେ ନିଜ ଅଭିଯୋଗରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଦାବି କରୁଛନ୍ତି ଯେ ସେ ରାମ ମନ୍ଦିର ନିର୍ମାଣ କରିଛନ୍ତି, କର୍ତ୍ତାରପୁର ସାହିବ କରିଡରର ବିକାଶ କରିଛନ୍ତି ଓ ଆଫଗାନିସ୍ତାନରୁ ଗୁରୁ ଗ୍ରନ୍ଥ ସାହିବକୁ ସ୍ୱଦେଶ ଆଣିଛନ୍ତି। ଏହାକୁ ଆଧାର କରି ସେ ଭୋଟ ମାଗୁଛନ୍ତି। ତେଣୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ କମିଶନ ତୁରନ୍ତ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା।

ସାଂସଦ ଦେବାଶିଷଙ୍କ ନାମାଙ୍କନ ରଦ୍ଦ

କୋଲକାତା: ପଶ୍ଚିମବଙ୍ଗର ବୀରଭୂମ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ଦେବାଶିଷ ଧରଙ୍କ ନାମାଙ୍କନପତ୍ରକୁ ନିର୍ବାଚନ ଆୟୋଗ ରଦ୍ଦ କରିଦେଇଛନ୍ତି। ନାମାଙ୍କନପତ୍ର ସହିତ ଆପତ୍ତି ନ ଥିବା ପ୍ରମାଣପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଆୟୋଗ ଏହି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଦେବାଶିଷ ଜଣେ ପୂର୍ବତନ ଆଇପିଏସ ଅଧିକାରୀ। ଗତ ମାସରେ ସେ ଆଇପିଏସ ପଦବୀରୁ ଇସ୍ତଫା ଦେଇ ରାଜନୀତିରେ ଯୋଗଦେଇଥିଲେ। ୨୦୨୧ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ସରକାର ଦେବାଶିଷଙ୍କୁ ନିଲମ୍ବନ କରିଥିଲେ। ସେତେବେଳେ ସେ କୁଚ୍ ବିହାରର ଏସପି ଥିଲେ। ସିତଲକୁଚି ଜିଲାରେ ମତଦାନ ସମୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଗୁଳିଚାଳନା ଯୋଗୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଟିଏମସି ସରକାର ଗଠନ କରିବା ପରେ ଦେବାଶିଷଙ୍କୁ ନିଲମ୍ବନ କରାଯାଇଥିଲା। ବୀରଭୂମ ଆସନରେ ଦେବାଶିଷଙ୍କ ମୁକାବିଲା ସିଏମସିର ଶତାବ୍ଦୀ ରାୟଙ୍କ ସହିତ ହୋଇଥାଏ। ବୀରଭୂମକୁ ଟିଏମସି ଗଡ଼ କୁହାଯାଇଥାଏ। ତେବେ ଏଥର ଏହି ଆସନରେ ଟିଏମସିକୁ କନା ଟକ୍କର ମିଳିବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯିବା ଫଳରେ ଦଳକୁ ବଡ଼ ଝଟ୍‌କା ଲାଗିଛି।

ମମତାଙ୍କ ଗଡରେ ଗର୍ଜିଲେ ମୋଦୀ



କୋଲକାତା: ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ପଶ୍ଚିମବଙ୍ଗର ମାଲଦାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସମୟରେ ପ୍ରଧାନମନ୍ତ୍ରୀ ମମତା ବାନାର୍ଜୀ ସରକାର ଉପରେ ଜୋରଦାର ଆକ୍ରମଣ କରି କହିଛନ୍ତି, ଟିଏମ୍‌ସି ବଙ୍ଗଳାରେ ସ୍କାମ କରୁଛି। ଯେଉଁଠାରେ ଭାଜପା ବଙ୍ଗଳାର ବିକାଶ ପାଇଁ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଏପରି ଏକ ସମୟ ଥିଲା ଯେତେବେଳେ ବଙ୍ଗଳା ସମଗ୍ର ଦେଶର ବିକାଶକୁ ଆଗେଇ ନେଇଥିଲା। ଏବେ କିନ୍ତୁ ପ୍ରଥମେ ବାମପନ୍ଥୀ ଏବଂ ପରେ ଟିଏମସି ବଙ୍ଗଳାର ମହାନତାକୁ ଆଘାତ କରୁଛି । ମୋଦୀ କହିଛନ୍ତି ଯେ, ଟିଏମସିର ରାଜୁତି ସମୟରେ ବଙ୍ଗଳାରେ କେବଳ ଗୋଟିଏ ଜିନିଷ ଚାଲିଛି, ତାହା ହେଉଛି ହଜାରେ କୋଟି ଟଙ୍କା ମୂଲ୍ୟର ସ୍କାମ, ଶାରଦା ଚିଟ୍ ଫଣ୍ଡ ଦୁର୍ନୀତି, ପଶୁ ଚୋରା ଚାଲାଣ, ରାସନ ଘୋଟାଲା, କୋଇଲା ଦୁର୍ନୀତି ଇତ୍ୟାଦି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ବଙ୍ଗଳାର ୫୦ ଲକ୍ଷରୁ ଅଧିକ ଚାଷୀଙ୍କ ଆକାଉଣ୍ଟକୁ ୮ ହଜାର କୋଟି ଟଙ୍କା ପ୍ରଧାନମନ୍ତ୍ରୀ କିସାନ ସାମ୍ମନ ନିଧି ମାଧ୍ୟମରେ ପଠାଯାଇଛି । କିନ୍ତୁ ଟିଏମସି ସରକାର ଏହାକୁ ଲୁଟିବାରେ ବ୍ୟସ୍ତ । ବଙ୍ଗଳାର ବିକାଶ ପାଇଁ ମୁଁ କେନ୍ଦ୍ରରୁ ବଙ୍ଗଳା ସରକାରଙ୍କୁ ପଠାଉଥିବା ଟଙ୍କା ଟିଏମସି ନେତା, ମନ୍ତ୍ରୀ ଏବଂ କର୍ମୀମାନେ ଖାଉଛନ୍ତି।

ସିସୋଦିଆଙ୍କୁ ଝଟ୍‌କା: ମେ' ୮ ପର୍ଯ୍ୟନ୍ତ ରହିବେ ଜେଲରେ

ନୂଆଦିଲ୍ଲୀ: ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲାରେ ତିହାର ଜେଲରେ ଥିବା ଆପ ନେତା ମନୀଷ ସିସୋଦିଆଙ୍କୁ ପୁଣି ଲାଗିଲା ଝଟକା। ତାଙ୍କ ନ୍ୟାୟିକ ହେପାଜତକୁ ଆସନ୍ତା ମେ ୮ ପର୍ଯ୍ୟନ୍ତ କୋର୍ଟ ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଲିକର ପଲିସି ମାମଲା ସହ ଜଡିତ ଅର୍ଥ ହେରଫେର ମାମଲାରେ ମନୀଷ ସିସୋଦିଆ ପୁଣି ଥରେ କୋର୍ଟରୁ ଝଟ୍?କା ପାଇଛନ୍ତି। ରାଉସ ଆଭେନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟି (ଏଏପି) ନେତା ମନୀଷ ସିସୋଡିଆଙ୍କ ନ୍ୟାୟିକ ହେପାଜତକୁ ମେ ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗତ ବର୍ଷ ଫେବୃଆରୀରେ ମନୀଷ ସିସୋଡିଆଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଜେଲରେ ଅଛନ୍ତି। ଉକ୍ତ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ମଧ୍ୟ ଗିରଫ କରାଯାଇଛି। ଶୁଣାଣି ସମୟରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଏହାର ଉତ୍ତର ଦାଖଲ କରିବାକୁ ସମୟ ମାଗିଥିଲା। ଏହା ଉପରେ କୋର୍ଟ ମେ ୮ ପର୍ଯ୍ୟନ୍ତ ଇଡିକୁ ସମୟ ଦେଇଥିଲେ। କୋର୍ଟ କହିଛନ୍ତି ଯେ ମେ ୮ ମଧ୍ୟାହ୍ନ ୧୨ ଟା ସୁଦ୍ଧା ଡକ୍ୟୁମେଣ୍ଟ ଯାଞ୍ଚ ସମ୍ବନ୍ଧରେ ଇଡି ଏହାର ଉତ୍ତର ଦାଖଲ କରିପାରିବ। ସୂଚନାଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗତବର୍ଷ ଫେବୃଆରୀ ୨୬ରେ ମନୀଷ ସିସୋଦିଆଙ୍କୁ ଗିରଫ କରିଥିଲା ଇଡି । ସେବେଠାରୁ ସେ ଜେଲରେ ଅଛନ୍ତି । ତେବେ ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ୍ୟ ଗିରଫ କରିଛି ଇଡି ।

ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଆତଙ୍କୀ ନିହତ

ଶ୍ରୀନଗର: ଜମ୍ମୁ-କଶ୍ମୀରରେ ମତଦାନ ସମୟରେ ବାରମୂଳାରେ ସୁରକ୍ଷାବଳ ଓ ଆତଙ୍କବାଦୀ ମୁହାଁମୁହିଁ । ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇ ଜଣ ନିହତ ହୋଇଛନ୍ତି। ସେହିପରି ଗୁଳି ବିନିମୟ ସମୟରେ ଦୁଇ ଜଣ ସୁରକ୍ଷାକର୍ମୀ ଆହତ ମଧ୍ୟ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ବାରମୂଳା ଜିଲ୍ଲାର ସୋପୋର ଅଞ୍ଚଳର ନୌପୋରାର କିଛି ସ୍ଥାନରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୁପ୍ତଚର ସୂତ୍ରରୁ ଖବର ମିଳିବା ପରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା ସୁରକ୍ଷାବଳ । ଏହିସମୟରେ ଉଭୟ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା । ଯେଉଁଥିରେ ଦୁଇ ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି ।

ମୋଦୀଙ୍କୁ ସମାଲୋଚନା କଲେ ବାଘେଲ

ରାୟପୁର: ରାଜନନ୍ଦଗାଓଁରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତରାଧିକାର ଟିକସ ଉପରେ ମନ୍ତବ୍ୟକୁ ଖୋଲାଖୋଲି ସମାଲୋଚନା କରିଛନ୍ତି। ବାଘେଲ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଜଣେ ମିଛ କହୁଥିବା ବ୍ୟକ୍ତି। ଇତିହାସ କିମ୍ବା ନିୟମ ବିଷୟରେ ତାଙ୍କର କୌଣସି ଜ୍ଞାନ ନାହିଁ । ୧୯୭୦ରେ ଇନ୍ଦିରା ଗାନ୍ଧୀ ତାଙ୍କର ସମସ୍ତ ସମ୍ପତ୍ତି ସରକାରଙ୍କୁ ଦାନ କରିଥିଲେ । ସେ ଆନନ୍ଦ ଭବନ ମଧ୍ୟ ଦାନ କରିଥିଲେ। ଆଉ ଏହା ପରେ ବି ସେ ମିଛ କହୁଛନ୍ତି । ୧୦ ବର୍ଷ ମଧ୍ୟରେ ସେ ସ୍ଲୋଗାନ ଦେବା ବ୍ୟତୀତ ଆଉ କିଛି କରିନାହାନ୍ତି। ଜଣେ ମଣିଷର ମୃତ୍ୟୁ ପରେ ଉତ୍ତରାଧିକାରୀ ସମସ୍ତ ସମ୍ପତ୍ତି ନେଇପାରିବେ ନାହିଁ। କଂଗ୍ରେସ ନେତା ସାମ୍ ପିଟ୍ରୋଡା ଆମେରିକାର ଉତ୍ତରାଧିକାରୀ ଟିକସ ବାବଦରେ କହିବାକୁ ଯାଇ ଏପରି କହିଥିଲେ। ଯାହାକୁ ନେଇ ବିବାଦ ତେଜିଛି। ଏହି ପ୍ରସଙ୍ଗରେ ଶାସକ ବିଜେପିର ଆକ୍ରମଣକୁ ଜୋରଦାର କରିବା ପାଇଁ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ମୋଦୀ ଉତ୍ତରାଧିକାରୀ ଟିକସ ଉପରେ ବର୍ଷିଥିଲେ। କଂଗ୍ରେସ ମଣିଷର ମୃତ୍ୟୁ ପରର ସମ୍ପତ୍ତି ଉପରେ ନଜର ରଖିଛି ବୋଲି କହିଥିଲେ। ରାଜନାନ୍ଦଗାଓଁରୁ ନିର୍ବାଚନ ଲଢୁଥିବା ବାଘେଲ ବିଜେପି ପ୍ରାର୍ଥୀ ସନ୍ତୋଷ ପାଣ୍ଡେଙ୍କ ଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛନ୍ତି। ଛତିଶଗଡର ମହାସମୁନ୍ଦ ଓ କାଙ୍କେର ଭଳି ଅନ୍ୟ ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେପି ଓ କଂଗ୍ରେସ ମହାସମୁନ୍ଦରେ ରୂପ କୁମାରୀ ଚୌଧୁରୀ ଓ ତାମ୍ରଧ୍ୱଜ ସାହୁ ଏବଂ କାଙ୍କେରରେ ଭୋଜରାଜ ନାଗ ଓ ବୀରେଶ ଠାକୁରଙ୍କୁ ପ୍ରାର୍ଥୀ କରିଛନ୍ତି।

ସନ୍ଦେଶଖାଲି ମାମଲା

ବଙ୍ଗଳାର ବିଭିନ୍ନ ସ୍ଥାନରେ ସିବିଆଇ ଚଢାଉ

କୋଲକାତା: କନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସି (ସିବିଆଇ) ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାରେ ଶୁକ୍ରବାର ଅନେକ ସ୍ଥାନରେ ଚଢ଼ାଉ କରିଛି। ସୂଚନା ଅନୁସାରେ, ସିବିଆଇ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ତିନୋଟି ଏଫ୍‌ଆଇଆର ରୁଜୁ କରିଛି । ଏହି ମାମଲାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ସିବିଆଇ। ଅସ୍ତ୍ରଶସ୍ତ୍ରର ପୁନରୁଦ୍ଧାର ସହିତ ସିବିଆଇ ନଗଦ ଟଙ୍କା ମଧ୍ୟ ଜବତ କରିଛି । ଏଥିସହ ଅନେକ ଇଲେକ୍ଟ୍ରୋନିକ ଉପକରଣ ଜବତ କରିଛି ଅନୁସନ୍ଧାନକାରୀ ଏଜେନ୍ସି ଟିମ୍। ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ ସମେତ ଦେଶର ଅନେକ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଚାଲିଥିବା ବେଳେ ଅଚାନକ ସିବିଆଇ ଏହି ଚଢାଉ କରିଛି । ସନ୍ଦେଶଖାଲି ମାମଲାରେ ପୂର୍ବରୁ ଅନେକ ଗିରଫ ହୋଇସାରିଛି।

ଅମିତ ଶାହା କଂଗ୍ରେସକୁ ଟାର୍ଗେଟ କଲେ

ନୂଆଦିଲ୍ଲୀ: ଲୋକ ସଭା ନିର୍ବାଚନ ପାଇଁ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ ଦାବି କରିଛନ୍ତି ଯେ କଂଗ୍ରେସ ଘୋଷଣାପତ୍ର ପ୍ରକାଶ ପାଇବା ପରେ ଭାଜପା ପ୍ରତି ଲୋକଙ୍କ ସମର୍ଥନ ପୂର୍ବ ଅପେକ୍ଷା ଅଧିକ ବୃଦ୍ଧି ପାଇଛି। ସେ ପ୍ରଶ୍ନ କରିଛନ୍ତି ଯେ ଯଦି ପର୍ସନାଲ ଲ'କୁ ଆଗକୁ ନିଆଯାଏ, ତେବେ ଦେଶ କେଉଁ ଆଧାରରେ ଚାଲିବ। ଅମିତ ଶାହା କହିଛନ୍ତି, କଂଗ୍ରେସ ପୁଣିଥରେ ଘୋଷଣାପତ୍ରରେ ପୁରୁଣା ଅଭ୍ୟାସକୁ ପୁନରାବୃତ୍ତି କରିଛି। କଂଗ୍ରେସର ମନିଫେଷ୍ଟୋରେ କୁହାଯାଇଛି ଯେ ଆମେ ବ୍ୟକ୍ତିଗତ ଆଇନକୁ ଆଗକୁ ନେବୁ। ମୁଁ ରାହୁଲ ଗାନ୍ଧୀଙ୍କୁ ପ୍ରଶ୍ନ କରିବାକୁ ଚାହୁଁଛି ଯେ ଯଦି ଆପଣ ବ୍ୟକ୍ତିଗତ ଆଇନକୁ ଆଗକୁ ନିଅନ୍ତି, ତେବେ ଦେଶ କେଉଁ ଆଧାରରେ ଚାଲିବ। ଏହି ଦେଶରେ ଆପଣ କେଉଁ ପ୍ରକାର ଧର୍ମନିରପେକ୍ଷ ସମ୍ବିଧାନ ଚାହୁଁଛନ୍ତି। ଧର୍ମ ଆଧାରରେ ଦେଶରେ ଆଇନ ତିଆରି ହୋଇପାରିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ଭାଜପା ଏହାର ମନିଫେଷ୍ଟୋରେ କହିଛି ଯେ ଏହା ୟୁନିଫର୍ମ ସିଭିଲ କୋର୍ଡ ଆଣିବ। ସମସ୍ତ ଧର୍ମ ପାଇଁ ଗୋଟିଏ ନିୟମ ରହିବ। ଆମେ ଟ୍ରିପଲ ତାଲାକ ସମାପ୍ତ କଲୁ । ଦେଶ କୌଣସି ଧର୍ମର ନିୟମ ଅନୁଯାୟୀ ଚାଲିବ ନାହିଁ। ଏହି ଲୋକ ସଭା ନିର୍ବାଚନରେ ଭାଜପା ଜିତିବ। ମୋର ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ରହିଛି ଯେ ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ।

ବାଣିଜ୍ୟ

ୱାଶିଂଟନ୍: ଇରାନ ପାଇଁ କାମ କରୁଥିବା ଅଭିଯୋଗରେ ଦଶହଜାର କମ୍ପାନୀ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇଛି। ଏହି କମ୍ପାନୀଗୁଡିକ ମଧ୍ୟରୁ କେତେକ ମଧ୍ୟ ଭାରତର। ସେମାନଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ ସମସ୍ତେ ଇରାନ ସେନା ପାଇଁ କାମ କରୁଥିଲେ। ଏହି କମ୍ପାନୀଗୁଡିକ ଆମେରିକାରେ ବେଆଇନ ବାଣିଜ୍ୟ ଏବଂ ସ୍ଥାନାନ୍ତର କରିବାରେ ଇରାନକୁ ସାହାଯ୍ୟ କରୁଥିଲେ। ଯେଉଁ କମ୍ପାନୀ ଉପରେ ପ୍ରତିବନ୍ଧ ଲଗାଯାଇଛି। ସେଥିରେ କିଛି କମ୍ପାନୀ ଭାରତରରରର ରହିଛି। ଏପ୍ରିଲ ୨୫ରେ ଆମେରିକା ଏହି ପଦକ୍ଷେପ ନେଇଛି। ଆମେରିକାର ଟ୍ରେଜେରୀ ବିଭାଗ କହିଛି ଯେ ୟୁକ୍ରେନକୁ ଇରାନର ମାନବ ବିହୀନ ବିମାନ ଯାନର ଗୁପ୍ତ ବିକ୍ରିକୁ ସୁଗମ ତଥା ଆର୍ଥିକ ସହାୟତା କରିବାରେ ଏହି କମ୍ପାନୀଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅଭିଯୋଗ ହୋଇଛି ଯେ ଏହି କାର୍ଯ୍ୟ ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ସଶସ୍ତ୍ର ବାହିନୀ ଲଜିଷ୍ଟିକ୍ସ ପାଇଁ କରାଯାଇଛି, ଯାହା ନିଜେ ଇସଲାମିକ ବିପ୍ଳବୀ ଗାର୍ଡ କର୍ପସ ଏବଂ ୟୁକ୍ରେନରେ ରୁଷିଆର ଯୁଦ୍ଧକୁ ସମର୍ଥନ କରେ।

ଆରଏସ୍‌ପିର ଉତ୍ପାଦକତାରେ ଉଲ୍ଲେଖନୀୟ ସଫଳତା

ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସେବା ବିଭାଗ, ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରି ଅତ୍ୟାଧୁନିକ ଅଭିନବ କୌଶଳ ଅବଲମ୍ବନ ପୂର୍ବକ କାରଖାନାର ଉତ୍ପାଦକତାରେ ଉନ୍ନତି ଆଣିବାରେ ସହାୟକ ହୋଇଛି । ରିଫ୍ରାକ୍ଟୋରୀ ଲାଇନିଙ୍ଗ ବିଶିଷ୍ଟ ଫର୍ଣ୍ଣେସ ଓ କିଲ୍ନର ରିଫ୍ରାକ୍ଟୋରୀ ସ୍ଥାପନା ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ବହନ କରୁଥିବା ଏହି ବିଭାଗ ଗତ ଆର୍ଥିକ ବର୍ଷରେ ଚିତ୍ତାକର୍ଷକ ପ୍ରଦର୍ଶନ କରିଛି। ୨୦୨୪ ମାର୍ଚ୍ଚ ମାସରେ ଆରଏଚଓବି ୟୁନି

ନୂଆଦିଲ୍ଲୀ: ରାଫେଲ ନାଡ଼ାଲ ମାଡ୍ରିଡ୍ ଓପନରେ ବିଜୟ ଲାଭ କରିବା ସହିତ ୧୬ବର୍ଷୀୟା ୱାଇଲ୍ଡ କାର୍ଡ଼ ଡର୍ଭିନ୍ ଗ୍ଲେଞ୍ଜଙ୍କୁ ୬୪ ମିନିଟ୍‌ରେ ୬-୧, ୬-୦ରେ ହରାଇଛନ୍ତି। ମାଡ୍ରିଡ୍‌ରେ ପାଞ୍ଚଥର ଚମ୍ପିଆନ୍ ନାଡ଼ାଲ କାର୍ଲୋ ମେଗିକୋ ମାଡ୍ରିଡ୍‌ର ପାଞ୍ଚ ଥର ଚମ୍ପିଅନ୍ ହୋଇଥିବା ନାଡାଲ୍ କାର୍ଲୋ ମ୍ୟାଗିକାରେ ସର୍ବାଧିକ ଜିତିଛନ୍ତି (୫୭), ଯେଉଁଠାରେ ଘରୋଇ ପ୍ରିୟ ୨୦୦୮ ରେ ଗାଇଟଲ୍ ଜିତିଥିଲେ ଏବଂ ନିକଟରେ ୨୦୧୭ ରେ । ଏଟିପି ପରିସଂଖ୍ୟାନ ଅନୁଯାୟୀ, ଏଟିପି ମାଷ୍ଟର୍ସ ୧୦୦୦ ସ୍ତରରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ସର୍ବ ବୃହତ ବୟସ ପାର୍ଥକ୍ୟ (୨୧ ବର୍ଷ, ୧୧୭ ଦିନ) ରହିଥିଲା, ନାଡାଲ ତାଙ୍କ ରିଟର୍ନ ପଏଣ୍ଟର ୫୯ ପ୍ରତିଶତ ଜିତିଥିଲେ ଏବଂ ତାଙ୍କ ସେବାରେ ସେ ଗୋଟିଏ ବି ବ୍ରେକ ପଏଣ୍ଟ ସାମ୍ନା କରିନଥିଲେ । ନାଡାଲ କହିଛନ୍ତି, 'ସେ ଜଣେ ଯୁବ ଖେଳାଳି, ମୁଁ ଭାବୁଛି ତାଙ୍କା ସାମ୍ନାରେ ତାଙ୍କର ବହୁତ ଭଲ ଭବିଷ୍ୟତ ଅଛି। ତାଙ୍କର ବହୁତ ଶକ୍ତିଶାଳୀ ସଟ୍ ଅଛି, କିନ୍ତୁ ମୁଁ ଭାବୁଛି ତାଙ୍କର ସ୍ଥିରତା ନାହିଁ। ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି। ମାଡ୍ରିଡ୍‌ରେ ନିଜର ୨୦ ତମ ପ୍ରଦର୍ଶନ କରୁଥିବା ନାଡାଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଦଶମ ସିଡ୍ ଆଲେକ୍ସ ଡି ମିନ ରଙ୍କ ବିପକ୍ଷରେ ଖେଳିବେ, ଯାହାଙ୍କୁ ସେ ଏକ ସପ୍ତାହ ପୂର୍ବରୁ ବାର୍ସିଲୋନା ମାଟିରେ ସାମ୍ନା କରିଥିଲେ। 'ଗତ ସପ୍ତାହରେ ଏହା ଘଟିବା ଅନୁଚିତ ଥିଲା ଏବଂ ଏହି ସପ୍ତାହରେ ମୁଁ ନିଶ୍ଚିତ ଯେ ଏହା ଅଧିକ କଷ୍ଟସାଧ୍ୟ ହେବ। କିନ୍ତୁ ମୁଁ ପୁନର୍ବାର ଖେଳିବାର ସୁଯୋଗ ପାଇବି। ବର୍ତ୍ତମାନ ଯାହା ଆସୁଛି ତାହା ଏକ ଉପହାର, ତେଣୁ ମୁଁ ପୁଣି ଖୁସି ଅଟେ।' ନାଡାଲ କହିଛନ୍ତି ଯେ ମୁଁ ଟେନିସ୍ କୋର୍ଟରେ ରହିବାକୁ ଉତ୍ସାହିତ ଅଛି ଏବଂ ଯଥା ସମ୍ଭବ ପ୍ରଦର୍ଶନ କରିବି।

ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ମ୍ୟାଚ୍

ଟିମ୍ ଇଣ୍ଡିଆର ପାକିସ୍ତାନ ଗସ୍ତ ବାତିଲ

ନୂଆଦିଲ୍ଲୀ: ଜାରି ରହିଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) । ଏହା ପରେ ଖେଳାଯିବ ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପ୍ । ଆଉ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ରେ ଖେଳାଯିବ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍। ଭାରତରେ ନିକଟରେ ଶେଷ ହୋଇଥିଲା ଦିନିକିଆ ବିଶ୍ୱକପ୍। ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ପରାସ୍ତ ହୋଇ ଟ୍ରଫି ହାତ ଛଡା କରିଥିଲା ଭାରତ। ବଡ କଥା ହେଉଛି ୨୦୨୫ରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପାକିସ୍ତାନରେ ଖେଳାଯିବ। କିନ୍ତୁ ରୋଚକପୂର୍ଣ୍ଣ କଥା ହେଉଛି ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଯିବ ନାହିଁ। ଏପରିକି ଯିବାର ସମ୍ଭାବନା ବି ଆଦୌ ନାହିଁ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶେଷ ମୁକାବିଲା ୨୦୨୩ରେ ଖେଳାଯାଇଥିବା ଓଡିଆଇ ବିଶ୍ୱକପରେ ହୋଇଥିଲା । ଯାହା ଭାରତ ଦ୍ୱାରା ଆୟୋଜିତ ହୋଇଥିଲା । ବର୍ତ୍ତମାନ ଉଭୟଙ୍କ ପରବର୍ତ୍ତୀ ମୁକାବିଲା ଟି -୨୦ ବିଶ୍ୱକପ ୨୦୨୪ରେ ହେବ । କିନ୍ତୁ ଏହାପୂର୍ବରୁ ଏକ ବଡ ଖବର ଆସିଛି। ଯେଉଁଥିରେ ପ୍ରକାଶ ପାଇଛି ଯେ ୨୦୨୫ ମସିହାରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବ ନାହିଁ। ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ କରୁଛି । ଏହା ପୂର୍ବରୁ ଏସିଆ କପ୍ ୨୦୨୩ ମଧ୍ୟ ପାକିସ୍ତାନରେ ଆୟୋଜିତ ହୋଇଥିଲା। କିନ୍ତୁ ଟିମ୍ ଇଣ୍ଡିଆ ଯିବାକୁ ସିଧାସଳଖ ମନା କରିଦେଇଥିଲା। ତେଣୁ ହାଇବ୍ରିଡ୍ ମଡେଲ୍ ଅଧୀନରେ ଶ୍ରୀଲଙ୍କାରେ ଖେଳାଯାଇଥିଲା ମ୍ୟାଚ୍ । ଭାରତୀୟ ଦଳ ଏସିଆ କପ୍ ପାଇଁ ପାକିସ୍ତାନ ଗସ୍ତ କରି ନାହିଁ। ସୁରକ୍ଷା କାରଣ ଦର୍ଶାଇ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫି ବିଷୟରେ ବିସିସିଆଇ ସୂତ୍ରରୁ ଖବର ଆସିଛି କି, ୨୦୨୫ରେ ପାକିସ୍ତାନରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବ ନାହିଁ । ୨୦୨୩ ଭଳି ସ୍ଥାନ ପରିବର୍ତ୍ତନ କରାଯାଇ ହାଇବ୍ରିଡ୍ ମଡେଲ୍ ଅନୁଯାୟୀ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳାଯିବ । ୟୁଏଇ ଓ ଶ୍ରୀଲଙ୍କାରେ ଖେଳାଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ ପାକିସ୍ତାନ କ୍ରିକେଟ୍ ଦଳ ଓଡିଆଇ ବିଶ୍ୱକପ ୨୦୨୩ ପାଇଁ ଭାରତ ଗସ୍ତ କରିଥିଲା। ତେବେ ବିଶ୍ୱକପ ପାଇଁ ଭାରତ ଆସିବା ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ଅନେକ ଦାବି କରିଥିଲା । ଏପରିକି କୁହାଯାଇଥିଲା ଯେ ଯଦି ଟିମ୍ ଇଣ୍ଡିଆ ଏସିଆ କପ୍ ପାଇଁ ପାକିସ୍ତାନ ଗସ୍ତ ନକରେ ତେବେ ପାକିସ୍ତାନ ମଧ୍ୟ ବିଶ୍ୱକପ ପାଇଁ ଭାରତ ଆସିବ ନାହିଁ । ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବାକୁ ଭାରତ ମନା କରୁଥିବାରୁ ନିଷ୍ପତ୍ତି କଣ ହେବ ତାହା ରୋଚକ ହେବ ନିହାତି । ଯଦି ଟିମ୍ ଇଣ୍ଡିଆ ଏହି ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ନଯାଏ ତେବେ ହାଇବ୍ରିଡ ମଡେଲ ଲାଗୁ ହେବ କିମ୍ବା ଭାରତ ଏସିଆ କପ୍‌ରୁ ବିରତ ରହିବ ତାହା ଦେଖିବାକୁ ବାକି ରହିଲା ।

ଆଇପିଏଲ୍-୪୨ତମ ମ୍ୟାଚ୍

କୋଲକାତା ନାଇଟ୍ ରାଇଡର୍ସକୁ ୮ ୱିକେଟରେ ପରାସ୍ତ କଲା ପଞ୍ଜାବ କିଙ୍ଗ୍ସ

କୋଲକାତା : କୋଲକାତାର ଇଡେନ ଗାଡେନ୍ସଠାରେ ଚାଲିଥିବା ଆଇପିଏଲ-୨୦୨୪ର ୪୨ମ ମ୍ୟାଚ ପଞ୍ଜାବ କିଙ୍ଗସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ୮ ୱିକେଟରେ ପରାସ୍ତ କଲା ପଞ୍ଜାବ କିଙ୍ଗ୍ସ। ପଞ୍ଜାବ କିଙ୍ଗସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । କୋଲକାତା ପକ୍ଷରୁ ଦୁଇ ଓପନର ଫିଲିପ ସଲ୍ଟ ଓ ସୁନୀଲ ନାରାୟଣ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ଏକ ବଡ଼ ପାର୍ଟନରସିପ କରିଥିଲେ। ଉଭୟ ପ୍ରଥମ ୱିକେଟ ଯୋଡ଼ିରେ ୧୩୮ ରନ କରିଥିଲେ। ସଲ୍ଟ ୭୫ ରନ କରିଥିବାବେଳେ ନାରାୟଣ ୭୧ ରନ କରିଥିଲେ । ଭେଙ୍କଟେଶ ଆୟର ୩୯ ରନ କରିଥିବା ବେଳେ ଆନ୍ଦ୍ରେ ରସେଲ୍ ୨୪ରନ ଓ ଶ୍ରେୟସ ଆୟର ୨୮ ରନ କରିଥିଲେ । ରିଙ୍କୁ ସିଂ ୫ ରନ କରିଥିଲେ। କେକେଆର ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୬୧ ରନ କରିଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୨ଟି ୱିକେଟ୍ ନେଇଥିବାବେଳେ ସାମ କୁରାନ, ହର୍ଷଲ ପଟେଲ ଓ ରାହୁଲ ଚହର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଏହି ବିଶାଳ ରନ୍‌କୁ ଦୃଷ୍ଟିରେ ରଖି ପଡିଆକୁ ଓହ୍ଲାଇଥିଲା ପଞ୍ଜାବ କିଙ୍ଗସ। ଦୁଇ ଓପନର ପ୍ରଭସିମରନ ସିଂ ଓ ଜୋନ୍ ବେରିଷ୍ଟୋ ଧୂଆଁଧାର ବ୍ୟାଟିଂ କରିଥିଲେ। ପ୍ରଭିସିମରନ ୫ଛକା, ୪ଚୌକା ବଳରେ ୨୦ବଲରେ ୫୪ରନ୍ କରିଥିବା ବେଳେ ଜୋନ ବେରିଷ୍ଟୋ ୯ଛକା, ୮ଚୌକା ବଳରେ ୪୮ ବଲରୁ ୧୦୮ରନ୍ କରିଥିଲେ। ସେହିପରି ରିଲେ ରୋଷୋଭୋ ୨ଛକା, ୧ଚୌକା ବଳରେ ୧୬ବଲରେ ୨୬ରନ୍ କରିଥିଲେ। ଶଶାଙ୍କ ସିଂ ୮ଛକା, ୨ଚୌକା ସହାୟତାରେ ୨୮ବଲରୁ ୬୮ ରନ୍ କରିଥିଲେ। ଫଳରେ ୧୮.୪ ଓଭରରେ ୨ୱିକେଟ ହରାଇ ପଞ୍ଜାବ କିଙ୍ଗସ ୨୬୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

ଦିଲ୍ଲୀ କ୍ୟାପିଟାଲ୍ସରେ ଗୁଲବଦିନ୍ ନାଏବ୍

ନୂଆଦିଲ୍ଲୀ: ଚଳିତ ଆଇପିଏଲ୍ ସିଜନ୍‌ର ବାକି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଆହତ ମିଚେଲ୍ ମାର୍ଶଙ୍କ ବଦଳ ଖେଳାଳି ଭାବେ ଆଫଗାନ୍ ଅଲ୍‌ରାଉଣ୍ଡର୍ ଗୁଲବଦିନ୍ ନାଏବ୍‌ଙ୍କୁ ଟିମ୍‌ରେ ସାମିଲ କରିଛି । ମିଡିୟସ୍ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ନାଏବଙ୍କୁ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ନିଜ ସହ ସାମିଲ କରିଛି । ଏହା ତାଙ୍କର ପ୍ରଥମ ଆଇପିଏଲ୍ ହେବ । ଆଫଗାନିସ୍ତାନ ଟିମ୍‌ର ନେତୃତ୍ୱ ନେଇସାରିଥିବା ନାଏବ୍ ଜାତୀୟ ଟିମ୍ ପାଇଁ ୮୨ ଦିନିକିଆ ଏବଂ ୬୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଚଳିତ ବର୍ଷ ଜାନୁଆରୀରେ ଭାରତ ବିପକ୍ଷ ଟି-୨୦ ସିରିଜ୍‌ରେ ନାଏବ୍ ପ୍ରଭାବଶାଳୀ ପ୍ରଦର୍ଶନ କରି ଇନ୍ଦୋର ଏବଂ ବେଙ୍ଗାଲୁରୁରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ।

ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବିସ୍‌ମାହ ମାରୁଫ୍‌ଙ୍କ ସନ୍ନ୍ୟାସ

ନୂଆଦିଲ୍ଲୀ: ପାକିସ୍ତାନ ମହିଳା କ୍ରିକେଟ୍ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ୍ ବିସ୍‌ମାହ ମାରୁଫ୍ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି । ତାଙ୍କର ଅଚାନକ ସନ୍ନ୍ୟାସ ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ପାକିସ୍ତାନ ପାଇଁ ଦିନିକିଆ ଏବଂ ଟି-୨୦ କ୍ରିକେଟ୍ ଖେଳୁଥିବା ବିସ୍‌ମାହ କିଛିଦିନ ତଳେ କ୍ୟାପ୍‌ଟେନ୍ ପଦ ଛାଡ଼ିବା ନିଷ୍ପତ୍ତି ନେଇଥିଲେ । ଏବେ ସେ ସନ୍ନ୍ୟାସ ନିଷ୍ପତ୍ତି ଶୁଣାଇଛି । ସନ୍ନ୍ୟାସକୁ ନେଇ ବିସ୍‌ମାହ ଇନ୍‌ଷ୍ଟାଗ୍ରାମ୍‌ରେ ଭାବବିହ୍ୱଳ ପୋଷ୍ଟରେ ଲେଖିଛନ୍ତି- '୧୭ ବର୍ଷ ଧରି କ୍ରିକେଟ୍ ମୋ ପାଇଁ କେବଳ କେବଳ ଏକ ଖେଳ ନଥିଲା ବରଂ ଏକ ଆବେଗ ଥିଲା । ଏକ ସ୍ୱପ୍ନ ଏବଂ ଅସୀମିତ ବିକାଶର ଏକ ଯାତ୍ରା ପୂରଣ ପୂରଣ ହୋଇଛି। ଭାବବିହ୍ୱଳ ସହ ମୁଁ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନର ପ୍ରତିନିଧିତ୍ୱର ଉତ୍ତମ ଯାତ୍ରାକୁ ଅଲ୍‌ବିଦା କହୁଛି ।' ବିସ୍‌ମାହ ମାରୁଫ୍ ଦିନିକିଆ ଏବଂ ଟି-୨୦ରେ ପାକିସ୍ତାନ ଟିମ୍‌ର ନେତୃତ୍ୱ ନେଇଥିଲେ । ସେ ୩୪ ଦିନିକିଆ ମ୍ୟାଚ୍‌ରେ ପାକିସ୍ତାନ ମହିଳା ଟିମ୍‌ର ନେତୃତ୍ୱ ନେଇଥିଲେ । ଏହା ବ୍ୟତୀତ ୬୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କ୍ୟାପ୍‌ଟେନ୍ ଥିଲେ। କ୍ୟାପ୍‌ଟେନ୍ ଅବସରରେ ଦିନିକିଆର ୩୨ ଇନିଂସ୍‌ରେ ବ୍ୟାଟିଂ କରି ସେ ୪୪.୩୨ ଆଭରେଜ୍‌ରେ ୧୧୦୮ ରନ୍ ସଂଗ୍ରହ କରିଥିଲେ । ସେହିପରି ଟି-୨୦ ଅନ୍ତର୍ଜାତୀୟର ୬୦ ଇନିଂସ୍‌ରେ ୨୭.୨୯ ଆଭରେଜ୍ ଏବଂ ୯୮.୧୨ ଷ୍ଟ୍ରାଇକ୍ ରେଟ୍‌ରେ ୧୩୧୦ ରନ୍ କରିଥିଲେ। ୨୦୦୬ରୁ ୨୦୨୪ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ୟାରିୟରରେ ବିସ୍‌ମାହ ମୋଟ ୧୩୬ ଦିନିକିଆ ଏବଂ ୧୪୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଦିନିକିଆର ୧୩୨ ଇନିଂସ୍‌ରେ ୨୯.୫୫ ଆଭରେଜ୍ ସେ ୩୩୬୯ ରନ୍ କରିଛନ୍ତି । ଏହା ମଧ୍ୟରେ ୨୧ ଅର୍ଦ୍ଧଶତକ ସାମିଲ । ଏହା ବ୍ୟତୀତ ଟି-୨୦ ଅନ୍ତର୍ଜାତୀୟର ୧୩୪ ଇନିଂସ୍‌ରେ ସେ ୨୭.୫୫ ଆଭରେଜ୍ ଏବଂ ୯୧.୩୪ ଷ୍ଟ୍ରାଇକ୍ ରେଟ୍‌ରେ ୧୨ ଅର୍ଦ୍ଧଶତକ ସହ ୨୮୯୩ ରନ୍ କରିଛନ୍ତି । ଉଲ୍ଲେଖଯୋଗ୍ୟ, ବିସ୍‌ମାହ ୨୦୦୬ରେ ଭାରତ ବିପକ୍ଷ ଦିନିକିଆ ମ୍ୟାଚ୍ ଜରିଆରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ଏହି ମ୍ୟାଚ୍ ଜୟପୁରରେ ଖେଳାଯାଇଥିଲା ।

ବିମାନ ବନ୍ଦରରେ ଗୁକେଶଙ୍କୁ ଭବ୍ୟ ସ୍ୱାଗତ

ଚେନ୍ନାଇ: କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟରେ ଐତିହାସିକ ବିଜୟ ପରେ ସ୍ୱଦେଶ ଫେରିଥିବା ଯୁବ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶଙ୍କୁ ଚେନ୍ନାଇ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଟରଣ୍ଟୋରେ ଆୟୋଜିତ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ଜିତିବାରେ ଗୁକେଶ ସର୍ବକନିଷ୍ଠ ଖେଳାଳି ଅଟନ୍ତି। ଗୁକେଶ ଗୁରୁବାର ଚେନ୍ନାଇ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କ ସ୍କୁଲ୍ (ଭେଲାମଲ ବିଦ୍ୟାଳୟ)ର ଶତାଧିକ ଛାତ୍ରଙ୍କ ସମେତ ଉପସ୍ଥିତ ବହୁ ସଂଖ୍ୟକ ପ୍ରଶଂସକ ତାଙ୍କୁ ସ୍ୱାଗତ କରିଛନ୍ତି। ବାହାରକୁ ବାହାରିବା ପରେ ପ୍ରଶଂସକଙ୍କ ଗହଣରେ ଥିବା ମା'ଙ୍କୁ ଦେଖିବା ମାତ୍ରେ ତାଙ୍କ ମୁହଁରେ ସ୍ମିତହାସ୍ୟ ଦେଖିବାକୁ ମିଳିଥିଲା । ଏହାପରେ ସେ ମା'ଙ୍କୁ ଆଲିଙ୍ଗନ କରିଥିଲେ। ଘରକୁ ଫେରି ସେ ବହୁ ଖୁସିଥିବା ବିମାନ ବନ୍ଦର ବାହାରେ ମିଡିଆ ସହିତ କଥାବାର୍ତ୍ତା ବେଳେ ଗୁକେଶ କହିଥିଲେ । ସେ କହିଥିଲେ ଏହା ଏକ ବିଶେଷ ଉପଲବ୍ଧି । ମୁଁ ପ୍ରଥମରୁ ଉନ୍ନତ ସ୍ଥିତିରେ ଥିଲି ଏବଂ ଟୁର୍ଣ୍ଣାମେଣ୍ଟ ଜିତିବି ବୋଲି ମୋର ଭରସା ଥିଲା । ଏହା ସହିତ ଭାଗ୍ୟ ମୋର ସାଥି ମଧ୍ୟ ଦେଇଛି ବୋଲି ସେ କହିଛନ୍ତି । ଲୋକମାନେ ଚେସ୍‌କୁ ପସନ୍ଦ କରୁଛନ୍ତି ଏହା ଦେଖି ଖୁସି ଲାଗୁଛି ବୋଲି କହିବା ସହ ଟୁର୍ଣ୍ଣାମେଣ୍ଟ ଜିତିବାରେ ବହୁ ସହଯୋଗ କରିଥିବା ତାମିଲନାଡୁ ସରକାର, ମା', ପିତା, କୋଚ୍, ବନ୍ଧୁ, ପରିବାର, ପ୍ରାୟୋଜକ ଏବଂ ସ୍କୁଲକୁ ଧନ୍ୟବାଦ ଜଣାଇଥିଲେ । ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ଜିତି ଗୁକେଶ ରୁଷର ମହାନ୍ ଚେସ୍ ଖେଳାଳି ଗ୍ୟାରୀ କାସ୍ପାରୋଭ୍‌ଙ୍କ ୪୦ ବର୍ଷର ରେକର୍ଡ ଭଙ୍ଗ କରିଛନ୍ତି । ସେହିପରି ସେ ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଜିତିବାରେ ବିଶ୍ୱନାଥନ୍ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ଏହି ବିଜୟ ସହିତ ଗୁକେଶ ବର୍ଷ ଶେଷରେ ହେବାକୁ ଥିବା ମ୍ୟାଚ୍‌ରେ ବର୍ତ୍ତମାନର ଚାମ୍ପିଅନ୍ ଚୀନ୍‌ର ଡିଙ୍ଗ ଲିରେନ୍‌ଙ୍କୁ ଚ୍ୟାଲେଞ୍ଜ୍ କରିବେ ।

ଟି-୨୦ ବିଶ୍ୱକପ୍ ପାଇଁ ମଞ୍ଜରେକର ଚୟନ କଲେ ଭାରତୀୟ ଦଳ

ନୂଆଦିଲ୍ଲୀ: ଆସନ୍ତା ସପ୍ତାହରେ ଟି-୨୦ ବିଶ୍ୱକପ ୨୦୨୪ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ। ଏହାପୂର୍ବରୁ କ୍ରିକେଟ୍ ପଣ୍ଡିତମାନେ ନିଜ ନିଜ ଦଳ ଚୟନ କରୁଛନ୍ତି। ଏହି କ୍ରମରେ ପୂର୍ବତନ କ୍ରିକେଟର ସଞ୍ଜୟ ମଞ୍ଜରେକର ମଧ୍ୟ ଆଇସିସିର ଏହି ମେଗା ଇଭେଣ୍ଟ ପାଇଁ ୧୫ ଜଣିଆ ଖେଳାଳିଙ୍କ ଭାରତୀୟ ଦଳ ଚୟନ କରିଛନ୍ତି। ସେ ବିରାଟ କୋହଲି କିମ୍ବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ

ଶିବମ ଦୁବେଙ୍କୁ ତାଙ୍କ ଦଳରେ ସାମିଲ କରିନାହାଁନ୍ତି। ଏହା ବ୍ୟତୀତ ସେ ରିଙ୍କୁ ସିଂଙ୍କୁ ଫିନିସର୍ ଭାବରେ ଚୟନ କରିନାହାଁନ୍ତି। ସଞ୍ଜୟ ମଞ୍ଜରେକରଙ୍କ ଏହି ଦଳରେ ଦୁଇ ଜଣ ଅନ୍ କ୍ୟାପ୍ ଭାରତୀୟ ଖେଳାଳି ମଧ୍ୟ ସାମିଲ ହୋଇଛନ୍ତି। ରୋହିତ ଶର୍ମାଙ୍କ ବ୍ୟତୀତ ସଞ୍ଜୟ ମଞ୍ଜରେକର ଭାରତୀୟ ଟି-୨୦ ବିଶ୍ୱକପ ଦଳରେ ବ୍ୟାଟ୍ସମ୍ୟାନ୍ ଭାବେ ଯଶସ୍ୱୀ ଜୈସୱାଲ, ସଞ୍ଜୁ ସାମସନ୍, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ ଏବଂ କେ.ଏଲ୍ ରାହୁଲଙ୍କୁ ମନୋନୀତ କରିଛନ୍ତି। ତାଙ୍କ ଦଳରେ ଏକମାତ୍ର ଅଲରାଉଣ୍ଡର ହେଉଛନ୍ତି ରବିନ୍ଦ୍ର ଜାଡେଜା। ଦ୍ୱିତୀୟ ଅଲରାଉଣ୍ଡରଙ୍କ ପାଇଁ କୁନାଲ ପାଣ୍ଡ୍ୟାଙ୍କୁ ଏକ ବିକଳ୍ପ ଭାବରେ ଦେଖା ଯାଇପାରେ। ଆଶ୍ଚର୍ଯ୍ୟର କଥା ହେଉଛି, ମଞ୍ଜରେକର ଏହି ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କିମ୍ବା ଆଇପିଏଲର ଏହି ସିଜନରେ ବ୍ୟାଟ୍ ସହ ହଇଚଇ ସୃଷ୍ଟି କରୁଥିବା ଶିବମ୍ ଦୁବେଙ୍କୁ ଚୟନ କରି ନାହାଁନ୍ତି। ସଞ୍ଜୟ ମଞ୍ଜରେକର ତାଙ୍କ ଦଳରେ ୭ ଜଣ ବୋଲରଙ୍କୁ ଚୟନ କରିଛନ୍ତି, ସେମାନଙ୍କ ମଧ୍ୟରେ ଦୁଇଜଣ ଅନ୍ କ୍ୟାପ୍ ଖେଳାଳି ଅଛନ୍ତି।ମଞ୍ଜରେକରଙ୍କ ଦଳରେ ଜସପ୍ରୀତ ବୁମ୍ରାଙ୍କ ସହ ମହମ୍ମଦ ସିରାଜ, ଆବେଶ ଖାନ, ହର୍ଷିତ ରାଣା ଓ ମୟଙ୍କ ଯାଦବଙ୍କ ଭଳି ୪ ଦ୍ରୁତ ବୋଲର ଅଛନ୍ତି। ରବିନ୍ଦ୍ର ଜାଡେଜା ଓ କୁନାଲ ପାଣ୍ଡ୍ୟାଙ୍କ ବ୍ୟତୀତ କୁଲଚା ଯଥା କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ସ୍ପିନର ଭାବରେ ଅଛନ୍ତି। ସଞ୍ଜୟ ମଞ୍ଜରେକରଙ୍କ ଏହି ଦଳ ଟିକିଏ ଅଜବ, ଯେଉଁଥିପାଇଁ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରାଯାଉଛି। କିଛି ପ୍ରଶଂସକ କହୁଛନ୍ତି ଯେ ଆହତ ହୋଇଥିଲେ ହେଁ ମାତ୍ର ୩ ଟି ମ୍ୟାଚରେ ତାଙ୍କ ପ୍ରଦର୍ଶନ ଆଧାରରେ ଆପଣ ମୟଙ୍କ ଯାଦବଙ୍କୁ କିପରି ଚୟନ କରିଛନ୍ତି। ଏଥି ସହିତ, ସେ

ଗୁଡ଼ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତଙ୍କୁ ଜଣା। ରାତିରେ ଗୁଡ ଖାଇବା ଦ୍ୱାରା କି କି ଉପକାରିତା ମିଳିଥାଏ, ଜାଣନ୍ତୁ...

କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ:- ଅଧିକାଂଶ ଲୋକଙ୍କର କୋଷ୍ଠକାଠିନ୍ୟର ସମସ୍ୟା ଥାଏ, ଏହି ସମସ୍ୟାକୁ ଦୂର କରିବା ପାଇଁ ଗୁଡ଼ ବେଶ ଲାଭଦାୟକ। ଯଦି ପ୍ରତିଦିନ ଶୋଇବା ପୂର୍ବରୁ ଗରମ ପାଣି ସହ ଗୁଡ଼ ଖାଆନ୍ତି, ତେବେ କୋଷ୍ଠକାଠିନ୍ୟ ଦୂର ହୋଇପାରେ। ଏହା ବ୍ୟତୀତ ଅମ୍ଳତା ଦୂର ପାଇଁ ଗରମ ପାଣିରେ ଗୁଡ଼ ମିଶାଇ ପିଇପାରିବେ।

ଭଲ ନିଦ ହୋଇଥାଏ:- ଅଧିକାଂଶ ଲୋକ ବିଭିନ୍ନ କାରଣରୁ ରାତିରେ ଠିକରେ ଶୋଇପାରନ୍ତି ନାହିଁ। ଏପରି ସମସ୍ୟା ଥିଲେ ଗୁଡ଼ ଖାଇବା ଲାଭଦାୟକ। ନିଦ୍ରାହୀନତା ସମସ୍ୟା ଦୂର କରିବା ପାଇଁ ଶୋଇବା ପୂର୍ବରୁ ଗରମ ପାଣିରେ ଗୁଡ଼ ମିଶାଇ ପିଅନ୍ତୁ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି:- ଗୁଡ଼ ଖାଇବା ଦ୍ୱାରା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ସମସ୍ୟା ଦୂର ହୋଇଥାଏ। ମ୍ୟାଗ୍ନେସିୟମ୍, ଆଇରନ୍, ପୋଟାସିୟମ୍ ଏବଂ ଅନେକ ଭିଟାମିନ୍ ଗୁଡ଼ରୁ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ଗଳା ସମସ୍ୟା:- ଯଦି କାଶ, ଗଳା ଯନ୍ତ୍ରଣା କିମ୍ବା ଗଳାରେ କୁଣ୍ଢେଇ ହେବା ପରି ଅନୁଭୂତ ହେଉଛି, ତେବେ ଗୁଡ଼ ଖାଇବା ଲାଭଦାୟକ ହୋଇପାରେ। ଅଦା ସହିତ ଗୁଡ଼କୁ ଗରମ କରି ଖାଇବା ଦ୍ୱାରା ଗଳା ଯନ୍ତ୍ରଣା, କାଶ କିମ୍ବା କୁଣ୍ଢେଇ ହେବା ସମସ୍ୟାରୁ ମୁକ୍ତି ମିଳିଥାଏ।

ଏକାଠି ନଜର ଆସିବେ ଜାହ୍ନବୀ-ଇବ୍ରାହିମ୍

ସୈଫ୍ ଅଲ୍ଲୀ ଖାନ୍‌ଙ୍କ ପୁଅ ଇବ୍ରାହିମ୍ ଅଲ୍ଲୀ ଖାନ୍‌ଙ୍କ ବଲିଉଡ୍ ଡେବ୍ୟୁକୁ ନେଇ ଚର୍ଚ୍ଚା ଲାଗି ରହିଛି। ଇତିମଧ୍ୟରେ ଇବ୍ରାହିମ୍‌ଙ୍କୁ ନେଇ ଏକ ଖବର ଆସିଛି। ଇବ୍ରାହିମ୍ ତାଙ୍କର ଦ୍ୱିତୀୟ ଫିଲ୍ମରେ ଜାହ୍ନବୀ କପୁରଙ୍କ ସହ ନଜର ଆସିବେ। ନିକଟରେ ଇବ୍ରାହିମ୍ ଓ ଜାହ୍ନବୀ ଏହି ରୋମାଣ୍ଟିକ୍ କମେଡି ଫିଲ୍ମ ସାଇନ୍ କରିଛନ୍ତି। ତେବେ ଏଥିରେ ଇବ୍ରାହମ୍‌ଙ୍କ ସହ ଦୁଇ ଜଣ ଅଭିନେତ୍ରୀ ରହିବେ। ମହିମା ମକୱାନା ମଧ୍ୟ ଏଥିରେ ଲିଡ୍ ରୋଲରେ ଦେଖାଯିବେ। ବହୁତ ଜଲ୍‌ଦି ଫିଲ୍ମର ପ୍ରିପ୍ରଡକ୍ସନ କାମ ଆରମ୍ଭ ହେବ। ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ। ଫିଲ୍ମର ଟାଇଟଲ୍ ଏଯାବତ୍ ଫାଇନାଲ ହୋଇନାହିଁ। ଶଶାଙ୍କ ଖେତାନ ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମଟି ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ହେବ। ତେବେ ଇବ୍ରାହିମ୍ 'ସରଜମିନ୍' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଦେବେ। ଏହା ମଲାୟାଲମ୍ ଫିଲ୍ମ 'ହୃଦୟମ୍'ର ରିମେକ୍। ଏଥିରେ ସେ କାଜଲ୍‌ଙ୍କ ସହ ସ୍କ୍ରିନ୍ ସେୟାର କରିବେ। ଧର୍ମା ପ୍ରଡକ୍ସନ୍ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଇବ୍ରାହିମ୍ ସହ ନିର୍ଦ୍ଦେଶକ ଭାବେ କାମ ମଧ୍ୟ କରିଛନ୍ତି। 'ରକି ଔର ରାନୀ କି ପ୍ରେମ୍ କହାନୀ'ରେ ସେ ସହ ନିର୍ଦ୍ଦେଶକ ଭାବେ କାମ କରିଥିଲେ।

'ଦ କିଙ୍ଗ୍'ରେ କମାଲ୍ ଦେଖାଇବେ ବାପ-ଝିଅ

୨୦୨୩ରେ ବକ୍ସ ଅଫିସ୍‌ରେ ରାଜ୍ କରିବା ପରେ ଚବିଶରେ ସେଇ ଧାରା ବଜାୟ ରଖିବାକୁ ଯୋଜନା ଚଳାଇଛନ୍ତି କିଙ୍ଗ୍ ଖାନ୍ । ତାଙ୍କ ଅପୁମିଙ୍ଗ ପ୍ରୋଜେକ୍ଟ ହେଉଛି 'ଦ କିଙ୍ଗ୍' । ଏହି ଆକ୍ସନ୍-ପ୍ୟାକ୍ଡ ଫିଲ୍ମ ଜରିଆରେ ସିନେ ଦୁନିଆରେ ପ୍ରବେଶ କରିବେ ତାଙ୍କ ଝିଅ ସୁହାନା । ଏହା ପୂର୍ବରୁ ଚର୍ଚ୍ଚା ହେଉଥିଲା, ସୁହାନାଙ୍କ ପ୍ରଥମ ଫିଲ୍ମ 'ଦ କିଙ୍ଗ୍'ରେ ଶାହରୁଖ୍‌ଙ୍କ ଝଲକ୍ ଦେଖିବାକୁ ମିଳିବ । କିନ୍ତୁ ରିପୋର୍ଟ ଅନୁସାରେ, ଫିଲ୍ମରେ ଶାହରୁଖ୍‌ଙ୍କୁ ଲିଡ୍ ରୋଲ୍ ଦେବା ପାଇଁ କାହାଣୀରେ ପରିବର୍ତ୍ତନ ହୋଇଛି । 'କାହାନୀ', 'ବଦ୍ଲା', 'ଜାନେ ଜାନ୍' ଭଳି ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ସୁଜୟ ଘୋଷ 'ଦ କିଙ୍ଗ୍'ର ନିର୍ଦ୍ଦେଶନା ଦାୟିତ୍ୱ ହାତକୁ ନେଇଛନ୍ତି । ଏହାର ଆକ୍ସନ୍ ସିକ୍ୱେନ୍ସକୁ କୋରିଓଗ୍ରାଫ୍ କରିବେ ସିଦ୍ଧାର୍ଥ ଆନନ୍ଦ। 'ପଠାନ୍'ରେ ସେ ଶାହରୁଖ୍‌ଙ୍କ ସହ କାମ କରିଥିଲେ । 'ଦ କିଙ୍ଗ୍'ର ବଜେଟ୍ ୨୦୦ କୋଟି ଆକଳନ କରାଯାଇଛି । କିନ୍ତୁ ଏହାଠୁ ଅଧିକ ଖର୍ଚ୍ଚ ହେବ ବୋଲି ଶୁଣିବାକୁ ମିଳୁଛି । ଫିଲ୍ମରେ ସୁହାନାଙ୍କ ଚରିତ୍ରର ମେଣ୍ଟର୍ ଭୂମିକାରେ ଶାହରୁଖ୍ ନଜର ଆସିବେ । ୧୯୯୪ ମସିହାର ବହୁଚର୍ଚ୍ଚିତ ହଲିଉଡ୍ ଆକ୍ସନ୍ ଫିଲ୍ମ 'ଲିଓନ୍'ଠୁ ଏହା ପ୍ରେରିତ ବୋଲି ଚର୍ଚ୍ଚା ହେଉଛି । ଚଳିତ ବର୍ଷ ଶେଷ ବେଳକୁ ଫିଲ୍ମର ସୁଟିଂ ଆରମ୍ଭ ହେବ । ଆସନ୍ତା ବର୍ଷ ଏହାର ରିଲିଜ୍ ଯୋଜନା ରହିଛି । ସେପଟେ, ଓଟିଟିରେ ମୁକ୍ତିପ୍ରାପ୍ତ ଫିଲ୍ମ 'ଦ ଆର୍ଚିଜ୍' ଜରିଆରେ ଚଳିତ ବର୍ଷ ଅଭିନୟ କ୍ଷେତ୍ରରେ ପ୍ରବେଶ କରିସାରିଛନ୍ତି ସୁହାନା । 'ଦ କିଙ୍ଗ୍' ଜରିଆରେ ସେ ପ୍ରଥମ ଥର ଥିଏଟରରେ ପଦାର୍ପଣ କରିବେ।

ଆଲୋଭେରାର ରହିଛି ଅନେକ ଚମତ୍କାରିତା

ଆଲୋଭେରା ବା ଘିକୁଆଁରୀ ଗଛ ବିଷୟରେ ଆପଣ ମାନେ ନିହାତି ଜାଣିଥିବେ । ଏହି ଗଛ ଆପଣଙ୍କ ଘର, ବାଡି ଆଖପାଖ କୌଣସି ସ୍ଥାନରେ ହୋଇଥିବାର ମଧ୍ୟ ଆପଣ ମାନେ ଦେଖିବାକୁ ପାଇଥିବେ । ଏହି ଆଲୋଭେରାରେ ଭିଟାମିନ ଏ, ସି, ଇ, ବି-୧୨ ଏବଂ ଫଲିକ ଏସିଡ ରହିଥାଏ । ଏଥିରେ କ୍ୟାଲସିୟମ, ପୋଟାସିୟମ ଓ ଜିଙ୍କ ଭଳି ଅନେକ ପୋଷକ ତତ୍ୱ ମଧ୍ୟ ଭରି ହରହିଥାଏ । ତେବେ ଏହି ଆଲୋଭେରାରୁ ଆମେ ଅନେକ କିଛି ଉପର ପାଇପାରିଥାଉ । ତେବେ ଚାଲନ୍ତୁ ଆଲୋଭେରା ଠାରୁ ମିଳୁଥିବା ଉପକାରୀତା ସମ୍ପର୍କରେ ଆଲୋଚନା କରିବା ।

- ଆଲୋଭେରା ବ୍ରଣ ସମସ୍ୟାକୁ ଚେହେରାରୁ ହଟାଇବାରେ ବହୁତ ସାହାଯ୍ୟ କରିଥାଏ । ଆଲୋଭେରାକୁ କିଛି ସମୟ ମୁହଁରେ ଲଗାଇ ତାହାକୁ ଛାଡି ଦିଅନ୍ତୁ । ତାହା କିଛି ସମୟ ପରେ ଶୁଖିଗଲେ, ପାଣି ସାହାଯ୍ୟରେ ନିଜ ମୁହଁକୁ ଧୋଇ ପରିଷ୍କାର କରି ଦିଅନ୍ତୁ । ଏହା ମୁହଁରୁ ବ୍ରଣ, ଦାଗ ହଟାଇବା ସହ ଚେହେରାକୁ ଏକ ପ୍ରାକୃତିକ ଚମକ ଦେଇଥାଏ ।
- ବର୍ତ୍ତମାନର ଯୁବପିଢିମାନଙ୍କର ଆଖି ଜନିତ ଅନେକ କିଛି ସମସ୍ୟା ଦେଖାଯାଉଛି । ତେଣୁ ୨ ଚାମଚ ଆଲୋଭେରା ଜେଲ୍ ସହ ୧ ଗ୍ଲାସ ପାଣି ମିଶାଇ ଆଖିକୁ ଧୋଇଲେ । ଆଖିକୁ ଆରାମ ମିଳିବା ସହ ଆଖିକୁ ସବୁକିଛି ସ୍ପଷ୍ଟ ଭାବରେ ଦେଖା ମଧ୍ୟ ଯାଇଥାଏ ।
- ଯେଉଁ ବ୍ୟକ୍ତି ମଧୁମେହ ସମସ୍ୟାରେ ପୀଡିତ ରହିଥାନ୍ତି । ସେମାନେ ପ୍ରତିଦିନ ଆଲୋଭେରା ଜୁସ ପିଇ ଦ୍ୱାରା ସେମାନଙ୍କର ବହୁ ମାତ୍ରାରେ ସୁଗାର ନିୟନ୍ତ୍ରିତ ହୋଇକି ରହିଥାଏ ।
- ଦାନ୍ତ ପାଇଁ ମଧ୍ୟ ଆଲୋଭେରା ଲାଭକାରୀ ହୋଇଥାଏ । ଦାନ୍ତ ମୂଳରେ ଆଲୋଭେରା ଜେଲ୍ ଲଗାଇବା ଦ୍ୱାରା ଦାନ୍ତ ମୂଳ ମଜଭୁତ ରହିବା ସହ ଦାନ୍ତ ମୂଳ ପୋକ ମଧ୍ୟ କାଟିନଥାଏ ।
- କେଶ ପାଇଁ ମଧ୍ୟ ଆଲୋଭେରା ବରଦାନ ସ୍ୱରୂପ ହୋଇଥାଏ । କେଶ ଝଡୁଥିଲେ, କି କେଶରେ ରୂପୀ ଭଳି ସମସ୍ୟା ରହୁଥିଲେ । ୨ ଚାମଚ ଆଲୋଭେରା ଜେଲ୍ ସହ କଣ୍ଡିସନରମିଶାଇ ଲଗାଇବା ଦ୍ୱାରା ରୂପୀ ସମସ୍ୟା ଦୂର ହୋଇଥାଏ। ଏହା ସହ କେଶ ମଜବୁତ ଓ ଚମକଦାର ମଧ୍ୟ ହୋଇଥାଏ ।
- ଶରୀରର ଯଦି କୌଣସି ସ୍ଥାନରେ କ୍ଷତ ହୋଇଯାଇଥାଏ । ବା ସେହି ସ୍ଥାନଟି ଜଳାପୋଡା ହେଉଥିବ ତେବେ ସେହି ସ୍ଥାନରେ ଆଲୋଭେରା ଜେଲ୍ ଲଗାଇ ଦିଅନ୍ତୁ । ଏପରି କରିବା ଦ୍ୱାରା କ୍ଷତ ସ୍ଥାନଟିକୁ ଆରାମ ମିଳିବା ସହ କ୍ଷତ ଖୁବ ଶୀଘ୍ର ଭଲ ହୋଇଯାଇଥାଏ ।
- ଆଣ୍ଠୁ ଓ ଗଣ୍ଠି ସ୍ଥାନରେ ଆଲୋଭେରା ଜେଲର ମାଲିସ ଦ୍ୱାରା ଗଣ୍ଠି ସ୍ଥାନରେ ହେଉଥିବା ଦରଜ ଓ ଯନ୍ତ୍ରଣାରୁ କିଛି ଉପଶମ ମିଳିଥାଏ । ତେବେ ଆଲୋଭେରା ଆମ ଶରୀର ପାଇଁ ବହୁତ ଲାଭକାରୀ ପଦାର୍ଥ ଅଟେ ।

କେଉଁ ଦିଗରେ ରଖିବେ କଇଁଚି

କଇଁଚି ପ୍ରତି ଘରେ ଦେଖିବାକୁ ମିଳିଥାଏ। ବାସ୍ତୁଶାସ୍ତ୍ର ଅନୁସାରେ, କଇଁଚିକୁ ଭୁଲ ଦିଗରେ ରଖିବା ଦ୍ୱାରା ଜୀବନରେ ସମସ୍ୟା ସୃଷ୍ଟି ହୁଏ। ଅନ୍ୟପକ୍ଷରେ କଇଁଚକୁ କେତୁର ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ କୁଣ୍ଡଳୀରେ କେତୁ ଖରାପ୍ ଥଲେ, କୌଣସି ଧାରୁଆ ଜିନିଷକୁ ସଠିକ୍ ଦିଗରେ ରଖିବା ଜରୁରୀ।

- କଇଁଚିକୁ ଦକ୍ଷିଣ-ପଶ୍ଚିମ ଦିଗରେ ନଚେତ୍ ଉତ୍ତର ପଶ୍ଚିମ ଦିଗରେ ରଖନ୍ତୁ।
- ଏହାକୁ ସବୁବେଳେ ବାକ୍ସ ଭିତରେ ରଖିବା ଭଲ।
- ଏହାକୁ କଦାପି ଝୁଲାଇ ରଖନ୍ତୁ ନାହିଁ।
- କଇଁଚିକୁ ଉତ୍ତରପୂର୍ବ ଦିଗରେ ରଖିଲେ ମାନସିକ ଅଶାନ୍ତି ଦେଖାଯାଏ।
- ପଶ୍ଚିମ ଦିଗରେ କଇଁଚି ରଖିଲେ ଆର୍ଥିକ ସମସ୍ୟା ସାମ୍ନା କରିବାକୁ ପଡେ।

ଖୁବଶୀଘ୍ର ଆସିବ 'ବଜରଙ୍ଗୀ ଭାଇଜାନ ୨'

ସଲମାନ ଖାନଙ୍କ କ୍ୟାରିୟରର ସବୁଠାରୁ ସଫଳ ଚଳଚ୍ଚିତ୍ର ମଧ୍ୟରୁ ୨୦୧୫ର 'ବଜରଙ୍ଗୀ ଭାଇଜାନ' ହେଉଛି ଅନ୍ୟତମ । ଏହି ଚଳଚ୍ଚିତ୍ରଟିର କାହାଣୀ ସଲମାନ ଖାନଙ୍କ ପ୍ରଶଂସକଙ୍କ ଆଖିରେ ଲୁହ ଆଣିଦେଇଥିବା ସହ ବକ୍ସ ଅଫିସରେ ମଧ୍ୟ ଭଲ ଆୟ କରିଥିଲା। ସାରା ବିଶ୍ୱରେ ଏହି ଚଳଚ୍ଚିତ୍ରଟି ରେକର୍ଡ କରିଥିଲା । ତେବେ ଏହାରି ଭିତରେ ଆସିଛି ଏକ ବଡ ଖବର । ସଲମାନଙ୍କ ପ୍ରଶଂସକଙ୍କ ପାଇଁ ଆସିଛି ଖୁସି ଖବର । ଖୁବଶୀଘ୍ର ବଡ ପରଦାକୁ ଆସିବ 'ବଜରଙ୍ଗୀ ଭାଇଜାନ ୨' । କୁହାଯାଉଛି ଯେ, 'ବଜରଙ୍ଗୀ ଭାଇଜାନ ୨'ର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇସାରିଛି। ବର୍ତ୍ତମାନ କେବଳ ସଲମାନଙ୍କ ମତକୁ ଅପେକ୍ଷା ରହିଛି । ସଲମାନଙ୍କ ମତ ମିଳିବା ପରେ ଏହି ଚଳଚ୍ଚିତ୍ରର ପ୍ରସ୍ତୁତି ଆରମ୍ଭ ହେବ । କବୀର ଖାନଙ୍କ ନିର୍ଦ୍ଦେଶିତ 'ବଜରଙ୍ଗୀ ଭାଇଜାନ'ର କାହାଣୀ ଲେଖିଥିଲେ ବିଜୟେନ୍ଦ୍ର ପ୍ରସାଦ। ବିଜୟେନ୍ଦ୍ର ପ୍ରସାଦ ଦକ୍ଷିଣର ଜଣେ ଜଣାଶୁଣା ଲେଖକ ଏବଂ ତାଙ୍କ ଦ୍ୱାରା ଲିଖିତ ଚଳଚ୍ଚିତ୍ରଗୁଡ଼ିକ ବକ୍ସ ଅଫିସରେ ଭଲ ରେକର୍ଡ ସୃଷ୍ଟି କରିଛି । ନିର୍ଦ୍ଦେଶକ ଏସ୍ ରାଜାମୌଲୀଙ୍କ ପିତା ବିଜୟେନ୍ଦ୍ର ପ୍ରସାଦ । 'ବାହୁବଳୀ' ପରି ବ୍ଲକବଷ୍ଟର ଫିଲ୍ମର ଲେଖକ ମଧ୍ୟ ଥିଲେ ବିଜୟେନ୍ଦ୍ର । ଏବେ ସେ 'ବଜରଙ୍ଗୀ ଭାଇଜାନ ୨' ର କାହାଣୀ ଲେଖୁଛନ୍ତି । ନିକଟରେ ତେଲୁଗୁ ଚଳଚ୍ଚିତ୍ର ନିର୍ମାତା କେ.କେ ରାଧାମୋହନ 'ବଜରଙ୍ଗୀ ଭାଇଜାନ ୨'କୁ ନେଇ କହିଛନ୍ତି ଯେ, "ବିଜୟେନ୍ଦ୍ର ପ୍ରସାଦ 'ବଜରଙ୍ଗୀ ଭାଇଜାନ ୨' ର ସ୍କ୍ରିପ୍ଟ ଲେଖୁଛନ୍ତି । ବର୍ତ୍ତମାନ କେବଳ ସଲମାନଙ୍କ ମତାମତକୁ ଅପେକ୍ଷା ।" ସୂଚନାଯୋଗ୍ୟ ଯେ, ୨୦୧୫ରେ ମୁକ୍ତିଲାଭ କରିଥିଲା ସଲମାନ ଖାନଙ୍କ 'ବଜରଙ୍ଗୀ ଭାଇଜାନ' । ସଲମାନ ଖାନଙ୍କ ବ୍ୟତୀତ କରୀନା କପୁର ଖାନ, ନୱାଜୁଦ୍ଦିନ ସିଦ୍ଦିକି ଏବଂ ହର୍ଷଲି ମଲହୋତ୍ରା ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ୨୦୧୫ର ସର୍ବାଧିକ ଆୟ କରିଥିବା ଚଳଚ୍ଚିତ୍ର ଥିଲା 'ବଜରଙ୍ଗୀ ଭାଇଜାନ' । ଓଗଉଭ ଅନୁଯାୟୀ, 'ବଜରଙ୍ଗୀ ଭାଇଜାନ' ୯୦ କୋଟି ଟଙ୍କା ବଜେଟରେ ପ୍ରସ୍ତୁତ ହୋଇଥିବାବେଳେ ବକ୍ସ ଅଫିସରେ ୯୨୨ କୋଟି ଟଙ୍କା ଆୟ କରିଥିଲା ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ବଲାଙ୍ଗିର (ଭାସ୍କର ନ୍ୟୁଜ୍): ବଲାଙ୍ଗିରରେ ସକାଳ ୮ଟା ସୁଦ୍ଧା ୩୮ ଡିଗ୍ରୀ ଉପରେ ସହରର ତାପମାତ୍ରା ରେକର୍ଡ ହୋଇଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ବଲାଙ୍ଗିର ସହରର ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିବା ବେଳେ ବିଭିନ୍ନ ପୋଖରୀ ଓ ଜଳାଶୟ ସୁଖିଯାଇଥିବାରୁ ଜୀବଜନ୍ତୁ, ପଶୁ, ପକ୍ଷୀ ପାଣି ପାଇଁ ଆଉଟୁପାଉଟୁ । ଆଜି ବଲାଙ୍ଗିର ସହରର ପକ୍ଷୀପ୍ରେମୀ ଓ ବୁଦ୍ଧିଜୀବୀଙ୍କ ସମେତ ଅଭିନୟ ପ୍ରୟାସରେ ବଲାଙ୍ଗିର ଆର୍‌ଟିଓ ଅଫିସ ନର୍ସରି ପର୍ଯ୍ୟନ୍ତ ବିଭିନ୍ନ ଗଛରେ ମାଟି ପାତ୍ରରେ ପାଣି ରଖାଯାଇଥିବା ବେଳେ ସଚେତନତା ପ୍ରୟାସ ଚାଲିଛି । ଘରର ଛାତ ଉପରେ ପାଣି ରଖିବା ପାଇଁ ଦାବି କରାହୋଇଛି । ବିଭିନ୍ନ ପକ୍ଷୀ ପ୍ରଜାତିର ଆଗମନ ହେଉଥିବା ବେଳେ ପ୍ରଚଣ୍ଡ ଖରାରେ ରକ୍ଷା କରିବା ପାଇଁ ପାଣି ଟୋପିଏ ରଖିବା ପାଇଁ ପରିବେଶ ପ୍ରେମୀ ଦାବି କରିଛନ୍ତି । ଗଛମାନଙ୍କରେ ବିଭିନ୍ନ ବିଜ୍ଞାପନକୁ ଲଗାଇବା ପାଇଁ ନିଷେଧ କରାଯାଇଥିବା ବେଳେ ଏ ବିଷୟରେ ବନବିଭାଗ ସହ ଆଲୋଚନା କରି ଏକ କମିଟି ଗଠନ କରାଯିବ । ଆଗାମୀ ଦିନରେ ସମ୍ବଲପୁର ରାସ୍ତା, ପାଟଣାଗଡ ରାସ୍ତା, ସୋନପୁର ରାସ୍ତା ବିଭିନ୍ନ ଗଛରେ ପାଣିପାତ୍ର ରଖାଯିବ ବୋଲି ଆଲୋଚନା ହୋଇଥିଲା । ଏ ବର୍ଷ ୫୦୦ରୁ ଅଧିକ ମାଟିପାତ୍ର ରଖାଯିବ । ଜଙ୍ଗଲ ସୁରକ୍ଷା କମିଟିର ସଭାପତି କୁଳମଣି ସାହୁ, ଶଚିକାନ୍ତ ନାଏକ, ପ୍ରଶାନ୍ତ ମହାକୁର, ନାଗରିକ କମିଟିର ସଂପାଦକ ମଧୁସୂଦନ ନାୟକ, ଚିଣ୍ଟୁ ସାହୁ, ନିଳମ ପରିଡା, ବରିଷ୍ଠ ନାଗରିକ କମିଟିର ସୁରେନ୍ଦ୍ର ନେଗୀ, ନରେନ୍ଦ୍ର କବାଟ ଉପସ୍ଥିତ ଥିଲେ ।

ଜାତୀୟ ରେଫରୀ ଭାବେ ଉତ୍ତୀର୍ଣ୍ଣ ହେଲେ ଉତ୍କଳମଣି ବେହେରା

କରଞ୍ଜିଆ (ଭାସ୍କର ନ୍ୟୁଜ୍): ସର୍ବଭାରତୀୟ ଫୁଟବଲ ଫେଡେରେସନ ଆନୁକୂଲ୍ୟରେ ମଧ୍ୟପ୍ରଦେଶ ଗ୍ୱାଲିଅରଠାରେ ଅନୁଷ୍ଠିତ ଜାତୀୟ ରେଫେରୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ସାରଙ୍ଗଗଡ଼ ପଞ୍ଚାୟତ ର ଉତ୍କଳମଣି ବେହେରା କୃତକାର୍ଯ୍ୟ ହୋଇ ଏହି ଅଞ୍ଚଳ ପାଇଁ ଗୌରବ ଆଣି ପାରିଛନ୍ତି । ଆଜି କରଞ୍ଜିଆ କ୍ରୀଡା ସଂସଦ ଗୃହ ରେ ଉପ ସଭାପତି ଜନାର୍ଦ୍ଦନ ଚୌଧୁରୀ ଙ୍କ ସଭାପତିତ୍ୱରେ ଏକ ଶୁଭେଚ୍ଛା ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀ ବେହେରା ୨୦୧୫ ମସିହାରେ ଜିଲ୍ଲାସ୍ତର ରେ ,୨୦୧୭ ମସିହାରେ ରାଜ୍ୟସ୍ତରରେ ଓ ୨୦୨୪ ମସିହାରେ ଜାତୀୟ ସ୍ତର ରେଫେରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବର୍ତ୍ତମାନ ସେ ମୟୂରଭଞ୍ଜ

କରଞ୍ଜିଆ କ୍ରୀଡ଼ା ସଂସଦର ଶୁଭେଚ୍ଛା

ରେଫେରୀ ସଂଘର ସାଧାରଣ ସମ୍ପାଦକ ଥିବା ସହିତ କେନ୍ଦୁଝର ଜିଲ୍ଲା ବଡ଼ବିଲ ଜିନ୍ଦଲ ଷ୍ଟିଲ ସ୍ପୋର୍ଟସ ହଷ୍ଟେଲ ରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟରତ । ତାଙ୍କ ସଫଳତା ବିଷୟରେ ସଂସଦ ର ଆଜୀବନ ସଭ୍ୟ ଗଜେନ୍ଦ୍ର ନାଥ ସାହୁ, ଗୌରୀ ଶଙ୍କର ସିହ୍ନା,ଅଭିମନ୍ୟୁ ତ୍ରିପାଠୀ, କାବୁଲୁ ଚନ୍ଦ୍ର ରାଉଳ, ସନ୍ତୋଷ କୁମାର ଦାସ, ମନମୋହନ ସାମଲ, ନଳିନୀ ଚନ୍ଦ୍ର ଘଣା, ଶ୍ରୀକାନ୍ତ ପରିଡ଼ା, ସୁବାସ ଚନ୍ଦ୍ର ମହାନ୍ତି,ଦୀପକ କୁମାର ଦାସ ଅଧିକାରୀ, ବିଶ୍ୱଜିତ ଦାସ ଅଧିକାରୀ ଆଦି ଆଲୋଚନା କରିଥିଲେ । ଶେଷରେ ସଂସଦର ସମ୍ପାଦକ ପ୍ରଭାକର ବାଗସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟ ସଭା

ପୁରୀ (ଭାସ୍କର ନ୍ୟୁଜ୍): ବିଗତ ବର୍ଷ ମାନଙ୍କରେ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା । ଚଳିତ ରଥଯାତ୍ରା ରେ ମଧ୍ୟ ଅନୁରୂପ ଉଲ୍ଲେଖନୀୟ ସେବା ଯୋଗାଇ ଦେବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି ।ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ । ତେଣୁ ସ୍ୱେଚ୍ଛାସେବୀମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଏସପି ପିନାକ ମିଶ୍ର ରଥଯାତ୍ରା ସମୟରେ ଏକୁଟିଆ ପ୍ରଶାସନ ବା ପୋଲିସ ଲକ୍ଷ ଲକ୍ଷ ସଂଖ୍ୟା ରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସମ୍ଭବ ନୁହେଁ । ଏଥିପାଇଁ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ସେବା,ରକ୍ତଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଂଚନ,ରାସ୍ତା ଘାଟ ପରିଷ୍କାର,ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡ, ସମୁଦ୍ର କୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡ ରୁ ବୁଲା ଗାଈଗୋରୁ ଓ ଷଣ୍ଢ କୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଇତ୍ୟାଦିକୁ ସ୍ୱେଚ୍ଛାସେବୀମାନେ ପରିଚାଳନା କରିବେ ବୋଲି ଆଲୋଚନା କରାଗଲା । ଏହି କାର୍ଯ୍ୟ କୁ ବିଭିନ୍ନ ସବକମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସର ଙ୍କ ତତ୍ତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୁଷ୍ଟି, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର,ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା,ଏ ଡ଼ି ଏମ ଓ ଡା ବିରଜା ଶଙ୍କର ରଥ,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମତାମତ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ପ୍ରଫୁଲ୍ଲ କୁମାର ମିଶ୍ର,ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଅନ୍ୟାନ୍ୟ ବିଭାଗର ଅଧିକାରୀ ଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ବିବିଧ ପ୍ରସ୍ତାବମାନ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ମାନଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ବୋଲେରୋ ଚୋରି, ଅଭିଯୁକ୍ତ ଗିରଫ

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ଥାନା ବାଂକୋଇ ଫାଣ୍ଡି ଅନ୍ତର୍ଗତ ପାନନଗର ଗ୍ରାମର କରୁଣାକର ଚମ୍ପତିଙ୍କର ଘର ଆଗରୁ ଥୁଆହୋଇଥିବା ବୋଲୋରୋ କମ୍ପାନୀର ଏକ ପିକଅପୟ ଭ୍ୟାନ ଗତ ମାସ ୨୬/୩/୨୪ ହୋଲିଦିନ ରାତିରେ ୪ଜଣ ଅଭିଯୁକ୍ତ ମିଶି ଶ୍ରୀ ସାହୁଙ୍କ ଘର ଆଗରୁ ପିକଅପ ଭ୍ୟାନଟିକୁ ଚୋରିକରି ଥିବା ଅଭିଯୋଗ ରୁ ଜଣା ପଡ଼ିଛି । ଗାଡି ମାଲିକ କରୁଣାକର ଚମ୍ପତି ବାଂକୋଇ ଫାଣ୍ଡିରେ ଗାଡି ନମ୍ବର (ଓଡ଼ ୦୨ଜ ୭୨୮୦)ରେ ଏକ ଲିଖିତ ଅଭିଯୋଗ କରିଥିଲେ । ବାଂକୋଇ ଫାଣ୍ଡି ପୁଲିସ କେଶ ନମ୍ବର ୭୮/୨୪ ରେ ମାମଲା ରୁଜୁ କରି ତଦନ୍ତ ଚଳାଇ କରୁଣାକର ଚମ୍ପତିଙ୍କ ଘର ଆଗରେ ଥିବା ସିସିଟିଭି ଫୁଟେଜରୁ ମିଳିଥିବା ପ୍ରମାଣକୁ ଭିତ୍ତି କରି ୩ ଜଣ ଅଭିଯୁକ୍ତ ଦୀପକ ସାହୁ (୨୪)୬/୪/୨୪ରେ ବାବୁ ରାଓ ଆଚାରୀ (୨୩), ତପନ ମଲ୍ଲିକ ଅରଫ ହାପି (୨୫) ଙ୍କୁ ୧୦/୪/୨୪ତାରିଖରେ ଧରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅନିଲ ସାହୁ (୨୪) ଫେରାର ଥିଲା । ଗତ କାଲି ବାଂକୋଇ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ଆନ୍ଧ୍ରପ୍ରଦେଶରୁ ଅନୀଲ ସାହୁ (୨୪) ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି । ୪ ଜଣ ଅଭିଯୁକ୍ତ ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳା ଗ୍ରାମ ର ବୋଲି ଜଣାପଡିଛନ୍ତି । ଅନିଲ ସାହୁ ଙ୍କୁ ବାଂକୋଇ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ ଗାଡି ସମ୍ପର୍କରେ ପଚାରିବାରୁ ସେ ଗାଡି କୁ ବିକ୍ରି କରିଦେଇଛି ବୋଲି କହିଛି । ଅଭିଯୁକ୍ତଙ୍କୁ ଧରିବାରେ ଏଏସଆଇ ତୁଷାରକାନ୍ତ ନାୟକ ଓ କନେଷ୍ଟବଳ ନର୍ମଦା ପ୍ରଧାନ ସକ୍ଷମ ହୋଇଥିଲେ । ଏ ନେଇ ଗାଡି ମାଲିକ ବାଂକୋଇ ଫାଣ୍ଡିଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲା ବେଳେ ପୁଲିସ ଗାଡିଟିକୁ ଏଯାବତ ଜବତ କରିନାହିଁ ବୋଲି ଦୁଃଖ ପ୍ରକାଶ କରିଛନ୍ତି ।

ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଗୁରୁତର

ବୈଶିଙ୍ଗା (ଭାସ୍କର ନ୍ୟୁଜ୍): ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ବୈଶିଙ୍ଗା ଥାନା ଅଧୀନ ବୈଦିପୁର ଗ୍ରାମର ଚକରା ସିଂଙ୍କ ୩୦ବର୍ଷୀୟ ପୁଅ ମନୋରଞ୍ଜନ ସିଂ ଗୁରୁତର । ସୂଚନା ଅନୁଯାୟୀ ମନୋରଞ୍ଜନଙ୍କର ବଡବାପା ଜଳଧରଙ୍କ ଘରେ ବିବାହ ଭୋଜି ଚାଲିଥିବାବେଳେ ସେ ସେଠାରେ ଉପସ୍ଥିତ ରହି ଲୋକଙ୍କ ଖାଇବା ପିଇବା ନେଇ ବୁଝାବୁଝି କରୁଥିଲା । ହେଲେ ହଠାତ୍ ଅନ୍ଧାରର ସୁଯୋଗ ନେଇ କେହି ଜଣେ ଦୁର୍ବୃତ୍ତ କୌଣସି ଅସ୍ତ୍ର ସାହାଯ୍ୟରେ ମନୋରଞ୍ଜନର ପଛପଟ ମଥାରେ ଶକ୍ତ ପ୍ରହାର କରିଥିଲା । କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋରଞ୍ଜନକୁ ପରିବାର ଲୋକ ସ୍ଥାନୀୟ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିବା ବେଳେ ରକ୍ତସ୍ରାବ ବନ୍ଦ ନହୋଇ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ହେଲେ ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲେ ମଧ୍ୟ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବୈଶିଙ୍ଗା ଥାନାରେ କୌଣସି ଅଭିଯୋଗ ହୋଇନାହିଁ କିମ୍ବା ବୈଶିଙ୍ଗା ଡାକ୍ତରଖାନା କର୍ତ୍ତୃପକ୍ଷ ମଧ୍ୟ ବୈଶିଙ୍ଗା ଥାନାକୁ କିଛି ସୂଚନା ଦେଇ ନ ଥିବାର ଜଣାଯାଇଛି । ତେବେ କାହିଁକି କିପରି ଏହି ଘଟଣା ଘଟିଲା ତାହା ତଦନ୍ତ ହେବା ଦରକାର ।

ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ

ବରଗଡ (ଭାସ୍କର ନ୍ୟୁଜ୍): ଆସନ୍ତା ସାଧାରଣ ନିର୍ବାଚନ ଅବସରରେ ବରଗଡ଼ ଜିଲ୍ଲାର ଲୋକସଭା ଓ ବିଧାନସଭାର ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଯାଇଛି । ଏହିକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ନିଜର ସମର୍ଥକ, ପ୍ରସ୍ତାବକଙ୍କ ଗହଣରେ ଭଟଲି ବିଧାନସଭା ବିଜେଡ଼ି ପ୍ରାର୍ଥୀ ସୁଶାନ୍ତ ସିଂ, ବିଜେପୁର ବିଧାନ ସଭା କଂଗ୍ରେସ ପ୍ରାର୍ଥୀ କିଶୋର ଦଫାଦାର ଏବଂ ବରଗଡ଼ ଲୋକସଭା କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଭୋଇ ନାମାଙ୍କନପତ୍ର ଦାଖଲ କରିଛନ୍ତି । ପ୍ରକାଶ ଥାଉକି ଆସନ୍ତା ମେ ୨୦ ତାରିଖରେ ବରଗଡ଼ରେ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।

ୱଣ୍ଡର ୱାର୍ଲ୍ଡର ବ୍ରାଣ୍ଡ ଆମ୍ବାସଡାର ହେଲେ ଡେଜୀ ଶାହ

ପୁରୀ (ଭାସ୍କର ନ୍ୟୁଜ୍): ଓଡ଼ିଶାର ସର୍ବବୃହତ ତଥା ଦେଶର ଅନ୍ୟତମ ପ୍ରସିଦ୍ଧ ୱାଟର ପାର୍କ ୱାଟର ପାର୍କ ପାଇଁ ଏକ ଆନନ୍ଦର ଦିବସ । ଏହି ପାର୍କର ବ୍ରାଣ୍ଡ ଆମ୍ବାସାଡ଼ାର ହୋଇଛନ୍ତି ବଲିଉଡ଼ର ପ୍ରସିଦ୍ଧ ତଥା ଯୁବପିଢ଼ିର ଅଭିନେତ୍ରୀ ଡେଜି ଶାହ । ଏ ନେଇ ୱାଟର ପାର୍କ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପାର୍କର ପ୍ରତିଷ୍ଠାତା ନାରାୟଣ ପାତ୍ର । ସେ କହିଛନ୍ତି ଆମ ପାଇଁ ଏକ ଗୌରବ ତଥା ଐତିହାସିକ ଦିନ । ଆମେ ଆମ ୱାଟର ପାର୍କର ବ୍ରାଣ୍ଡ ଆମ୍ବାସାକାର ଭାବେ ଡେଜି ଶାହଙ୍କୁ ନିଯୁକ୍ତି ଦେଇଛୁ । ଆଶା କରୁଛୁ ତାଙ୍କର ଏହି ସହଯୋଗ ୱାଟର ପାର୍କକୁ ଆଗକୁ ବଢ଼ିବାରେ ଅନେକ ସହଯୋଗ କରିବ । ଏହି ଅବସରରେ ଡେଜି ଶାହା ତାଙ୍କୁ ଏହି ପଦବୀ ପାଇଁ ମନୋନୀତ କରିଥିବାରୁ ସେ ପ୍ରତିଷ୍ଠାତା ତଥା ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ପୁରୀଧାମରେ ଥିବା ଏହି ପାର୍କ ଆଗାମୀ ଦିନରେ କେବଳ ଦେଶରେ ନୁହେଁ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିବ । ପର୍ଯ୍ୟଟକଙ୍କୁ ଏଠାକୁ ଥରେ ନିଶ୍ଚୟ ଆସିବାକୁ ସେ ନିମନ୍ତ୍ରଣ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ରଶ୍ମିବା ପୃଷ୍ଟି, ପ୍ରଶାସନିକ ଅଧିକାରୀ ଗିରିଜା ଶଙ୍କର ରଥ, କେନେରାଲ ମ୍ୟାନେଜର ରାଧାରମଣ ନାୟକ ଓ ସିଇଓ ବିଷ୍ଣୁତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପାଣି ନମିଳିବାରୁ ରାସ୍ତା ଅବରୋଧ

ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ମୁଖ୍ୟ କାର୍ଯ୍ୟାଳୟକୁ ଲାଗିଥିବା ଦୁଇ ଟି ଗ୍ରାମପଞ୍ଚାୟତ ର ଦୁଇଟି ଗ୍ରାମର ବାସିନ୍ଦା ମାନେ ବ୍ଲକ ପ୍ରଶାସନ ର ପ୍ରତିଶ୍ରୁତି ୪୫ ଦିନ ପରେ ମଧ୍ୟ ପାନୀୟ ଜଳ ନପାଇବାରୁ ଆଜି ବେତନଟୀ - ମେର୍ଦା ରାସ୍ତର ବାହାନଡା ନିକଟରେ ଏହି ଗ୍ରାମବାସୀମାନେ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ଦୁଇ ଘଣ୍ଟା ପରେ ବେତନଟୀ ବ୍ଲକ ପ୍ରଶାସନ ଅବରୋଧ କାରୀଙ୍କ ନିକଟରେ ପହଞ୍ଚିଥିଲେ । ବ୍ଲକ ପ୍ରଶାସନ ଅଧିକାରୀ ଙ୍କ ସହ ଗ୍ରାମବାସୀ ଙ୍କ ର ଆଲୋଚନା ପରେ ତିନି ଦିନ ମଧ୍ୟରେ ଗ୍ରାମବାସୀ ମାନଙ୍କୁ ପାନୀୟ ଜଳ ଯୋଗାଣ ପ୍ରତିଶ୍ରୁତି ପରେ ଏହି ରାସ୍ତା ଅବରୋଧ ହଟିଥିଲା । ମିଳିଥିବା ସୂଚନା ଅନୁସାରେ ବେତନଟୀ ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଓ ସୋଠିଲ ପଞ୍ଚାୟତ ର ୪ ନମ୍ବର ୱାର୍ଡ ର ଅଧୀବାସୀ ମାନେ ବେତନଟୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ରୁ ଦୀର୍ଘ ଦିନ ଧରି ପାଣି ନେଉଥିବା ବେଳେ କେତେକ ପାଇପ ବିଛାଣ ସମସ୍ୟା ଯୋଗୁଁ ଗ୍ରାମବାସୀମାନେ ପାଣି ନପାଇ ଡହଳ ବିକଳ ହେଉଥିଲେ ।୪୫ ଦିନ ପୂର୍ବରୁ ଗ୍ରାମବାସୀ ମାନେ ବେତନଟୀ - ମେର୍ଦା ରାସ୍ତା ଅବରୋଧ

ପ୍ରତିଶ୍ରୁତିକୁ ବିତିଲା ୪୫ ଦିନ

କରିଥିଲେ । ଅବରୋଧ ପରେ ତତ୍କାଳୀନ ବେତନଟୀ ବିଡ଼ିଓ ୪୮ ଘଣ୍ଟା ମଧ୍ୟରେ ପାନୀୟ ଜଳ ଯୋଗାଣ ର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ପରେ ଏହି ଅବରୋଧ ହଟିଥିଲା । ମାତ୍ର ଗ୍ରାମବାସୀ ମାନେ ପାନୀୟ ଜଳ ର ସୁବିଧା ପାଇନଥିବାରୁ ପୂନର୍ବାର ଆଜି ସେହି ରାସ୍ତା କୁ ମହିଳା ମାନେ ଗୋଗରା ଓ ବାଲ୍ଟି ଧରି ଧାରଣା ରେ ବସିଥିଲେ । ଖବର ପାଇ ବେତନଟୀ ବିଡିଓ ଗୋପିନାଥ ଖାକା , ସହାକାରୀ ନିର୍ବାହୀ ଯନ୍ତ୍ରୀ ସୈମ୍ୟଶ୍ରୀ ଭୋଇ, ଜଳ ଯୋଗାଣ ପରିବହନ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ନାଏକ, ବେତନଟୀ କନିଷ୍ଠ ଯନ୍ତ୍ରୀ, ବିଜେଡି ର ବରଷ୍ଠ ନେତା ଜ୍ୟୋତିକାନ୍ତ ସାମଲ , ସମେତ ବେତନଟୀ ଥାନା ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀମାନଙ୍କୁ ବୁଝାସୁଝା କରିବା ସହିତ ତିନି ଦିନ ପରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେବ ଓ ଶନିବାର ଠାରୁ ପାଇପ ଲାଇନ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ମାନେ ରାସ୍ତାରୋକ ଉଠିଥିଲା ।

ବୈଶିଙ୍ଗା-ରୁପ୍‌ସା ରାସ୍ତା ପାଲଟିଛି ମରଣଯନ୍ତା

ବୈଶିଙ୍ଗା (ଭାସ୍କର ନ୍ୟୁଜ୍): ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପୂର୍ବରୁ ପ୍ରଥମେ ଗମନାଗମନ ବ୍ୟବସ୍ଥାକୁ ବିଚାରକୁ ନିଆଗଲେ ରାସ୍ତାକାମ ନାମରେ କେବଳ ଅର୍ଥ ହରିଲୁଟ୍ ହୋଇଥିବାର ଜଣାଯାଏ ।ଯେଉଁ ରାସ୍ତା ତିଆରି ହେବାକୁ ତିନି ମାସ ସମୟ ଲାଗେ ସେ ସେହି ରାସ୍ତା ତିନି ମାସରେ ମଧ୍ୟ ନଷ୍ଟ ହୋଇଯାଇଥାଏ । ଏହାର ପ୍ରମାଣ ସ୍ୱରୂପ ବୈଶିଙ୍ଗା -ରୁପ୍ସା ରାସ୍ତାର ଅବସ୍ଥାକୁ ଦେଖିଲେ ଯାଇ ବୁଝାପଡିବ । ବୈଶିଙ୍ଗା ଠାରୁ ଅଷ୍ଟପୁରା ପର୍ଯ୍ୟନ୍ତ